

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୪ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 04 FEBRUARY 2023
Vol.No. 34 ■ No. 33 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦ୍ରୁତ ବେଗରେ ହ୍ରାସ ପାଇବାରେ ଲାଗିଛି ଆଦାନୀ ଗ୍ରୁପ ସେୟାର

# ଧନୀ ତାଲିକାରେ ୨୨ ନମ୍ବର ସ୍ଥାନକୁ ଖସିଲେ ଆଦାନୀ



ନୂଆଦିଲ୍ଲୀ,୦୩/୦୨: ହିଣ୍ଡେନବର୍ଗ ରିପୋର୍ଟ ପରେ ଦ୍ରୁତ ବେଗରେ ହ୍ରାସ ପାଇବାରେ ଲାଗିଛି ଆଦାନୀ ଗ୍ରୁପ୍ର ସେୟାର ମୂଲ୍ୟ । ଯାହାର ପ୍ରଭାବ ଆଦାନୀ ଗ୍ରୁପର ମୋଟ୍ ଆୟରେ ବି ପରିଲକ୍ଷିତ ହୋଇଛି । ଶୁକ୍ରବାର ଆସିଥିବା ଏକ ରିପୋର୍ଟ ଅନୁସାରେ ଆଦାନୀ ଗ୍ରୁପର ମୋଟ ଆୟ ଏବେ ୮ ଲକ୍ଷ କୋଟିକୁ ଖସିଥିବା ଜଣାପଡିଛି । ଏହାରି ସହିତ ବିଶ୍ୱର ଧନୀ ତାଲିକାରେ ଶ୍ରେଷ୍ଠ ୨୨ନମ୍ବର ସ୍ଥାନକୁ ଖସି ଆସିଛି ଗୌତମ ଅଦାନୀଙ୍କ ସ୍ଥାନ । ୨୦୨୨ ବିଶ୍ୱର ଏକ ନମ୍ବର ଧନୀ ମାନ୍ୟତା ପାଇଥିବା ଗୌତମ ଆଦାନୀ ଏବେ ଧନୀ ତାଲିକାରେ ଶ୍ରେଷ୍ଠ ୨୦ ଜଣଙ୍କ ଭିତରେ ବି ନାହାଁନ୍ତି । ସେପଟେ ଅଦାନୀ ଗ୍ରୁପକୁ ସଂସଦରେ ବିରୋଧୀର ହଙ୍ଗାମା ଭିତରେ ପ୍ରଥମ କରି କେନ୍ଦ୍ର ସରକାର ତରଫରୁ ପ୍ରତିକ୍ରିୟା ଆସିଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, ଏହି ମାମଲାରେ ସରକାଙ୍କ କୌଣସି ଲେଣଦେଣ ନାହିଁ । ଗୁରୁବାର ୬୪.୭ ଅରବ ଡଲାର ସହିତ ବିଶ୍ୱର ଧନୀ ତାଲିକାର ୧୬ ନମ୍ବର ସ୍ଥାନରେ ରହିଥିଲେ ଗୌତମ ଆଦାନୀ । ହେଲେ ମାତ୍ର ୨୪ ଘଣ୍ଟା ଭିତରେ ଆଦାନୀ ସେୟାରରେ ଏଭଳି ସୁନାମୀ ଆସିଲା ଯେ, ୧୬ ନମ୍ବରରୁ ୨୨ ତମ ସ୍ଥାନକୁ ଖସି ଆସିଛନ୍ତି ଆଦାନୀ । ଗତ ଏକ ସପ୍ତାହ ଭିତରେ ଗୌତମ ଆଦାନୀଙ୍କ କମ୍ପାନୀ ଗୁଡିକର ସେୟାର ଦ୍ରୁତବେଗରେ ହ୍ରାସ ପାଉଥିବା ଦେଖିବାକୁ ମିଳିଛି । ଗୁରୁବାର ସେୟାର ବଜାର ବନ୍ଦ ହେବା ବେଳକୁ ଆଦାନୀ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ର ସେୟାର ୨୧.୬୧% ହ୍ରାସ ପାଇ ୧,୬୯୪ ଟଙ୍କା, ଆଦାନୀ ପାୱାର ଲିମିଟେଡ୍ର ସେୟାର ୪.୯୮% ହ୍ରାସ ପାଇ ୨୦୨ ଟଙ୍କା ଏବଂ ଆଦାନୀ ୱିଲମାର ଲିମିଟେଡ୍ ୫% ହ୍ରାସ ପାଇ ୪୨୧ ଟଙ୍କା ରେକର୍ଡ ହୋଇଛି । ଆମେରିକୀୟ ଫରେନସିକ୍ ଫାଇନାନସିଆଲ କମ୍ପାନୀ ହିଣ୍ଡେନବର୍ଗ, ଆଦାନୀ ଗ୍ରୁପ୍କୁ ନେଇ ଅନେକ ପ୍ରଶ୍ନ ଉଠାଇଥିଲେ । ଏଥିରେ ମୋଟ ୮୮ଟି ପ୍ରଶ୍ନ ଆଦାନୀ ଗ୍ରୁପ୍ ଉପରେ ଉଠାଯାଇଛି । ୨୪ ଜାନୁଆରୀରେ ଆଦାନୀ ଗ୍ରୁପ ନାଁରେ ଆସିଥିବା ଏହି ରିପୋର୍ଟରେ କୁହାଯାଇଛି ଆଦାନୀ ଗ୍ରୁପ୍ ଏହାର ଅଂଶଧନ ମୂଲ୍ୟ ବୃଦ୍ଧି ପଛରେ ଆକାଉଣ୍ଟିଂ ଠକେଇ କରିଛି । ତେବେ ଗୌତମ ଆଦାନୀ ଏହି ରିପୋର୍ଟକୁ ଭୁଲ ବୋଲି କହିଛନ୍ତି ।

## କେନ୍ଦ୍ରୀୟ ବଜେଟରେ ଓଡିଶାକୁ ୧୦ ହଜାର ୧୨ କୋଟି ଟଙ୍କାର ବ୍ୟବସ୍ଥା : ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ,୦୩/୦୨: ଚଳିତ ବର୍ଷ କେନ୍ଦ୍ରୀୟ ବଜେଟରେ ଓଡିଶାରେ ରେଳ ବାବଦରେ ରାଜ୍ୟ ସରକାର ରାଜ୍ୟ ସରକାର ମାଗିଥିଲେ ୮ ହଜାର ୪୦୦ କୋଟି ଦାବି କରିଥିବା ବେଳେ କେନ୍ଦ୍ର ସରକାର ତା ଠାରୁ ଅଧିକ ରାଶିର ବ୍ୟବସ୍ଥା କରିଛନ୍ତି । କେନ୍ଦ୍ରୀୟ ବଜେଟରେ ଓଡିଶାକୁ ୧୦ ହଜାର ୧୨ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ନୂଆଦିଲ୍ଲୀ ଠାରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ ଏହା କହିଛନ୍ତି । ସେ କହିଛନ୍ତି ଯେ କେନ୍ଦ୍ର ସରକାର ନୂଆ ଲାଇନ ପାଇଁ ୨୫୬୪ କୋଟି, ଡବଲିଂ ପାଇଁ ୩୮୦୦ କୋଟି ଦେଇଛନ୍ତି । ଚଳିତ ବର୍ଷ ୨୮୦ କିମି ରେଳପଥ ନିର୍ମାଣ କରାଯିବ ।୫୭ଟି ଷ୍ଟେସନର ଆଧୁନିକୀକରଣ କରାଯିବ । ସେହିପରି ପୂର୍ବତଟ ରେଳପଥ ଜେନେରାଲ ମ୍ୟାନେଜର ମଧ୍ୟ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି। ପୁରୀ ଲାଗି ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଛି । ବିମାନବନ୍ଦରରୁ ଭକ୍ତମାନେ ବ୍ୟାଟେରୀ ଚାଳିତ ▶▶ପୃଷ୍ଠା ୭

## ୫ ଦିନ ବିତିଗଲା, ହେଲେ ଜଣାପଡିଲାନି ନବ ଦାସଙ୍କ ହତ୍ୟା ପଛର ରହସ୍ୟ

## ଏପଟେ ନିରବତା ଭାଙ୍ଗିଲେ ପୋଲିସ ଡିଜି



ଭୁବନେଶ୍ୱର,୦୩/୦୨ (ନି.ପ୍ର): ମନ୍ତ୍ରୀ ନବ ଦାସଙ୍କ ହତ୍ୟା ପଛର କାରଣ କ'ଣ ? କାହିଁକି ମାରିଲେ ଗୋପାଳ ? ହତ୍ୟାକାଣ୍ଡ ପଛରେ କିଛି ଷଡଯନ୍ତ୍ର ଲୁଚିଛି କି? ଗୋପାଳକୁ ଆଉ କିଏ ସହଯୋଗ କରିଥିଲେ କି? ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ଏମିତି ଏକାଧିକ ପ୍ରଶ୍ନ ଉଠୁଥିବାବେଳେ ପ୍ରେସମିଟ୍ କରି ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ପୋଲିସ ଡିଜି । ଏଭଳି ବଡ ହତ୍ୟାକାଣ୍ଡରେ ସମ୍ପୂର୍ଣ୍ଣ ସତ୍ୟତା ଆସିବା ପାଇଁ ସମୟ ଲାଗିବ ବୋଲି କହିଛନ୍ତି । ନବ ଦାସଙ୍କ ହତ୍ୟା ପରଠାରୁ ମୁହଁ ଖୋଲୁନଥିବା ପୋଲସ୍ ଡିଜି, ୪ଦିନ ପରେ ପ୍ରଥମ ଥର ପାଇଁ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲି ଏମିତି କହିଛନ୍ତି । ନବଙ୍କ ହତ୍ୟାକାଣ୍ଡର କାରଣ କଣ ? ଗୋପାଳ ପଛରେ ଆଉ କିଏ ଅଛି କି ? ସେ ନେଇ ସମସ୍ତଙ୍କ ଭିତରେ ପ୍ରଶ୍ନ ଉଠୁଥିବାବେଳେ ଡିଜି ପ୍ରତିକ୍ରିୟ ରଖିଛନ୍ତି । କହିଛନ୍ତି, ନବ ଦାସଙ୍କ ହତ୍ୟା ମାମଲାର କିଛି ତଥ୍ୟ ହସ୍ତଗତ ହୋଇଛି । ଯାହା ପ୍ରମାଣ ମିଳିଛି ତାକୁ ନେଇ ତଦନ୍ତ ଆଗଉଛି । ସମ୍ପୂର୍ଣ୍ଣ ତଥ୍ୟ ଆସିବାକୁ ସମୟ ଲାଗିବ । ହେଲେ, ଗୋପାଳ କାହିଁକି ନବ ଦାସଙ୍କୁ ଗୁଳି କଲେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଡିଜି କହିଛନ୍ତି, ବେଳେ ବେଳେ ଏମିତି ଘଟଣା ଘଟେ, ଯାହା କେବଳ ଜଗନ୍ନାଥଙ୍କୁ ଛାଡି କେହି ଜାଣି ପାରନ୍ତି ନାହିଁ । କ୍ରାଇମବ୍ରାଂଚ ତଦନ୍ତକୁ ନେଇ ବିଭିନ୍ନ ମହଲରୁ ପ୍ରଶ୍ନ ଉଠୁଥିବାବେଳେ, ବିରୋଧୀ ସିବିଆଇ ତଦନ୍ତ ଦାବି କରୁଥିବାବେଳେ, ତଦନ୍ତକାରୀ ଟିମର ମୁଖ୍ୟଙ୍କୁ ପ୍ରଶଂସା କରିଛନ୍ତି ପୋଲିସ ଡିଜି । କହିଛନ୍ତି, ମାମଲାର ଯାଂଚ ନିଜେ କ୍ରାଇମବ୍ରାଂଚ ଏଡିଜି ଅରୁଣ ବୋଥ୍ରା କରୁଛନ୍ତି । ତାଙ୍କର ସିବିଆଇରେ କାମ କରିବାର ଅଭିଜ୍ଞତା ରହିଛି । ସେ ଦେଶର ଜଣେ ଭଲ ତଦନ୍ତକାରୀ ଅଧିକାରୀ । ▶▶ପୃଷ୍ଠା ୭

## ତାରାଙ୍କ ମୁହଁରେ 'ନବୀନ ଜିନ୍ଦାବାଦ'

### ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାରେ ଶତମୁଖ କଂଗ୍ରେସ ବିଧାୟକ



ଭୁବନେଶ୍ୱର,୦୩/୦୨ (ନି.ପ୍ର): ଅବସର ଥିଲା ଜୟପୁରର ବିକ୍ରମଦେବ ମହାବିଦ୍ୟାଳୟର ୭୫ ତମ ସମାବର୍ତନ ଉତ୍ସବ । ଏଥିରେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ । ୧୯୪୭ ମସିହାରେ ସ୍ଥାପିତ ହୋଇଥିବା ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବାରୁ ସମସ୍ତେ ଥିଲେ ଉତ୍ସବମୁଖର । କିନ୍ତୁ ସବୁଠୁ ଅଧିକ ଚର୍ଚ୍ଚା ହୋଇଥିଲା ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ନେଇ । ଖୋଲା ହୃଦୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ୍ଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ । ତାରା ଯେତେବେଳେ ଜିନ୍ଦାବାଦର ନାରା ଦେଉଥାନ୍ତି, ସମସ୍ତଙ୍କ ମୁହଁରେ ହସ ଦେଖିବବାକୁ ମିଳିଥିଲା । ତେବେ ବିଜେଡି ନେତା ରବିନାରାୟଣ ନନ୍ଦ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା କରିବା ଛଡ଼ା ତାରାଙ୍କ ପାଇଁ ଆଉ ବାଟ ନାହିଁ । ଏହାର ଜବାବରେ ତାରା କହିଛନ୍ତି, ତାଙ୍କ କାମ ଯିଏ ରେ ସେ ତାଙ୍କୁ ପ୍ରଶଂସା କରିଥାନ୍ତି । ପ୍ରଥମେ ସେ ମାଟିକୁ ଭଲ ପାଆନ୍ତି, ପରେ ପାର୍ଟିକୁ । ଏପଟେ ବିକ୍ରମଦେବ କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିବା ପରେ ଅବିଭକ୍ତ କୋଟାପୁଟବାସୀଙ୍କ ସ୍ୱପ୍ନ ସାକାର ହୋଇଛି ।ଫଳରେ ଆଦିବାସୀ ଅଂଚଳର ଛାତ୍ର/ଛାତ୍ରୀମାନଙ୍କୁ ଆଉ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ସମାବର୍ତନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । ଶିକ୍ଷା ଅର୍ଜନ କରିବା ପରେ ସମାଜ ପାଇଁ କାର୍ଯ୍ୟ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ ନବୀନ । ମୁଖ୍ୟମନ୍ତ୍ରୀ କେରାପୁଟ ଗସ୍ତରେ ଯାଇ ଜିଲ୍ଲାର ବିକାଶ ପାଇଁ ୧୧୩ଟି ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ପାନୀୟ ଜଳ, ରାସ୍ତା ଘାଟ ଓ ବ୍ରିଜ ନିର୍ମାଣ କରିବା ପାଇଁ ୧୫୯୬ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି ନବୀନ । ଏହାସହ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରୋତ୍ସାହନ ରଶି ପ୍ରଦାନ କରାଯାଇଥିଲା ।

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ, ମୂଳ ଡକ୍ୟୁମେଣ୍ଟାରୀର କାଗଜପତ୍ର ଦାଖଲ ନିର୍ଦ୍ଦେଶ

ବିବିସି ଡକ୍ୟୁମେଣ୍ଟାରୀ ବିବାଦ



ନୂଆଦିଲ୍ଲୀ,୦୩/୦୨ : ବିବିସି ଡକ୍ୟୁମେଣ୍ଟାରୀକୁ ନେଇ ଦେଖାଦେଇଥିବା ବିବାଦ ଉପରେ ସୁପ୍ରିମକୋଟଙ୍କ ଶୁଣାଣି । ମୂଳ ଡକ୍ୟୁମେଣ୍ଟାରୀର କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ଏଥିପାଇଁ କେନ୍ଦ୍ରକୁ ତିନି ସପ୍ତାହ ଦିଆଯାଇଛି । ତେବେ ଭାରତ ସରାକାର ଏହି ଡକ୍ୟୁମେଣ୍ଟାରୀକୁ ପ୍ରଚାର ପ୍ରସାର ପାଇଁ ବ୍ୟବହାର କରାଯାଉଥିବା କହି ବ୍ୟାନ ଲଗାଇଥିଲେ । ଏବଂ ଏହା ବିରୋଧରେ ଏନ ରାମ, ମହୁଆ ମୋଇତ୍ରା ,ପ୍ରଶାନ୍ତ ଭୂଷଣ ଏବଂ ଏମ ଏଲ ଶର୍ମା। ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିଥିଲେ । ଯେଉଁଥିରୁ ଶୁକ୍ରବାର ୨ଟି ପିଟିସନ ଉପରେ ଶୁଣାଣି କରିଛନ୍ତି ସୁପ୍ରିମକୋର୍ଟ । ଏହି ମାମଲାରେ ଜବାବ ଦାଖଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଏମଏମ ସୁନ୍ଦରେଶଙ୍କ ଖଣ୍ଡପୀଠ ମୂଳ ଡକ୍ୟୁମେଣ୍ଟାରୀ ଦାଖଲ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି । ୩ ସପ୍ତାହ ସମୟ ଦେବା ସହ ଅପ୍ରେଲ ମାସରେ ଏହାର ଶୁଣାଣି ହେବ ବୋଲି କୁହାଯାଇଛି । ତେବେ ଏହି ଘଟଣାରେ ତୁରନ୍ତ ବ୍ୟାନ ହଟାଇବାକୁ ମନା କରିଛନ୍ତି ସୁପ୍ରିମକୋର୍ଟ । ଏହି ବିବିସି ଡକ୍ୟୁମେଣ୍ଟାରୀକୁ ସେୟାର କରୁଥିବା ଟ୍ୱିଟର ପୋଷ୍ଟ ଓ ୟୁଟ୍ୟୁବ ଭିଡିଓକୁ ବ୍ଲକ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ ।

## ପିଏସଓ ଫେରାଇ ଦେଲେ ଜୟନାରାୟଣ



ଭୁବନେଶ୍ୱର,୦୩/୦୨ (ନି.ପ୍ର): ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣା ପରେ ବାରମ୍ବାର ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରି ଆସୁଥିବା ଜୟନାରାୟଣ ମିଶ୍ର, ଏବେ ସିଧାସଳଖ ରାଜ୍ୟ ପୁଲିସର ପାରିବାପଣିଆକୁ ନେଇ ପ୍ରଶ୍ନ ଛିଡ଼ା କରିଛନ୍ତି । ଓଡ଼ିଶା ପୁଲିସ ଉପରେ ତାଙ୍କ ଭରସା ନାହିଁ ଏବଂ ତାଙ୍କୁ ଦିଆଯାଇଥିବା ପିଏସ୍ଓ ବା ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କୁ ଫେରାଇ ଦେଇଥିବା କହିଛନ୍ତି, ବିରୋଧୀ ଦଳ ନେତା । ଓଡ଼ିଶା ପୁଲିସର ଅଧିକାରୀମାନେ ଏବେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ପିଏସ୍ଓ ବା ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କ ଭୂମିକାକୁ ନେଇ ସେତେବେଳେ ପ୍ରଶ୍ନ ଉଠୁଛି, ଯେତେବେଳେ ପିଏସଓଙ୍କ ଉପସ୍ଥିତି ସତ୍ୱେ ମନ୍ତ୍ରୀ ନବ ଦାସଙ୍କୁ ଗୁଳି କରି ହତ୍ୟା କରିଛନ୍ତି ପୁଲିସ ଅଧିକାରୀ ଗୋପାଳକୃଷ୍ଣ ଦାସ । ଯଦିଓ ମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ମିତ୍ରଭାନୁ ଦେଓଙ୍କୁ ▶▶ପୃଷ୍ଠା ୭

## ବାଲି ମାଫିଆଙ୍କ ଆକ୍ରମଣରେ ଶିକାର ବାଲେଶ୍ୱର ଉପ-ଜିଲାପାଳ

## ଗୁରୁତର ଆହତ ଡ୍ରାଇଭର ଡାକ୍ତରଖାନାରେ ଭର୍ତ୍ତି



ବାଲେଶ୍ୱର, ୩।୨(ନି.ପ୍ର): ସଦର ବ୍ଲକର ଦହପଡ଼ା ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନ ଓ ଚୋରା ଚାଲାଣ ହେଉଥିବା ବେଳେ ଚଢ଼ଉ କରିବାକୁ ଯାଇ ବାଲେଶ୍ୱର ଉପ ଜିଲାପାଳ ଦୁବୃର୍ତ୍ତଙ୍କ ଆକ୍ରମଣର ଶିକାର ହୋଇଛନ୍ତି ।ଏହି ଆକ୍ରମଣରେ ଉପ-ଜିଲାପାଳ କୁନାଲ ମୋତିରାମ ଚୌହାନ ସାମାନ୍ୟ ଆହତ ହୋଇଥିବା ବେଳେ ତାଙ୍କ ଡ୍ରାଇଭର ଗଗନ ବିହାରୀ ପ୍ରଧାନ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ସଦର ବ୍ଲକ ଅନ୍ତର୍ଗତ ଦହପଡ଼ାର ଅଞ୍ଚଳର କିଛି ବାଲି ମାଫିଆ ବୁଢ଼ାବଳଙ୍ଗ ନଦୀରୁ ମେସିନ ଯୋଗେ ବେଆଇନ ବାଲି ଉତ୍ତୋଳନ ସହ ଚୋରା ଚାଲାଣ କରୁଥିବା ନେଇ ଅଭିଯୋଗ ପାଇ ଗୁରୁବାର ଉପ-ଜିଲାପାଳ ଶ୍ରୀ ଚୌହାନଙ୍କ ନେତୃତ୍ୱରେ ଏକ ଟିମ ଆଜି ଚଢ଼ଉ କରିଥିଲା। ନଦୀ ବାଲି ଉତ୍ତୋଳନରେ ବ୍ୟବହୃତ ମେସିନ, ଟ୍ରାକ୍ଟର ଓ ପାଖାପାଖି ୫୦୦ ଟ୍ରିପ ବାଲି ଜବତ ସହ ସ୍ଥାନୀୟ ଲୋକଙ୍କ ନିକଟରେ ଉପ-ଜିଲାପାଳ ଜିମା ଦେଇଥିଲେ। ଶୁକ୍ରବାର ସେ ଜବତ ମେସିନ, ଗାଡ଼ି ଓ ବାଲିର ସ୍ଥିତି ପରଖିବାକୁ ଘଟଣାସ୍ଥଳକୁ ଯାଇଥିବା ବେଳେ ବାଲି ମାଫିଆ ଓ ତାଙ୍କ ସହଯୋଗୀମାନେ ତାଙ୍କ ଉପରେ ଢ଼େଲାପଥର ମାଡ଼ କରିଥିଲେ। ଏହି ଆକ୍ରମଣରେ ଉପ-ଜିଲାପାଳ ସାମାନ୍ୟ ଆହତ ହୋଇଥିବା ବେଳେ ତାଙ୍କ ଡ୍ରାଇଭର ଗୁରୁତର ହୋଇଛନ୍ତି। ଏମିତିକି ଖବର ପାଇ ନିକଟବର୍ତ୍ତୀ ଅଞ୍ଚଳକୁ ଗଞ୍ଜେଇ ଓ ଚୋରା ମଦ କାରବାର ଉପରେ ଚଢ଼ଉ ପାଇଁ ଯାଇଥିବା ଅବକାରୀ ବିଭାଗ ଟିମ ବି ସେଠାରେ ପହଞ୍ଚିଥିଲା। ଆକ୍ରମଣକାରୀ ସେମାନଙ୍କୁ ଛାଡ଼ି ନଥିଲେ। ସେମାନଙ୍କ ଗାଡ଼ିକୁ ଡେଲାପଥର ଫିଙ୍ଗି କାଚ ଭାଙ୍ଗି ଦେଇଥିବା ଜଣାଯାଇଛି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ

## ସୋମାଲିକାଙ୍କ ଅଭିଯୋଗ ଆଧାରରେ ଏତଲା ରୁଜୁ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ



ଭୁବନେଶ୍ୱର,୦୩/୦୨ (ନି.ପ୍ର):। ପୋଲିସ ନିଷ୍କ୍ରିୟତା ଅଭିଯୋଗ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ସୋମାଲିକା । ଆବେଦନର ଶୁଣାଣି କରି ଜଗତସିଂହପୁର ଥାନା ଆଇଆଇସିଙ୍କୁ ଏତଲା ପଂଜିକରଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସାର୍ଟିଫାଏଡ କପି ସହିତ ଆଇଆଇସିଙ୍କ ନିକଟରେ ସାନି ଅଭିଯୋଗ ଦାଖଲ କରିବେ ଆବେଦନକାରୀ । ତିର୍ତୋଲ ବିଧାୟକ ବିଜୟଶଙ୍କର ଦାସ ବିବାହ ପ୍ରତିଶ୍ରୁତି ଦେଇ ଏଥିରୁ ପରେ ଓହରିଯାଇଥିବା ନେଇ ସୋମାଲିକା ଅଭିଯୋଗ କରିଥିଲେ । ଗତବର୍ଷ ମେ' ମାସରେ ବିଧାୟକଙ୍କ ବିରୋଧରେ ସୋମାଲିକା ଜଗତସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମାତ୍ର ପୋଲିସ୍ ଏହାକୁ ପଂଜିକରଣ କରିନଥିଲା । କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସବରେଜିଷ୍ଟ୍ରାର ଅଫିସରେ ବିବାହ ପାଇଁ ଆବେଦନ କରିଥିଲେ ବିଜୟ ଶଙ୍କର ଓ ସୋମାଲିକା । ହେଲେ ୯୦ ଦିନ ଭିତରେ ଏହି ବିବାହ ହୋଇପାରି ନଥିଲା । ଆଉ ଏଥିପାଇଁ ବିଜୟ ଶଙ୍କରଙ୍କୁ ଦାୟୀ କରିଆସୁଛନ୍ତି ସୋମାଲିକା । ଆହୁରି ମଧ୍ୟ ସେ ଅଭିଯୋଗ କରିଛନ୍ତି, ଅନେକ ଝିଅ ଓ ମହିଳାଙ୍କ ସହ ବିଜୟଶଙ୍କର ସଂପର୍କ ରଖିଛନ୍ତି । ବିଧାୟକ ବିଜୟ ଶଙ୍କର ଦାସଙ୍କ ବିରୋଧରେ ପ୍ରେମ, ପ୍ରତିଶ୍ରୁତି ଓ ପ୍ରତାରଣାର ଅଭିଯୋଗ ଆଣିଛନ୍ତି ସୋମାଲିକା । ଏହା ମଧ୍ୟ ସେ କହିଛନ୍ତି ତାଙ୍କୁ ଧମକ ଚମକ ଦିଆଯାଉଛି । ବିଧାୟକ ହୋଇଥିବାରୁ ପୁଲିସ କିଛି କାର୍ଯ୍ୟାନୁଷ୍ଠାନ ନେଉନାହିଁ । ତେବେ ଏନେଇ ତିର୍ତୋଲ ବିଧାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

## ପାଣି ପଂଚାୟତ ପକ୍ଷ ପାଳନ

ଭୁବନ, ୩/୦୨ (ନି.ପ୍ର): ରେଙ୍ଗାଳି ବାମ କେନାଲ , ଡୁବୁରି, ଯାଜପୁର ଆନୁକୂଲ୍ୟରେ ଓ ଜଳସଂପଦ ବିଭାଗ ସହଯୋଗରେ ଭୁବନ ବ୍ଲକ ଧଳପଡା ପଂଚାୟତର ଅନଳ ଗ୍ରାମରେ ପାଣି ପଂଚାୟତ ପକ୍ଷ ପାଳିତ ହୋଇଯାଇଛି । ବିଭାଜନ ନମ୍ବର -୨ ଡୁବୁରି ଅଧିକ୍ଷଣ ଯନ୍ତ୍ରୀ ଇଂକବି ପ୍ରସାଦ ନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ଭୁବନ ବ୍ଲକ ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳମୁଖ୍ୟ ଅତିଥି ଭାବେଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଜାଇକା ପ୍ରକଳ୍ପ -୨ ଯାଜପୁର ରୋଡ ର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ ସଂଜୀବ କୁମାର ନାୟକଏବଂ ସମ୍ମାନୀତ ଅତିଥି ଭାବେ ନିର୍ମାଣ ବିଶେଷଜ୍ଞ ଇଂ ଧନେଶ୍ୱର ସାହୁ, କୃଷି ବିଭାଗ ବିଶେଷଜ୍ଞ ଇଂ ପ୍ରଭାତ ରଂଜନ ଦାସ, କୃଷି ବିଭାଗ ଉପ ନିର୍ଦ୍ଦେଶକ ଇଂ ବଂଶୀଧର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ ଓ ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ପ୍ରମୁଖ ଯୋଗଦେଇ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ଏହି ସମାବେଶରେ ୧୬ଟି ପଂଚାୟତର ପାଣି ପଂଚାୟତ କର୍ମକର୍ତ୍ତା ଓ ଶତାଧିକ କୃଷକ ଯୋଗ ଦେଇଥିଲେ ।

## ଗଂଜେଇ ଜବତ: ବ୍ୟବସାୟୀ ଥାନାରେ ଅଟକ

ଧର୍ମଶାଳା, ୩/୦୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅଧିନରେ ଥିବା ବନ୍ଧଡିହ ଅଂଚଳରୁ ଆଜି ଅପରାହ୍ନରେ ଗଂଜେଇ ଚାଲାଣ ହେଉଥିବା ସମୟରେ ଗଂଜେଇ ସହ ବ୍ୟବସାୟୀଙ୍କୁ ଗିରଫ କରିଛି । ବ୍ୟବସାୟୀ ଜଣକ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ସାହାସପୁର ଗ୍ରାମର ଅଜିତ କୁମାର ସାହୁ ବୋଲି ଜଣାପଡିଛି । ଯାଜପୁର ଫ୍ଲାଇଙ୍ଗ ୱ୍ୱାର୍ଡ ପକ୍ଷରୁ ଚଢାଉ କରାଯାଇ ବ୍ୟବସାୟୀକୁ ଗିରଫ କରିବା ସହ ୧୨କୋଜି ଗଂଜେଇ ଜବତ କରିଛି । ଆସନ୍ତା କାଲି ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ମୁତାବକ, ବହ୍ମବରଦା ଥାନା ଅଂଚଳରେ ବେଆଇନ ଗଂଜେଇ କାରବାର ହେଉଥିବା ନେଇ ଯାଜପୁର ଆରକ୍ଷୀ ଅଧିକ୍ଷକ ସୂଚନା ପାଇ ଫ୍ଲାଇଙ୍ଗ ୱ୍ୱାର୍ଡକୁ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଜି ଅପରାହ୍ନରେ ବ୍ରହ୍ମବରଦା ବନ୍ଧଡିହ ମୁଖ୍ୟ ରାସ୍ତା ବନ୍ଧଡିହ ନିକଟରୁ ଏକ ବାଇକରେ ଗଂଜେଇ ଚାଲାଣ ହେଉଥିବା ବେଳେ ବ୍ୟବସାୟୀଙ୍କୁ ମାଡି ବସିଥିଲା । ଯାଜପୁର ସଦର ଥାନା ଅନ୍ତର୍ଗତ ସାହାସପୁର ଗ୍ରାମର ଅଜିତ କୁମାର ସାହୁଙ୍କ ସହ ବାଇକ ଓ ଏକ ଅଖା ଭିତରୁ ୧୨ କେଜିରୁ ଉର୍ଦ୍ଧ ଗଂଜେଇ ଜବତ କରିଛି । ତାଙ୍କୁ ବ୍ରହ୍ମବରଦା ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି । ଗଂଜେଇ ଫୁଲବାଣୀରୁ ଏହି ଅଂଚଳକୁ ଆସୁଥିବା ଜଣାପଡିଛି । ତେବେ ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ଅଛି କି ତାହା ଏବେ ତଦନ୍ତ ଚାଲୁ ରହିଛି । ଆସନ୍ତା କାଲି କୋର୍ଟ ଚାଲାଣ କରାଯିବ ବୋଲି ବ୍ରହ୍ମବରଦା ଥାନା ଅଧିକାରୀ ଏସ୍ ଦାଶରଥୀ ପାତ୍ର ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ

କେନ୍ଦୁଝର, ୩/୦୨ (ନି.ପ୍ର): ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସାମାଜିକ ଚେତନାର ବାର୍ତାବହ ବୋଲି ଏଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିମାନଙ୍କର ବାର୍ଷିକ ସମ୍ମିଳନୀରେ ଅତିଥି ଓ ବକ୍ତାମାନଙ୍କର ମତବ୍ୟକ୍ତ କରିଛନ୍ତି । ଏତଦ୍ ବ୍ୟତୀତ ସମାଜର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର କର୍ମକର୍ତାମାନେ ନିଜକୁ ଜଣେ ଜଣେ ସାମାଜିକ ଯୋଦ୍ଧା ଭାବି ସମାଜର ବହୁମୂଲ୍ୟ ସେବା କରିବାକୁ ଆହ୍ୱାନ ଜଣାଇଛନ୍ତି । ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସାଗରିକା ସାହୁ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାର୍ଷିକ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଉଦବୋଧନ ଛଳରେ କହିଥିଲେ ଯେ, ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର କର୍ମକର୍ତାମାନଙ୍କର ସେବା ଓ ତ୍ୟାଗର ପଟାନ୍ତର ନାହିଁ । ଗାଁ ହେଉ କି ସହର ହେଉ ସେମାନଙ୍କର ସେବା ପାଇଁ ଅନେକ ଜୀବନ ରକ୍ଷା ହୋଇପାରୁଛି । ଏଣୁ ସେମାନଙ୍କୁ ନିଜ କର୍ମ କ୍ଷେତ୍ରରେ ଅଧିକ କ୍ରିୟାଶୀଳ ହୋଇ ନିଜର ଗାରିମା ବୃଦ୍ଧି କରିବାକୁ ଆହ୍ୱାନ ଜଣାଇଥିଲେ । ସମ୍ମାନନୀୟ ଅତିଥି ଡି.ଏଫ୍.ଓ. କେନ୍ଦୁଝର ଧନରାଜ ଏଚ୍.ଡି ନିଜ ବକ୍ତବ୍ୟରେ କହିଥିଲେ ଯେ, ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର କର୍ମକର୍ତ୍ତାମାନେ ତୃଣମୂଳ ସ୍ତରରେ ସରକାରଙ୍କର ଆଖି କାନ ସଦୃଶ । ସେମାନେ ସରକାରଙ୍କର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ଘରେ ଘରେ ପହଂଚାଉଛନ୍ତି । ସାଧାରଣ ଲୋକମାନଙ୍କ ପାଇଁ ସେମାନେ ଆଶା ଭରଷାର ବତୀଘର ବୋଲି କହିବା ସହିତ ସେମାନଙ୍କର କାର୍ଯ୍ୟ ପରିସରକୁ ଅଧିକ ସମ୍ପ୍ରସାରିତ କରି ଜନସାଧାରଣଙ୍କୁ ମହନୀୟ ସେବା ଯୋଗାଇଦେବାରେ ନିୟୋଜିତ ରଖିବାକୁ ଆହ୍ୱାନ ଜଣାଇଥିଲେ । ଏହି ସମାରୋହରେ ଅଧକ୍ଷତା କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ପୃଷ୍ଟି ନିଜ ବକ୍ତବ୍ୟରେ ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତମାନଙ୍କର ଉଲ୍ଲେଖନୀୟ ସେବା ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମକୁ ରୂପାୟନ କରିବାରେ ସେମାନଙ୍କର ଯୋଗଦାନର ଭୂୟସୀ ପ୍ରଶଂସା କରିଥିଲେ । କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ. ମଧୁସ୍ମିତା ସାମନ୍ତରାୟ, ଡିପିଏଚଓ ଡା. ଲଲାଟେନ୍ଦୁ ନାୟକ, ଏଡିପିଏଚଓ (ଭିବିଡି) ଡା. ଦେବେନ ଦାସ, ଏଡିପିଏଚଓ(ଏଫ୍.ଡବ୍ଲ୍ୟୁ.) ଡା. ପ୍ରଣତିନୀ ନାୟକ, ଏଡିପିଏଚଓ (ଲେପ୍ରୋସି) ଡା. ସୁତକିର୍ତୀ ମହାନ୍ତି, ଡି.ପି.ଏମ୍. ଏନ୍.ଏଚ୍.ଏମ୍. ନିତ୍ୟରଞ୍ଜନ ବରାଳ, ଅତିରିକ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଗୁଣାକର ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ଦେବାଙ୍ଗନା ବାରିକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟରେ କହିଥିଲେ ଯେ, ଆଶାମାନଙ୍କର କାର୍ଯ୍ୟ ଆଶା କିଟ୍ ଭିତରେ ସୀମିତ ହୋଇ ରହିନାହିଁ । ଜନ ଆରୋଗ୍ୟ ସମିତି, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର କାର୍ଯ୍ୟପରିସର ବ୍ୟାପକ ହୋଇଛି । ସେମାନେ ନିଷ୍ଠା ଓ ଅଙ୍ଗୀକାର ସହ କାର୍ଯ୍ୟ କଲେ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଭୃତ ଉନ୍ନତି ହୋଇପାରିବ, ସମାଜର ଅଶେଷ କଲ୍ୟାଣ ସାଧିତ ହୋଇପାରିବ ଏବଂ ଲୋକଙ୍କ ମୁହଁରେ ସହ ଫୁଟିବ ବୋଲି କହିଥିଲେ । ଏତଦ୍ ବ୍ୟତୀତ ସରକାରଙ୍କର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ସେମାନେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଆହ୍ୱାନ ଜଣାଇଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନ କେନ୍ଦୁଝରର ଆସିଷ୍ଟାଂଟ୍ ମ୍ୟାନେଜର କମ୍ୟୁନିଟି ପ୍ରସେସ୍ ପ୍ରସନ୍ନ କୁମାର ଦେବତା ବାର୍ଷିକ ସମ୍ମିଳନୀର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏ.ପି.ଏମ୍. ସନ୍ଦିପ୍ ବରଣ ଓଝା ଜାତୀୟ ସହରାଂଚଳ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ଡିପିଏମ ନିତ୍ୟରଞ୍ଜନ ବରାଳ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ କରିବା ସହ ସମାରୋହର ସଂଚାଳନା କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା "ଆମ କଥା ପଦଟିଏ" ଉନ୍ମୋଚିତ ହୋଇଥିଲା । ଉକ୍ତ ବାର୍ଷିକ ସମ୍ମିଳନୀରେ ଆଶାକର୍ମୀମାନେ ନିଜ ନିଜ ଅଭିଜ୍ଞତା ବାଂଟି ଥିଲେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ସଚେତନତା ବାର୍ତା ପ୍ରଚାର କରିବାର ନମୁନା ପ୍ରଦର୍ଶନ କରିଥିଲେ । ଏହି ଅବସରରେ ସମାଜର ବହୁମୂଲ୍ୟ ସେବା କରିଥିବା ୭ ଜଣ ଆଦର୍ଶ ଆଶାକର୍ମୀ, ୧୩ ଗୋଟି ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି, ୯ଟି ମହିଳା ଆରୋଗ୍ୟ ସମିତି, ଏମ୍.ଆଇ.ଏସ୍. କ୍ୟାମ୍ପେନ୍ ପାଇଁ ୩ଟି ସବ୍-ସେଂଟର ଓ ୩ଟି ବ୍ଲକ୍ ଟିମ୍,ଏ.ଏନ୍.ଏମ୍. ବୋର୍ଡ ପରୀକ୍ଷାରେ ରାଜ୍ୟରେ ଟପ୍ପର ହୋଇଥିବା ମେଘନା ସାହୁଙ୍କୁ ପରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର କର୍ମକର୍ତା, ବିଭିନ୍ନ ସି.ଏଚ୍.ସି.ର ଏସ୍.ଏ.ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର, ବ୍ଲକ୍ ଆକାଉଂଟ୍ ମ୍ୟାନେଜର, ବି.ଡି.ଏମ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଆକାଉଂଟ୍ ମ୍ୟାନେଜର ମନୋଜ କୁମାର ରାଉତ, ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଡିଏମଆରସିଏଚ୍ ସବିତା କୁମାରୀ ପଣ୍ଡା, ଡି.ଡି.ଏମ୍.ନିହାର ରଞ୍ଜନ ପଟ୍ଟନାୟକ, ଏଲ୍ ଏସ୍. ସୂର୍ଯ୍ୟ ପ୍ରକାଶ ପଣ୍ଡା, ଆର୍.ବି.ଏସ୍.କେ.ର ଆସିଷ୍ଟାଂଟ୍ ମ୍ୟାନେଜର ବିଜନ କୁମାର ସାହୁ,ଆଇସିଏ ଚିତରଞ୍ଜନ ଜେନାଙ୍କ ସେମେତ ଡିପିଏମ୍ୟୁର ସମସ୍ତ କର୍ମଚାରୀ ସମ୍ମିଳନୀ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଦର୍ଶନୀ ମଣ୍ଡପମାନ ଖୋଲାଯାଇଥିଲା ।

## ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ

କନ୍ଧମାଳ, ୩/୦୨ (ନି.ପ୍ର): ବୁଧବାର ଫୁଲବାଣୀ ଯାତ୍ରା ପଡିଆଠାରେ ଅନୁଷ୍ଠିତ ହୋଇ ଯାଇଛି କେନ୍ଦୁପତ୍ର କର୍ମଚାରୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ । ଡିଭିଜନ ସମ୍ପାଦକ ସରୋଜ କୁମାର କର୍ଣ୍ଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟସରକାରଙ୍କ କେନ୍ଦୁପତ୍ର ସାମାଜିକ କଲ୍ୟାଣ ବୋର୍ଡର ଉପଦେଷ୍ଟା ସଞ୍ଜିତ କୁମାର ମହାନ୍ତି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦୁପତ୍ର କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ଏ ସବୁର ସମାଧାନ ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ନିଜ ମତ ବ୍ୟକ୍ତ କରିଥିଲେ । ଡିଭିଜନ ସମ୍ପାଦକ ସରୋଜ କର୍ଣ୍ଣ ବିଭିନ୍ନ ସାଂଗଠନିକ ବିଷୟ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲାରେ କାର୍ଯ୍ୟରତ କେନ୍ଦୁପତ୍ର କର୍ମଚାରୀ ମାନଙ୍କ ସର୍ବନିମ୍ନ ମଜୁରୀ, ଆର୍ଥିକ ପ୍ରୋତ୍ସାହନ, ଠିକ ସମୟରେ ଦରମା ପ୍ରଦାନ ଭଳି ସମସ୍ୟା ଗୁଡିକ ଉପରେ ଏହି ବୈଠକରେ ଆଲୋଚନା କରାଯିବା ସହ ଏସବୁର ସମାଧାନ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା । ସରକାର କର୍ମଚାରୀ ମାନଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନନେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ମଧ ନିଷ୍ପତି ନିଆଯାଇଥିଲା । ସମ୍ପାଦକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ବିଭାଗୀୟ ଅଧିକାରୀଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ବିଭିନ୍ନ ଦାବୀ ସମ୍ବଳିତ ଏକ ଦାବୀପତ୍ର ପ୍ରଧାନ ବନ ସଂରକ୍ଷକଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଥିଲେ । ଏହି ବୈଠକରେ ଅନ୍ୟ ମାନଙ୍କ ମଧରେ କୀର୍ତନ ବେହେରା, ଲକ୍ଷ୍ମଣ ସାହୁ, ଉପେନ୍ଦ୍ର ସାମଲ,ଦଶମୂଳ ମିଶ୍ର, ରବି ବାରିକ, ଶିବ ସାହୁ, ଚଣ୍ଡାଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରମେଶ ପରିବାରକୁ ସରକାରୀ ସହାୟତା ଦାବି

ଧର୍ମଶାଳା, ୩/୦୨ (ନି.ପ୍ର): ସରକାରଙ୍କ ମାଳମାଳ ଯୋଜନା । ହେଲେ ତାହା ଉପଯୁକ୍ତ ଗରୀବ ଅସହାୟ ବ୍ୟକ୍ତିଙ୍କ ନିକଟରେ ପଂହଚିବା କଷ୍ଟକର ହୋଇପଡିଛି । ରୋଗ ଓ ପରିବାରର ବୋଝ ଦରିଦ୍ର ସୀମା ରେଖା ତଳକୁ ଟାଣି ନେଇଛି । ପରିବାର ଚଳିବା ଏକ ପ୍ରକାର କଷ୍ଟକର ହୋଇପଡିଛି । ଜରି ପାଲ ଟଣା ଘର ଏକ ମାତ୍ର ସାହା ହୋଇଛି ।

ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ମିର୍ଜାପୁର ପଂଚାୟତ ମୁଣ୍ଡମାଳ ଗ୍ରାମରେ । ଏହି ଗ୍ରାମରେ ରମେଶ ମଳିକ ଅତି ଦୟନୀୟ ଅବସ୍ଥାରେ ପୁଅ ବୋହୂଙ୍କୁ ନେଇ ତାହାର ସଂସାର । ରମେଶ ଟଲି ଟାଣି ନିଜର ପରିବାର ପତିପୋଷଣ କରୁଥିଲେ । ୧୯୯୯ ମସିହାରେ ଟଲି ଟାଣିବା ସମୟରେ ଦୁର୍ଘଂଟଣାର ସମ୍ମୁଖୀନ ହୋଇ ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ବହୁ ଦୁଃଖ କଷ୍ଟରେ ଚିକିତ୍ସା ପରେ ଟିକେ ସୁସ୍ଥ ହେବା ପରେ ତାଙ୍କ ପତ୍ନୀ କିଡନୀ ରୋଗରେ ପଡି ଆର ପାରିକୁ ଚାଲଇଯିବା ପରେ ପରିବାର ବୋଝ ବଡ ପୁଅ ଉପରେ ପଡିଥିଲା । ହେଲେ ପୁଅ ମଧ୍ୟ ଆରପାରିକୁ ଚାଲିଗଲା । ପରେ ପରିବାର ବୋଝ ଭଙ୍ଗା ଅଂଟାରେ ସଳଖି ପାରୁ ନ ଥିବା ରମେଶଙ୍କ ଉପରେ ପଡିଲା । ୯୯ ମସିହାରେ ତାଙ୍କୁ ୨ ହଜାର ଟଙ୍କା ଦେଇ ଚଟଂକତା କରି ଆବାସ ଯୋଜନାରେ ଆସିଥିବା ଘରକୁ ହଡପ କରି ନେଇ ଯାଇଥିବା ରମେଶ କହିଛନ୍ତି । ଏତିକି ଟଙ୍କାରେ ସେ କଣ କରିବେ । ତାହାକୁ ନେଇ ଚିନ୍ତାରେ ପଡି ଆଜି ପର୍ଯ୍ୟନ୍ତ ଘର ଖଣ୍ଡେ କରିପାରିନାହାନ୍ତି । ଅନ୍ୟପକ୍ଷେ ଭିନ୍ନକ୍ଷମ ପ୍ରମାଣ ପତ୍ରରେ ତ୍ରୁଟିଥିବାରୁ ସେ ଭର୍ତା ପାଇବାରୁ ବଂଚିତ ହୋଇଛନ୍ତି । ସାନ ପୁଅ ମୁଲ ଲାଗି ଯାହା ଆଣନ୍ତି ତାହା ପରିବାର ଚଳିବା କଷ୍ଟକର ହୋଇପଡିଛି । ଘରଟିକେ ଛାଇ ପରୁ ନ ଥିବାବେଳେ ଛପର ଉପରେ ଜରିପାଲ ପକାଇ ରହୁଛନ୍ତି ତାଙ୍କ ପରିବାର । ଏଭଳି ସ୍ଥିତରେ ତାଙ୍କୁ ସରକାରୀ ସହାୟତାର ଆବଶ୍ୟକତା ରହିଥିବା କହିଛନ୍ତି ଗ୍ରାମବାସୀ । ତେବେ ଏହି ଦରିଦ୍ର ପରିବାରକୁ ତୁରନ୍ତ ଜିଲାପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ମେଡ଼ିକାଲ ଆନ୍ଦୋଳନ ଅବ୍ୟାହତ

କେନ୍ଦ୍ରାପଡ଼ା, ୩/୦୨ (ନି.ପ୍ର): କେନ୍ଦ୍ରାପଡ଼ା ପୁରୁଣା ଡାକ୍ତରଖାନାକୁ ସିଟି ହସ୍ପିଟାଲ ଖୋଲିବା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଆହୁତ ଆନ୍ଦୋଳନ ନବମ ଦିନରେ ପହଂଚିଛି । ଅନୁଷ୍ଠିତ ହୋଇଥିବା ଏହି ଗଣଧାରଣା ଦିନକୁ ଦିନ ବିଭିନ୍ନ ବର୍ଗର ଶତାଧିକ ଲୋକ ଧାରଣାରେ ଯୋଗ ଦେଉଛନ୍ତି । ଚିତରଞ୍ଜନ ଭଗତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଧାରଣାରେ ହଜାର ହଜାର ସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ରହି ଆନ୍ଦୋଳନକୁ ପରିଚାଳନା କରିଥିଲେ । ଆନ୍ଦୋଳନ ସମୟରେ ପରିସ୍ଥିତିକୁ କଳନା କରି ଜିଲ୍ଲାପାଳ ଅମ୍ରିତ ଋତୁରାଜ ଆନ୍ଦୋଳନକାରୀ ମାନଙ୍କୁ ଆଲୋଚନାକୁ ଡାକିଥିଲେ । ଏହି ଆଲୋଚନାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ କାଉଲସିଲର ରଶ୍ମିତା ସିଂହ, ସେକ ଆସଲାମ, ସେକ ଅକମଲ, ସୌମେନ୍ଦ୍ର ପୃଷ୍ଟି ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ । ଜିଲ୍ଲାପାଳ ଦାବିଗୁଡ଼ିକୁ ରାଜ୍ୟ ସରକାରଙ୍କୁ ପଠାଇବା ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆନ୍ଦୋଳନ ସ୍ଥଳକୁ ଅତିରିକ୍ତ ଜିଲ୍ଲାପାଳ ପହଂଚି ଘୋଷଣା କରିବେ ବୋଲି କହିଥିଲେ । କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ କେହି ଆନ୍ଦୋଳନ ସ୍ଥଳକୁ ନଆସିବା କେନ୍ଦ୍ରାପଡ଼ା ଜନସାଧାରଣ ଓ ଆନ୍ଦୋଳନ ପ୍ରତି ପ୍ରଶାସନର ଦାୟିତ୍ୱବୋଧ ରହିଛି ବୋଲି କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି । ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଏହି ପ୍ରକାର ମାନସିକତା ବିରୋଧରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ । ଅନ୍ୟମାନଙ୍କ ମଧରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଗୟାଧର ଧଳ, ରମଣୀ ରଞ୍ଜନ ରାଉତରାୟ, ଆକବର ଅଲ୍ଲୀ, ସଲିମ ଖାନ, ମୁକ୍ତାର ଖାନ ପ୍ରମୁଖ ବହୁ ନେତା ଉପସ୍ଥିତ ଥିଲେ ।

## ଫେବୃଆରୀ ମାସ ପାଇଁ ପଂଚାୟତ ଲୋକ ସେବା ଶିବିର କାର୍ଯ୍ୟକ୍ରମ ଧାର୍ଯ୍ୟ

ବଲାଙ୍ଗିର, ୩/୦୨ (ନି.ପ୍ର): ଫେବୃଆରୀ ମାସ ପାଇଁ ପଂଚାୟତ ଲୋକ ସେବା ଶିବିର କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି । ତଦନୁସାରେ ୧୩ ତାରିଖରେ ଆଗଲପୁର ବ୍ଲକ ଅନ୍ତର୍ଗତ ଝରଣିପାଲି ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ, ୨୦ ତାରିଖରେ ବେଲପଡା ବ୍ଲକ ଅନ୍ତର୍ଗତ ବେହେରାମୁଣ୍ଡା ଗ୍ରାମପଂଚାୟତର ଧୂର୍ଙ୍ଗିଆମୁଣ୍ଡା ଠାରେ, ୨୭ ତାରିଖରେ ଗୁଡଭେଲା ବ୍ଲକ ଅନ୍ତର୍ଗତ ଦେଉଳଗୁଡି ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ ପଂଚାୟତ ଲୋକ ସେବା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ଏହି ପଂଚାୟତ ଲୋକ ସେବା ଶିବିରରେ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ଜନହିତକର ଓ ଲୋକାଭିମୁଖୀ ଯୋଜନା ଗୁଡିକ ସମ୍ପର୍କରେ ପଂଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ବିଭାଗୀୟ ଷ୍ଟଲ ସହ ଯୋଜନା ସମ୍ପର୍କିତ ସୂଚନା ସମ୍ବଳିତ ବ୍ୟାନର ଲଗାଯିବା । ଏତଦବ୍ୟତୀତ ପଂଚାୟତ ଲୋକ ସେବା ଶିବିରରେ ସ୍ୱାସ୍ଥ୍ୟ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ଶ୍ରମ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଉଦ୍ୟାନ କୃଷି ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ପଂଚାୟତ ରାଜ ଓ ପାନୀୟ ଜଳ ବିଭାଗ, ମିଶନ ଶକ୍ତି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ତଥା ଅନ୍ୟାନ୍ୟ ବିଭାଗର ଯୋଜନା ସମ୍ପର୍କରେ ସଚେତନତା ସହ ଯୋଗ୍ୟ ହିତାଧିକାରୀ ମାନଙ୍କୁ ବିଭାଗୀୟ ସହାୟତା ଓ ପରାମର୍ଶ ଦିଆଯିବ । ନିର୍ଦ୍ଧାରିତ ତାରିଖରେ ଉପରୋକ୍ତ ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସର ଠାରେ ଅନୁଷ୍ଠିତ ହେବାକୁଥିବା ଏହି ପଂଚାୟତ ଲୋକ ସେବା ଶିବିରରେ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ଅଧିକାରୀ ମାନେ ଯୋଗଦେବେ । ଶିବିରରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗଦାନ କରି ବିଭିନ୍ନ ଯୋଜନା ଗୁଡିକର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଇଛି ।

## ଆପନମାଳା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, ୩/୦୨ (ନି.ପ୍ର): ମାଲକାନଗିରି ଜିଲ୍ଲା ସୋମନାଥପୁର ପଂଚାୟତ ଅନ୍ତର୍ଗତ ଆପନମାଳା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଙ୍କୁ ଆଜି ବିଦାୟକାଳୀନ ସମ୍ବର୍ଦ୍ଧନା ପାଳନ ଜ୍ଞାପନ କରାଯାଇଛି । ଆପନମାଳା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଚାରୁଲତା ନନ୍ଦ ଙ୍କୁ ଆଜି ବିଦ୍ୟାଳୟଓ ଅଭି ଭାବଙ୍କ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉତ୍ସବ ଆରମ୍ଭରେ ଏକ ସଭା ର ଆୟୋଜନ କରାଯାଇଥିଲା । ସଭାରେ ଅତିଥି ଭାବରେ ଚିତ୍ରକୋଣ୍ଡା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଅଞ୍ଜନ ଚୌଧୁରୀ , ମହେଶ୍ୱରପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୁଞ୍ଜଲତା ଦଳେଇ ,କଣ୍ଡେଲ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ ରଣା ,କଲରା ମାଳ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିନତି ପୁଷ୍ଟି ,ସି ଆର ସି ସି ନିତାଇ ସରକାର, ପୋଟେରୁ ଜଳ ସେଚନ ବିଭାଗର ନବୀନ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ । ସଭାରେ ଶ୍ରୀମତୀ ନନ୍ଦ ଙ୍କ ଶିକ୍ଷାଦାନ ଓ ତାଙ୍କର ଶିକ୍ଷାପ୍ରତି ଥିବା ଆଗ୍ରହ କୁ ଆଲୋଚନା କରାଯିବା ସହ ପ୍ରଧାନ ଶିକ୍ଷୟତ୍ରୀ ନନ୍ଦ ନିଜ ବକ୍ତବ୍ୟରେ କହିଥିଲେ ଯେ ଶିକ୍ଷା ଓ ଶିକ୍ଷାଦାନ ର କୌଣସି ବୟସ ନଥାଏ ଶିଖିବାର ଇଚ୍ଛାଶକ୍ତି ଓ ଶିକ୍ଷାଦାନ ପାଇଁ ଉତ୍ସାହର ଆବଶ୍ୟକତା ଅଛି ଏବଂ ଅବସର କେବଳ ମଣିଷର ବୟସ ନେଇଥାଏ କିନ୍ତୁ ଶିକ୍ଷାଦାନ ସାରା ଜୀବନ ସାରା ରଖିବେ ବୋଲି କୋହ ଭରା କଣ୍ଠରେ କହି କାନ୍ଦି ପକାଇଥିଲେ । ଏବଂ ଅବସର ସମୟକୁ ସେ ବର୍ତମାନ ସମାଜ ସେବାରେ ନିୟୋଜିତ କରିବେ ବୋଲି କହିଥିଲେ । ତାଙ୍କ ସହିତ ସମସ୍ତ ଛାତ୍ର ଛାତ୍ରୀ ଓ ସେହି ବିଦ୍ୟାଳୟର ସହକାରୀ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧରେ ଏକ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମରେ ବର୍ତମାନ ର ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁଶ୍ରୀ ମାହାଲି , ଶିକ୍ଷୟତ୍ରୀ ପ୍ରଭଞ୍ଜନା ସ୍ୱାଇଁ , ରଶ୍ମିତା ଜାଲୀ, ଶ୍ରଦ୍ଧାଞ୍ଜଳି ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ପରିଚାଳନା କରିଥିଲେ ।

## ନୀଳଗିରିରେ ବଢ଼ିଚାଲିଛି ବେଆଇନ୍ ଇଟାଭାଟି

ନୀଳଗିରି , ୩/୦୨ (ନି.ପ୍ର): ରାଜ୍ୟ ସରକାର ଚିମିନି ଇଟା ଭାଟି ଗୁଡ଼ିକୁ ବେଆଇନ ଘୋଷଣା କରିଥିବା ବେଳେ ସ୍ଥାନୀୟ ପ୍ରଶାସନକୁ ସମସ୍ତ ଚିମିନି ଇଟାଭାଟି ଗୁଡ଼ିକ ଉପରେ ରୋକ ଲଗାଇବା ସହ ଏହାକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବାଲେଶ୍ୱର ଜିଲ୍ଲା ନୀଳଗିରି ତହସିଲ ଅଧିନରେ ଅନେକ ଗୁଡ଼ିକ ଚିମିନି ଇଟା ଭାଟି ରହିଥିବା ବେଳେ ଅନେକାଂଶରେ ସଠିକ୍ କାଗଜପତ୍ର ମଧ ନାହିଁ । ଏପରିକି ୧୪ ଗୋଟି ଚିମିନି ଭାଟି କୁଲଡିହା ସେଂଚୁରି ଭିତରେ ଚାଲିଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ଏପରିକି ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ବିଗତ ଦିନରେ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ । କେନ୍ଦ୍ର ଓ ରାଜ୍ୟ ଉଭୟ ସରକାର କୁଲଡିହା ଅଭୟାରଣ୍ୟ ରେ ବନ୍ୟ ଜନ୍ତୁଙ୍କ ସୁରକ୍ଷା ପାଇଁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଣାଳୟ ପକ୍ଷରୁ ୯/୮/୧୭ରିଖରେ ଏ ନେଇ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା । ପରେ ୨୧୯.୧୮ ବର୍ଗ କି.ମି. ଇକୋ ସେନ୍ସିଟିଭ ଜୋନ ଭାବେ ଅର୍ନ୍ତଭୁକ୍ତ ହୋଇଥିଲା । ବନ ବିଭାଗ ମାପଚୁପ କଲା ପରେ ସେଂଚୁରୀ ଭିତରେ ୧୪ଗୋଟି ବେଆଇନ ଚିମିନି ଇଟାଭାଟି ଚାଲିଥିବାର ଜାଣିବାକୁ ପାଇଥିଲେ । ପରେ ବାଲେଶ୍ୱର ଜିଲ୍ଲାପାଳ ଓ ଡି.ଏଫ.ଓ. ବେଆଇନ ଚିମିନିଭାଟି ଭାଙ୍ଗିଦେବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ସ୍ଥାନୀୟ ପ୍ରଶାସନ ଇଟାଭାଟି ଗୁଡ଼ିକୁ ଭାଙ୍ଗିବାକୁ ନେଇ ଦୁଇ ଦୁଇ ଥର ଚେଷ୍ଟା କରି ଅସଫଳ ହୋଇଥିଲେ । ତେବେ ବେଆଇନ ଇଟାଭାଟି ଗୁଡ଼ିକ ଉପରେ ସ୍ଥାନୀୟ ପ୍ରଶାସନର ଜୋର ଜବରଦସ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ବୁଦ୍ଧିଜୀବୀମାନେ ସମାଲୋଚନା କରିବା ସହ କୁଲଡିହାର ହାତୀ କିଛି ମାସ ଧରି ଅଭୟାଣ୍ୟରୁ ବାହାରି ଗ୍ରାମାଭିମୁଖୀ ହେଉଥିବାର ପ୍ରକାଶ କରିଛନ୍ତି । ସମୟଚକ୍ରରେ ଚିମିନିଭାଟିରୁ ବାହାରୁଥିବା ଦିବାରାତ୍ର କୋଇଲା ଧୂଆଁରେ ପ୍ରଦୂଷଣ ବଢ଼ିଚାଲିଥିବା ବେଳେ ଏହାକୁ ରୋକ ନ ଦେଇ କାହା ଇଙ୍ଗିତରେ ସମସ୍ତ ଚିମିନି ଭାଟି ଗୁଡ଼ିକ ଚାଲିଛି, ସେଥିପାଇଁ ବାଲେଶ୍ୱର ଜିଲ୍ଲାପାଳ ଘଟଣାକୁ ଗୁରୁତ୍ୱ ଦେଇ ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।





## ଆଜିଠାରୁ ୧୦ଟି ଜିଲ୍ଲାରେ ଭର୍ଚୁଆଲ ହାଇକୋର୍ଟ

କଟକ , ୩/୦୨ (ନି.ପ୍ର): ଏକ ଐତିହାସିକ ଘଟଣାକ୍ରମରେ ରାଜ୍ୟର ୧୦ଟି ଜଜ୍‌ସିପରେ ଭର୍ଚୁଆଲ ହାଇକୋର୍ଟ ଶୁକ୍ରବାର ଦିନ ଉଦ୍‌ଘାଟିତ ହେବ । ଫେବ୍ରୁଆରି ୩ରେ ଆୟୋଜିତ ହେବାକୁ ଥିବା ସମାରୋହରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡକ୍ଟର ଜଷ୍ଟିସ ଡି.ୱାଇ.ଚନ୍ଦ୍ରଚୂଡ ଯୋଗ ଦେଇ ୧୦ଟି ଜଜ୍‌ସିପରେ ଭର୍ଚୁଆଲ ହାଇକୋର୍ଟକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ବାଲେଶ୍ୱର, ବଲାଙ୍ଗୀର, ଭଦ୍ରକ, ଗଞ୍ଜାମ (ବ୍ରହ୍ମପୁର), କଳାହାଣ୍ଡି (ଭବାନୀପାଟଣା), ଖୋର୍ଦ୍ଧା (ଭୁବନେଶ୍ୱର), କୋରାପୁଟ (ଜୟପୁର), ପୁରୀ, ସମ୍ବଲପୁର, ସୁନ୍ଦରଗଡ଼ (ରାଉରକେଲା) ଜଜସିପରେ ଭର୍ଚୁଆଲ ହାଇକୋର୍ଟକୁ ପ୍ରଧାନ ବିଚାରପତି ଭର୍ଚୁଆଲ ବ୍ୟବସ୍ଥାରେ ଉଦଘାଟନ କରିବେ ବୋଲି ସୂଚନା ମିଳିଛି ।

ଉଲ୍ଲେଖଯୋଗ୍ୟ ଯେ ସୁପ୍ରିମକୋର୍ଟଙ୍କ ଡିସେମ୍ବର ୧୪ର ନିର୍ଦ୍ଦେଶ ପାଳନ କରି ରାଜ୍ୟର ସମସ୍ତ ୩୦ଟି ଜଜ୍‌ସିପରେ ଉତ୍ସର୍ଗୀକୃତ ଭିସି କ୍ୟାବିନ ପ୍ରତିଷ୍ଠା ପାଇଁ ହାଇକୋର୍ଟ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାରେ ଭର୍ଚୁଆଲ ହାଇକୋର୍ଟ କାର୍ଯ୍ୟ କରିବ । ଏଠାରେ ମାମଲାର ଇ-ଫାଇଲିଂ ଠାରୁ ଆରମ୍ଭ କରି ଭର୍ଚୁଆଲ ବ୍ୟବସ୍ଥାରେ ଶୁଣାଣି ପର୍ଯ୍ୟନ୍ତ ସୁବିଧା ରହିବ ।

# ମାରାତ୍ମକ କ୍ୟାନସର ଓ ହେପାଟାଇଟିସ୍



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଚଳିତ ବର୍ଷ ବିଶ୍ୱ କ୍ୟାନସର ଦିବସର ବାର୍ତ୍ତା ରହିଛି 'କ୍ଲୋଜ ଦ କେୟାର ଗ୍ୟାପ' (ଯତ୍ନ ବ୍ୟବଧାନ ବନ୍ଦ କରନ୍ତୁ)। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନସର ଦିବସ ଭାବେ ପାଳନ କରାଯାଏ। ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ପ୍ରତି ବର୍ଷ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି। ଏହାର ଭୟାବହତା ପ୍ରତି ଲୋକଙ୍କୁ ସଚେତନ କରାଇବା ଏବଂ ଚିକିତ୍ସା ଓ ନିରାକରଣ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜିର ଦିନକୁ ବିଶ୍ୱ କର୍କଟ ସଚେତନତା ଦିବସ ଭାବେ ପାଳନ କରାଯାଉଛି। ୟୁନିୟନ ଫର ଇଣ୍ଟରନ୍ୟାସନାଲ କ୍ୟାନ୍ସର କଣ୍ଟ୍ରୋଲ ଦ୍ୱାରା ବିଶ୍ୱ କର୍କଟ ସଚେତନତା ଦିବସ ପ୍ରତିଷ୍ଠା ହୋଇଥିଲା। ୨୦୨୫ ସୁଦ୍ଧା କର୍କଟ ଜନିତ ମୃତ୍ୟୁ ଓ ପୀଡ଼ିତଙ୍କ ସଂଖ୍ୟା ହ୍ରାସ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଏ ଅବସରରେ କର୍କଟ ଆକ୍ରାନ୍ତଙ୍କ ସମର୍ଥନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଏ। କର୍କଟ ରୋଗ ଚିହ୍ନଟ ପରେ ତା ସହ ଲଢ଼ିବା ପାଇଁ ସେମିନାର, କ୍ୟାମ୍ପେନ୍, ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ୍ୟ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦୁରୀ ଏବଂ ଯକୃତ କର୍କଟ ରୋଗ ମଧ୍ୟ ସୃଷ୍ଟି ହୋଇପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନିରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ଅନ୍ୟଲୋକମାନେ ମଧ୍ୟ ହୋଇଥାନ୍ତି । ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣ ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଏହି କ୍ଷେତ୍ରରେ ରୋଗୀକୁ ଭୋକ ଲାଗିନଥାଏ, ବାନ୍ତି ହୋଇଥାଏ, ଶରୀରରେ ଜ୍ୱର ଦେଖାଯାଏ, ଦେହ ଘୋଳାବିନ୍ଧା କଷ୍ଟ ଲାଗେ, ଆଖି ଓ ଚର୍ମ ହଳଦିଆ ଦେଖାଯିବା ସହ ପରିସ୍ରା ଗାଢ଼ ରଙ୍ଗର ହୋଇଥାଏ । ମଳ ମଧ୍ୟ ହାଲୁକା ରଙ୍ଗର ହୋଇଥାଏ । ବେଳେବେଳେ ବୃକକ୍ ଓ ମସ୍ତିଷ୍କ ମଧ୍ୟ ଅକାମୀ ହୋଇଯାଏ ଓ ଏ କ୍ଷେତ୍ରରେ ରୋଗୀ ସଂଜ୍ଞାହୀନ ହୋଇଯାଏ । ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି । ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୂନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁର ପ୍ରବେଶ ଜଣେ ସୁସ୍ଥ ଲୋକକୁ ହୋଇପାରିବ । ହେପାଟାଇଟିସ୍ 'ବି' ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ଭାରତରେ ଏଡ୍‌ସ୍ ଯୋଗୁଁ ସାରା ବର୍ଷରେ ଯେତେ ଲୋକ ମରନ୍ତି, ତା'ଠାରୁ ଅଧିକ ଗୋଟିଏ ଦିନରେ ହେପାଟାଇଟିସ୍ 'ବି' ଯୋଗୁ ମୃତ୍ୟୁବରଣ କରନ୍ତି । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ନିମ୍ନଲିଖିତ ଶ୍ରେଣୀର ବ୍ୟକ୍ତିଙ୍କୁ ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମଣ ହେବାର ଅଧିକ ସମ୍ଭାବନା ରହିଛି । ଡାକ୍ତର ଓ ଶଲ୍ୟ ଚିକିତ୍ସକ, ସେବିକା, ପାଥୋଲୋଜି ଟେକ୍‌ନିସିଆନ୍ ଏବଂ ରକ୍ତ ଭଣ୍ଡାର ଓ ବୃକକ୍ ଡାଏଲିସିସ୍ ବିଭାଗରେ କାର୍ଯ୍ୟରତ କର୍ମକର୍ତ୍ତାମାନେ ଅଧିକ ସଂକ୍ରମଣ ହେବାର ସମ୍ଭାବନା । ସମଲିଙ୍ଗ ସଂଗମ ପ୍ରୟାସୀ (ହୋମୋସେକ୍ସୁଆଲ୍), ରୂପଜୀବୀ, ବିଶୃଙ୍ଖଳ ଅସୁରକ୍ଷିତ ଯୌନକ୍ରିୟା, ଇଞ୍ଜେକ୍‌ସନ ମାଧ୍ୟମରେ ନିଶା ସେବନ କରୁଥିବା ବ୍ୟକ୍ତିମାନେ ମଧ୍ୟ ଏହି ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ଅଧିକ ସଂକ୍ରମଣ ହେବା ସମ୍ଭାବିତ ରହିଛି । ଥାଲାସିମିଆ ଓ ହିମୋଫିଲିଆ ରୋଗୀମାନେ ମଧ୍ୟ ଯେଉଁମାନେ ବାରମ୍ବାର ରକ୍ତ ନିଅନ୍ତି ସେମାନେ ଏଥିରେ ଆକ୍ରାନ୍ତ ହୁଅନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ କୌଣସି ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇନାହିଁ । ଯାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର୍, ଟେଲବିଭୁ୍ୟଡ଼ିନ୍ ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା ଏହା କେବଳ ନିରୋଗ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ହେପାଟାଲୋଜି ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।



ବିଭାଗୀୟ ମୁଖ୍ୟ,
ହେପାଟାଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
(ମୋ) ୯୪୩୭୦୫୧୯୫୭

## ତେନ୍ତୁଳିର ଉପଯୋଗିତା

ଦକ୍ଷିଣ ଭାରତୀୟ ଖାଦ୍ୟରେ ତେନ୍ତୁଳିର ପ୍ରୟୋଗ ପ୍ରାୟତଃ ହୋଇଥାଏ । ଏହା ସେଠା ରାନ୍ଧୁଣିଆଙ୍କ ମୁଖ୍ୟ ମସଲା । ତେନ୍ତୁଳିକୁ ସେମାନେ ଭାତ, ଡାଲି ସମ୍ବର, ଚଟଣି, ତରକାରିରେ ମଧ୍ୟ ପ୍ରୟୋଗ କରନ୍ତି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ତେନ୍ତୁଳିର ଅନେକ ଉପଯୋଗିତା ରହିଛି ।

♦ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ନିମନ୍ତେ ଏହା ଏକ ଉତ୍ତମ ପୋଷକ । ହୃଦରୋଗରୁ ବର୍ତ୍ତିବାକୁ ଚାହୁଁଥିଲେ ନିୟମିତ ଭାବେ ଦ୍ୱିପ୍ରହର ଅବା ସକାଳ ଜଳଖିଆରେ ତେନ୍ତୁଳିର ବ୍ୟବହାର କରିବା ଉଚିତ ।

♦ ମଧୁମେହ ରୋଗୀଙ୍କ ନିମନ୍ତେ ଏହା ଏକ ମହୌଷଧି ଅଟେ । ଭିଟାମିନ୍ ସି' ଓ ଅନ୍ୟାନ୍ୟ ପୋଷକତତ୍ତ୍ୱ ଭରପୂର ତେନ୍ତୁଳି ଅଂଶୁଘାତରୁ ମଧ୍ୟ ଶରୀରକୁ ରକ୍ଷା କରିଥାଏ । ଏଣୁ ଗ୍ରୀଷ୍ମଦିନେ ତେନ୍ତୁଳି ଚକଟାର ଅବାଶ୍ୟକତା ବହୁତ ଅଧିକ ।

♦ ଭୋକର କ୍ଷମତା ବଢ଼ାଉଥିବା ଏଇ ତେନ୍ତୁଳି ଓଜନ ହ୍ରାସ ନିମନ୍ତେ ମଧ୍ୟ ଜରୁରୀ ।



## ପିଜୁଳି

ମେଓ୍ୱା ବା ପିଜୁଳି ପେଟଜନିତ ସମସ୍ତ ସମସ୍ୟାର ସମାଧାନ ପାଇଁ ଏକ ଭରସାଯୋଗ୍ୟ ଫଳ । ଅଧିକାଂଶ ଲୋକଙ୍କ ବାଡ଼ି, ବଗିଚାରେ ପିଜୁଳି ଗଛ ଥାଏ, ତେଣୁ ଏହା ସହଜରେ ମିଳିଯାଏ । ଏଥିରେ ଫାଇବର ଖଣିଜ ଓ ଖାଦ୍ୟସାର ପ୍ରଚୁର ପରିମାଣରେ ରହିଥାଏ । ବିଶେଷକରି ମଧୁମେହ ରୋଗୀଙ୍କ ପାଇଁ ଏହା ଅତ୍ୟନ୍ତ ଉପକାରୀ । ପିଜୁଳିର ଫାଇଦା ସମ୍ପର୍କରେ ଆୟୁର୍ବେଦରେ ମଧ୍ୟ ଉଲ୍ଲେଖ ରହିଛି ।



**ଗୁଣ ଓ ଫାଇଦା:-**

ଏଥିରେଥିବା ପୌଷ୍ଟିକ ତତ୍ତ୍ୱ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ । ପିଜୁଳିରେ ଥିବା ଫାଇବର 'ମେଟାବୋଲିଜମ୍' ଠିକ୍ ରଖେ । ଯେଉଁମାନେ କୋଷ୍ଠକାଠିନ୍ୟରେ ପୀଡ଼ିତ, ସେମାନେ ପିଜୁଳି ଖାଇଲେ ଉପକୃତ ହେବେ ।

ଏଥିରେ ଥିବା ଭିଟାମିନ-ଏ ଚକ୍ଷୁର ଆବଶ୍ୟକତା ପୂରଣ କରେ ।

ପିଜୁଳି ଗଛର ପତ୍ରକୁ କିଛି ସମୟ ଚୋବାଇଲେ ମାଢ଼ି ମଜଭୁତ ହେବା ସହ ମୁହଁ ମଧ୍ୟ ପରିଷ୍କାର ହୁଏ ।

ଏହା ଓଜନ ବୃଦ୍ଧି କରେ ନାହିଁ ।

ଏଥିରେ ଥିବା ଭିଟାମିନ୍ - ଏ, ବି ଓ ସି ତ୍ୱଚାକୁ ଉଜ୍ଜ୍ୱଳତା ପ୍ରଦାନ କରେ । କାଶରୁ ଉପଶମ ମିଳେ ।

ପାଚନ କ୍ରିୟାକୁ ସ୍ୱାଭାବିକ କରେ ।

ଗର୍ଭବତୀଙ୍କ ପାଇଁ ଅତ୍ୟନ୍ତ ଉପକାରୀ ।

## ବୟସ୍କଙ୍କୁ ସୁସ୍ଥ ରଖେ ଭିଟାମିନ୍-କେ

ପ୍ରାୟ ମସସ୍ତେ ଜାଣିଛନ୍ତି ବୟସ୍କମାନଙ୍କ ପାଇଁ ଭିଟାମିନ୍-କେ କ'ଣ ? କେଉଁଠାରୁ ମିଳେ ଜାଣିନ୍ତୁ ?

ଯଦି ଭିଟାମିନ୍ ବିଷୟରେ ଭାବୁଛନ୍ତି, ତେବେ ଜାଣିବା ଦରକାର ଯେ ଆପଣ ସୁସ୍ଥ ରହିବା ପାଇଁ ଶରୀରକୁ କେଉଁ ଭିଟାମିନ୍ କେତେ ମାତ୍ରାରେ ଆବଶ୍ୟକ ହୋଇଥାଏ । ସେମିତି ତ ଶରୀରକୁ ସୁସ୍ଥ ରଖିବା ପାଇଁ ସବୁ ବୟସରେ ଭିଟାମିନ୍‌ର ଆବଶ୍ୟକତା ରହିଛି । କିନ୍ତୁ 'ଭିଟାମିନ୍-କେ' ବୟସ୍କ ଲୋକମାନଙ୍କ ପାଇଁ ବହୁତ ଜରୁରୀ । ବୋଷ୍ଟନ୍‌ର ଟେଫ୍ଟେସ୍ ୟୁନିଭର୍ସିଟିରେ ' ଭିଟାମିନ୍-କେ ଲ୍ୟାବର ନିର୍ଦ୍ଦେଶକଙ୍କ ଅନୁସାରେ, ବୟସ୍କଙ୍କ ଠାରେ ବିଭିନ୍ନ ଭିଟାମିନର ଅଭାବ ଦେଖିବାକୁ ମିଳିଥାଏ । କିନ୍ତୁ ଏହି ବୟସରେ ଭିଟାମିନ୍ ସେମାନଙ୍କ ପାଇଁ ବହୁତ ଜରୁରୀ । ବିଶେଷ କରି 'ଭିଟାମିନ- କେ' ଅଭାବକୁ ପୂରଣ କରିବା ବହୁତ ଜରୁରୀ, ଯାହା ଶରୀରକୁ ସୁସ୍ଥ ରଖିବ । ଏହି ଗବେଷଣାରେ ନିର୍ଦ୍ଦେଶକ ସରହ ବୁଥ୍ ଓ ତାଙ୍କ ସହଯୋଗର ସାମିଲ ଥିଲେ । ଏଥିରେ ସାମିଲ କରାଯାଇଥିବା ବୟସ୍କ ମାନଙ୍କଠାରେ ରକ୍ତର ଅଭାବ ରହିଥିଲା । ତା' ସହିତ ମଧ୍ୟ ଭିଟାମିନ୍‌ର ଅଭାବର ରହିଥିଲା । ତେଣୁ ସେମାନେ ଶାରୀରିକ ଭାବେ ସକ୍ରିୟ ନଥିଲେ । କିନ୍ତୁ ଯେଉଁମାନଙ୍କଠାରେ ଆବଶ୍ୟକ ପରିମାଣର ରକ୍ତ ରହିଥିଲା, ସେମାନେ ଅନ୍ୟମାନଙ୍କ ପରି ନିଷ୍କ୍ରିୟ ନଥିଲା ।






### 'ଭିଟାମିନ୍-କେ' କ'ଣ ଦରକାର ?

ଭିଟାମିନ୍-କେ ଆମ ହାଡକୁ ମଜଭୁତ କରିଥାଏ । ଯଦି ଆପଣଙ୍କ ଶରୀରରେ 'ଭିଟାମିନ୍-କେ' ମାତ୍ରା କମ୍ ରହିଥାଏ, ତେବେ ଶରୀରରେ କ୍ଷତି ହେଲେ ରକ୍ତକ୍ଷରଣ କମି ନଥାଏ । 'ଭିଟାମିନ୍-କେ' ରକ୍ତ ଜମାଟ ବାନ୍ଧିବାରେ ସହାୟତା କରିଥାଏ । ଯଦି ଶରୀରରେ 'ଭିଟାମିନ୍-କେ ମାତ୍ରାଧିକ ଅଭାବ ଦେଖା ଦିଏ, ତେବେ ଶରୀରରେ ଭିତରେ ରକ୍ତସ୍ରାବ ପରି ସମସ୍ୟା ଉପୁଜିଥାଏ, ଯାହା ଖୁବ୍ କ୍ଷତିକାରକ । ଭିଟାମିନ୍-କେ ହାଡରେ କ୍ୟାଲସିୟମ ପହଞ୍ଚାଇବାରେ ସହାୟତା କରିଥାଏ । ଏହା ରକ୍ତସ୍ରାବକୁ ଅଟକାଇଥାଏ । ସେହିପରି ଶରୀରରେ ରକ୍ତ ସଞ୍ଚାଳନକୁ ମଧ୍ୟ ନିୟନ୍ତ୍ରିତ କରିଥାଏ । ଗର୍ଭବତୀଙ୍କ କ୍ଷେତ୍ରରେ 'ଭିଟାମିନ୍-କେ' ଭ୍ରୁଣର ବିକାଶ ପାଇଁ ଜରୁରି ।

### 'ଭିଟାମିନ୍-କେ' ର ସ୍ରୋତ:

'ଭିଟାମିନ୍-କେ'ର ମୁଖ୍ୟ ସ୍ରୋତ ହେଉଛି ସବୁଜ ପନିପରିବା । ସୋରିଷ ଶାଗ, ବନ୍ଧାକୋବି, ମୂଳା, ପାଳଙ୍ଗ ଶାଗ, ଗହମ, ଫଳ ଓ ବିଟ୍ ପତ୍ରରେ ଭରି ରହିଛି 'ଭିଟାମିନ୍-କେ' ।




## ଓଭାରିଆନ୍ କ୍ୟାନସରକୁ ପ୍ରତିରୋଧ କରୁଥିବା ଖାଦ୍ୟ

ଓଭାରିଆନ କ୍ୟାନସର ମହିଳାମାନଙ୍କୁ ହେଉଥିବା ଏକ ଘାତକ ରୋଗ । ଠିକ୍ ସମୟରେ ଏହାର ଚିକିତ୍ସା ନକଲେ ଏହି ରୋଗ ମୃତ୍ୟୁମୁଖରେ ପକାଇଥା, । ଓଭାରିଆନ୍ କ୍ୟାନସର ମୂଳ ରୂପରେ ଅଣ୍ଡାଶୟରେ ହେଉଥିବା ଟ୍ୟୁମର । ଏହାର ଚିକିତ୍ସା ନକଲେ ଏହା ପେଲଭ୍ୱିକ୍ ଓ ପେଟରେ ମାଡ଼ିଯାଏ ଏହି ସ୍ତରରେ ଏହାର ଚିକିତ୍ସା କରିବା କଷ୍ଟକର ହୋଇପଡ଼େ । ଏହି ରୋଗରେ ପେଟ୍ ଫୁଲିଯାଏ । ବାରମ୍ବାର ପରିସ୍ରା ଲାଗେ । ପେଲଭ୍ୱିକ୍ ଏରିଆରେ ସମସ୍ୟା ଦେଖାଦିଏ । ଓଜନ କମ ହୋଇଯାଏ ଏହାର ସଠିକ୍ କାରଣ କେହି କହି ପାରିବେ ନାହିଁ । ଡାକ୍ତରମାନେ କିଛି କାରକଙ୍କୁ ଏହାର କାରଣ ବୋଲି ମାନିଥାନ୍ତି ଯଥା ପାରିବାରିକ ଇତିହାସ, ଅତ୍ୟଧିକ ମୋଟା ହେବା, ଣ୍ଡୋମେଟ୍ରିୟେସିସ୍, ହର୍ମୋନ, ଥେରାପୀ ଓ କିଛି ଲୋକଙ୍କ ମଧ୍ୟରେ ଆନୁବଂଶିକ ପରିବର୍ତ୍ତନ । ତେବେ କିଛି ଘରୋଇ ଉପାୟ ଦ୍ୱାରା ଏହି ସ୍ଥିତି ଓ ଲକ୍ଷଣର ପ୍ରବନ୍ଧନ କରିବା ଦ୍ୱାରା ଆପଣଙ୍କୁ ସାହାଯ୍ୟ ମିଳିପାରିବ ।

**ମଶରୁମ୍:-**

ମଶରୁମରେ ଲେଣ୍ଟନେନ୍ ନାମକ ସକ୍ରିୟ ଘଟକ ବା ତତ୍ତ୍ୱ ରହିଛି, ଯାହା କିଛି ପ୍ରକାରର କ୍ୟାନସରର ବିକାଶକୁ ପ୍ରତିରୋ କରିବାରେ ସାହାଯ୍ୟ କରେ । ଏଥିରେ ଭିଟାମିନ ଡିଓ ମେଗା- ୩ ମିଳିଥାଏ ।

**ସୋୟାରୁ ଉତ୍ପାଦ ଖାଦ୍ୟ:-** ନ୍ୟୁଟ୍ରିସନ୍ ଜର୍ନାଲ୍ ଏଣ୍ଡ କ୍ୟାନସର ଦ୍ୱାରା ପ୍ରକାଶିତ ଏକ ଅଧ୍ୟନ ଅନୁସାରେ, ସୋୟାରୁ ଉତ୍ପାଦ ଦେଉଥିବା ଖାଦ୍ୟରେ ଆଇସୋପ୍ଲୋବୋନସ ରହିଛି ଯାହା କ୍ୟାନସର କୋଷିକାର ସଞ୍ଚରଣକୁ ଅବରୋଧ କରାଏ ଓ ଟ୍ୟୁମରର ପ୍ରସାରକୁ କମ କରିଥାଏ । ସେଥିପାଇଁ ଆପଣ ସୋୟାରୁ ତିଆରି ଖାଦ୍ୟ ଯଥା- ପନିର, ଦହି ତେଲ, ସୋୟାବିନ ଦୋୟା ସ୍ପାଉଟସ ଆଦି ଖାଆନ୍ତୁ ।

**ପେପରମିଣ୍ଟ ଚା:-** ସବୁବେଳେ ଯଦି ଆପଣ ଅଫସେଟ୍ ରହୁଛନ୍ତି, ତେବେ ଏହା ମଧ୍ୟ ଓଭାରିଅନ କ୍ୟାନସରର ସାମାନ୍ୟ ଲକ୍ଷଣ ମଧ୍ୟରୁ ଗୋଟିଏ। ପେପରମିଣ୍ଟ ଚା ବାସ୍ତବରେ ଏହାର ଚିକିତ୍ସା ପାର୍ଇ ସାହାଯ୍ୟ କରେ । ଏହାକୁ ତିଆରି କରିବାକୁ ହେଲେ ପାଣିରେ ପେପରମିଣ୍ଟର ୪ଟି ପତ୍ର ପକାଇ ଭଲ ଭାବରେ ସିଝାଇ ଦିଅନ୍ତୁ, ତାପରେ ଚା ପରି ଏହାକୁ ପିଅନ୍ତୁ।

**ଲାଲ ପିଆଜ:-** ଲାଲ ପିଆଜ କ୍ୱେର ସେଟିନ୍, ଏପିଗେନିନ୍ ଓ ବିଭିନ୍ନ ଏନ୍ଥୋକାୟନିନ୍ ପରି କ୍ୟାନସରରୋଧୀ ଯୌଗିକ ବସ୍ତୁରେ ଭରପୂର ଯାହାକୁ ସେବନ କଲେ ଓଭାରିଆନ୍ କ୍ୟାନସରରେ ଆପଣଙ୍କୁ ସାହାଯ୍ୟ କରିପାରେ ।

**ଅଦା:-** ଅଦାରେ ମଧ୍ୟ କ୍ୟାନସରରୋଗୀ ଗୁଣ ରହିଛି । ଏଥିରେ ଜିଞ୍ଜରୋଲ, ଜିଞ୍ଜରୋନ ଓ ଶୋଗଲ ସହିତ ସକ୍ରିୟ ଯୌଗିକ ବସ୍ତୁ ଥାଏ । ଯେଉଁଥିରେ କ୍ୟାନସରରୋଧୀ ଗୁଣ ରହିଛି ଓ କ୍ୟାନସରର ଉପ୍ରିବର୍ତ୍ତନକୁ ଦବାଇଦିଏ ।









## ବାସ୍ତୁଶାସ୍ତ୍ରର ନିୟମ



ଘରର ସୁଖ ସମୃଦ୍ଧି ତଥା ପରିବାର ସଦସ୍ୟଙ୍କ ଆପୋଷ ବୁଝାମଣା ନିମନ୍ତେ ମୁରବିମାନେ ଅପେକ୍ଷାକୃତ ଅଧିକ ସଚେତନ । ଯେ କୌଣସି ପରିସ୍ଥିତିରେ ମଧ୍ୟ କଳିଝଗଡ଼ା ଅବା ଅଶାନ୍ତି ନ ଉପୁଜୁ, ଏଥି ନିମନ୍ତେ ବର୍ତ୍ତମାନ ପରିସ୍ଥିତିରେ ଲୋକେ ବାସ୍ତୁଶାସ୍ତ୍ରର ନିୟମକୁ ସାଦରେ ଗ୍ରହଣ କରୁଛନ୍ତି ।

ବାସ୍ତୁବିତ୍‌ଙ୍କ ମତରେ ଘର ତିଆରି ସମୟରେ ଦକ୍ଷିଣ ଓ ପଶ୍ଚିମ ପାଖର କାନ୍ଥ ଓ ପାଚେରି ପୂର୍ବ ଓ ଉତ୍ତର ପାଖଠାରୁ ଅଧିକ ମୋଟା ଓ ଉଚ୍ଚ ହେବା ଦରକାର । ଏହା ପରିବାର ସଦସ୍ୟଙ୍କ ନିମନ୍ତେ ସୌଭାଗ୍ୟ ଆଣିଥାଏ ।

ଫ୍ଲାଟ କିମ୍ବା ଘର କିଣୁଥିଲା ବେଳେ ଦୃଷ୍ଟିରେ ରଖିବେ ଯେ ଯେପରି ରାସ୍ତା ତୁଳନାରେ ଆର୍ଥିକ ଅସୁବିଧା ସହ ଘରେ ନିୟମିତ କଳିଝଗଡ଼ା ଉପୁଜିଥାଏ ।

ବିପଦ ଟାଳିବାକୁ ଚାହୁଁଥିଲେ, ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଚାରାରୋପଣ କରନ୍ତୁ । ବୃକ୍ଷ ଘରେ ସ୍ଥିରତା ଆଣିବା ସହ ଦୁର୍ଭାଗ୍ୟ ଟାଳିଥାଏ ବୋଲି ବାସ୍ତୁବିତଙ୍କ ମତ ।

ଘରର ମୁଖ୍ୟ ଦୁଆରକୁ ସବୁବେଳେ ପରିଷ୍କାର ପରିଚ୍ଛିନ୍ନ ରଖିବା ଜରୁରୀ । ଏହା ନକରାତ୍ମକ ଶକ୍ତି ଦୂର କରିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିଷାକ୍ତ ବଳୟ ବିକାଶର ପରିପନ୍ଥୀ...

ସାରା ବିଶ୍ୱ ଏବେ ବିଷମ ସମୟ ଦେଇ ଗତି କରୁଛି । ସର୍ବତ୍ର ଉତ୍ତେଜନା, ସଂଘର୍ଷର କଳାଛାୟା । ପ୍ରାୟ ବର୍ଷେକାଳ ରୁଷ-ୟୁକ୍ରେନ୍ ସଂଘର୍ଷ ଲାଗି ରହିଛି । ଏହା ଏତେ ଶୀଘ୍ର ବନ୍ଦ ହୋଇଗଲା ଭଳି ଦିଶୁନାହିଁ । ତମାମ୍ ନାଟୋ ରୁଷ ବିରୋଧରେ ଅର୍ଥ ଓ ଅସ୍ତ୍ର ଭିଡ଼େଇ ଦେଇଥିବା ବେଳେ ପୁଟିନ୍ ସେନା ସବୁ କଳବଳ ଲଗାଇ ତାହାର ମୁକାବିଲା କରିବାରେ ଲାଗିଛି । ଯୁଦ୍ଧ ପାଇଁ ଉଭୟ ୟୁକ୍ରେନ ଓ ରୁଷର ସମ୍ବଳ ଉଜୁଡ଼ି ସାରିଲାଣି । କେହି ବର୍ତ୍ତମାନ ସ୍ଥିତିରେ କେବେ ଯୁଦ୍ଧ ସରିବ, ତାହା କହିବା ସ୍ଥିତରେ ନାହାଁନ୍ତି । ଶୀତଳ ଯୁଦ୍ଧର ସମୟ ଚାଲିଯାଇଛି । ସୋଭିଏତ୍ ରାଷ୍ଟ୍ରସଂଘ ଭାଙ୍ଗିଯିବା ଦିନରୁ ତାହାର ଅବସାନ ଘଟିଛି । ୱାର୍ସା ମେଣ୍ଟ ଉପରୁ ମଧ ସୋଭିଏତ୍ ନିୟନ୍ତ୍ରଣ ଖସିଗଲାଣି । ତା' ପରଠାରୁ ଗୋଟିକ ପରେ ଗୋଟିଏ ଦେଶ ନିଜକୁ ଶୃଙ୍ଖଳମୁକ୍ତ କରିବାର ଦେଖାଯାଇଛି । ସୋଭିଏତ୍ ରାଷ୍ଟ୍ରସଂଘର ବିଲୟ ପରେ ଅନେକ ଦେଶ ପଶ୍ଚିମମୁହାଁ ହେଲେ ଏବଂ ନାଟୋ ମେଣ୍ଟରେ ସାମିଲ ହେବା ଆରମ୍ଭ କଲେ । ଏବେ ଉତ୍ପନ୍ନ ହୋଇଥିବା ସ୍ୱାଭାବିକ ସ୍ଥିତିରୁ ଆମେରିକା ଓ ନାଟୋ ମେଣ୍ଟ ଭରପୂର ଫାଇଦା ନେବାର ଦେଖାଯାଉଛି । କେହି ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହଁନ୍ତି ଯେ, ଏହା ରୁଷ ଓ ୟୁକ୍ରେନ୍ ଭିତରେ ଲଢ଼େଇ। ଏହା ରୁଷ ବନାମ ନାଟୋ ସଂଘର୍ଷ ବୋଲି ବିଶ୍ୱବାସୀ ଭଲରୂପେ ବୁଝିସାରିଲେଣି । ତାହାରି ଭିତରେ ଜେଲେନସ୍କିଙ୍କୁ ମୋହରା କରିବାକୁ ବସିଛି ନାଟୋ । ପୁଟିନ୍ ସେନା ବିରୋଧରେ ୟୁକ୍ରେନ୍ ଯେଉଁଭଳି ଲଢ଼ିବା ବନ୍ଦ କରିନାହିଁ, ତାହା ପଛରେ ଆମେରିକା, ବ୍ରିଟେନ୍ ଭଳି ମହାଶକ୍ତିଙ୍କ ଉସ୍କାଣି ପୂରା ଦମ୍ କାମ କରୁଛି । ଏଥିରେ ୟୁକ୍ରେନ୍ ନେତା ବୁଝିପାରିବାକୁ ସମର୍ଥ ନୁହଁନ୍ତି ତାଙ୍କ ଦେଶ ଏହା ଭିତରେ ମଶାଣି ଭୂଇଁ ପାଲଟି ସାରିଲାଣି । ରୁଷ ନେତାଙ୍କ ଅବସ୍ଥା ମଧ ତଦ୍ରୁପ ହେଲାଣି । ଦେଶ ବହୁ ସେନାଧକ୍ଷଙ୍କୁ ହରାଇଲାଣି ଏବଂ ଶହ ସଂଖ୍ୟାରେ ନୁହେଁ, ହଜାର ସଂଖ୍ୟାରେ ସୈନ୍ୟ ନିପାତ ହେଲେଣି । ପାଶ୍ଚାତ୍ୟ ଶକ୍ତି ରୁଷ ବିରୋଧୀ ଖେଳରେ ମଜା ଲୁଟିବାରେ ବ୍ୟସ୍ତ । କିନ୍ତୁ ବିଶ୍ୱ ଅର୍ଥନୀତି କିଭଳି ବିପର୍ଯ୍ୟୟମୁଖୀ ହୋଇସାରିଲାଣି, ତାହା ସେମାନଙ୍କୁ ଦେଖାଯାଉନାହିଁ ଯେମିତି । ବିସ୍ତାରବାଦୀ ଚୀନ୍ ଏହା ଭିତରେ ତାଇୱାନ ପ୍ରଭୁସତା ନେଇ ଗୋଟିଚାଳନା ଆରମ୍ଭ କରିଛି । ମାର୍କିନ୍ ପ୍ରତିନିଧି ସଭାର ଅଧକ୍ଷା କିଛି ମାସ ତଳେ ତାଇୱାନ୍ ଗସ୍ତରେ ଯାଇଥିଲେ । ତାହାକୁ ଚୀନ୍ ହଜମ କରିବା ଅବସ୍ଥାରେ ନଥିଲା । ତାଇୱାନ୍‌କୁ ଏବେ ବି ଚୀନ୍ ତାର ଅଂଶବିଶେଷ ବୋଲି ବିଚାରୁଛି । ସେଥିପାଇଁ ଆମେରିକାର କଥିତ ହସ୍ତକ୍ଷେପକୁ ବରଦାସ୍ତ କରିବାକୁ ଚୀନ୍ ତୟାର ନୁହେଁ । ନିକଟରେ ମାର୍କିନ୍ ବାୟୁସେନା ମୁଖ୍ୟ ଜେନେରାଲଙ୍କ ଆଶଙ୍କା ଓ ଅନୁମାନ ଯଦି ସତ ହୁଏ, ତେବେ ୨୦୨୫ରେ ବଡ଼ଧରଣର ଚୀନ୍- ଆମେରିକା ଯୁଦ୍ଧ ଅବଶ୍ୟମ୍ଭାବୀ । ବୃହତ୍ ଶକ୍ତିମାନେ କାଳେ କାଳେ ଜାତିସଂଘ ଓ ଅନ୍ୟ ବିଶ୍ୱ ସଂସ୍ଥାଗୁଡ଼ିକୁ କ୍ରୀଡ଼ାନକ ଭଳି ବ୍ୟବହାର କରିଆସିଛନ୍ତି । ସେମାନଙ୍କ ଦାନ ଓ ଅନୁଦାନ ବଳରେ ଚାଲିଛି ବିଶ୍ୱ ସଂସ୍ଥା । ସୁତରାଂ କେଉଁଠି ଯୁଦ୍ଧ ହେଲା କେତେ ଧନଜନ କ୍ଷତିଗ୍ରସ୍ତ ହେଲେ ତାହାକୁ ବୃହତ୍ ଶକ୍ତିଙ୍କର ପରବାୟ ନାହିଁ । ତାହାର ବଡ଼ ତାଜା ପ୍ରମାଣ ରୁଷ-ୟୁକ୍ରେନ୍ ଯୁଦ୍ଧ । ବିଶ୍ୱ ଜନମତକୁ ବୃହତ୍ ଶକ୍ତିମାନେ ବେଖାତିର କରିଚାଲିଛନ୍ତି, ତାହା ବାବଦରେ କିଛି ଅଧିକ ପ୍ରମାଣ ଲୋଡ଼ାନାହିଁ । ଯଦି ଚୀନ୍ ଓ ଆମେରିକା ଭିତରେ ତାଇୱାନ୍ ମାଲିକାନା ନେଇ ଯୁଦ୍ଧ ଲାଗିଯାଏ, ହୁଏତ ତାହା ବିଶ୍ୱଯୁଦ୍ଧ ପାଇଁ ବାଟ ଖୋଲିଦେବ । ଯରୁଷ ଓ ୟୁକ୍ରେନ୍ ଯୁଦ୍ଧ କେଉଁ ଗୁଣରେ ବିଶ୍ୱଯୁଦ୍ଧ ଠାରୁ ଊଣା ନୁହେଁ । ପରମାଣୁ ଶକ୍ତିଧର ଦେଶ ରୁଷ୍ ଯେଉଁ ଅନ୍ତିମ ବିକଳ୍ପର ପ୍ରୟୋଗ କଥା କହୁଛି, ତାହା ମାନବ ସଭ୍ୟତା ପାଇଁ ବିରାଟ ଅଭିଶାପ ସଦୃଶ ହେବା ବିଚିତ୍ର ନୁହେଁ । ଏଥିନେଇ ମଧ ମତାନୈକ୍ୟ ରହିଛି । କିନ୍ତୁ ସାମ୍ରଗିକ ରୂପରେ ଦେଖାଗଲେ, ବିଶ୍ୱବାସୀ ଏବେ ବାରୁଦଗଦା ଉପରେ ବସିଛନ୍ତି । ତାହା କେବଳ ଚୀନ୍- ଆମେରିକା କି' ନାଟୋ-ରୁଷ ସଂଘର୍ଷ ଭିତରେ ସୀମିତ ନୁହେଁ । ବରଂ, ସମସ୍ତଙ୍କୁ ଆର୍ଥିକ ବିଶୃଙ୍ଖଳା ଭିତରକୁ ଯୁଦ୍ଧର ପ୍ରତିକୂଳ ପ୍ରଭାବ ଅବଶ୍ୟ ପଡ଼ିବ । ଏବେ ପାକିସ୍ତାନ ଓ ଶ୍ରୀଲଙ୍କାରେ ଦେଖାଦେଇଥିବା ଖାଦ୍ୟାଭାବ ସାରା ବିଶ୍ୱକୁ ଗ୍ରାସ ନକରିବ ତାହା କିଏ କହିପାରିବ ? ସମୟ ଆସିବ, ଜଳବାୟୁ ପ୍ରଦୂଷଣ ମାତ୍ରାଧିକ ଏବଂ ଋତୁଚକ୍ରରେ ବିଷମତା ସମସ୍ତଙ୍କ ପାଇଁ ସମସ୍ୟାର କାରଣ ହୋଇ ଛିଡ଼ାହେବ । ଘନଘନ କ୍ଷେପଣାସ୍ତ୍ର ପରୀକ୍ଷା ସହିତ ରକେଟ୍ ପ୍ରେରଣଜନିତ ବିଷାକ୍ତ ବଳୟ ସୃଷ୍ଟି ମାନବ ସମାଜ ଓ ସଭ୍ୟତା ପାଇଁ ସଙ୍କଟ ଉତ୍ପନ୍ନ କରିବ । ବୈଜ୍ଞାନିକମାନଙ୍କ ଭବିଷ୍ୟତବାଣୀ ଓ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ନହେବ, କିଏ କହିପାରେ ।



## ଆଉ ଦେଖାଯାଉନି ୨୦୦୦ ଟଙ୍କିଆ ଗୋଲାପି ନୋଟ୍

**ଗୋପାଳ ମହାପାତ୍ର**

ଦେଶରେ ୨୦୧୬ ମସିହା ନଭେମ୍ବର ୮ ତାରିଖରେ ବିମୁଦ୍ରୀକରଣ ହେବାପରେ ଅଚାନକ ରାତି ୧୨ଟା ପରେ ୫୦୦ ଟଙ୍କିଆ ଏବଂ ହଜାରେ ଟଙ୍କିଆ ପାଖାପାଖି ୧୫.୫୨ ଲକ୍ଷ କୋଟି ଟଙ୍କାର ନୋଟ୍‌କୁ ଅର୍ଥ ବ୍ୟବସ୍ଥାରୁ ବାହାର କରିଦିଆ ଯାଇଥିଲା । ଏହା ବଦଳରେ ନବ କଳେବରର ୫୦୦ ଟଙ୍କିଆ ନୋଟ୍ ଏବଂ ଗୋଲାପି ରଙ୍ଗର ୨୦୦୦ ଟଙ୍କିଆ ନୋଟ୍ ରିଜର୍ଭବ୍ୟାଙ୍କ ଜାରି କରିଥିଲେ । ଏବେ ବଜାରରେ ଓ ସାଧାରଣ ନେଣ ଦେଣ ସମୟରେ ୫୦୦ ଟଙ୍କିଆ ନୋଟ୍ ତ ଦେଖିବାକୁ ମିଳୁଛି ହେଲେ ୨୦୦୦ ଟଙ୍କିଆ ନୋଟ୍ ଆଉ ଦେଖିବାକୁ ମିଳୁନାହିଁ । ବିମୁଦ୍ରୀକରଣ ପରେ ୨୦୦୦ଟଙ୍କିଆ ନୋଟ୍ ରିଜର୍ଭବ୍ୟାଙ୍କ ବଜାରକୁ ଛାଡ଼ିବା ପରେ ୪-୫ ବର୍ଷ ପର୍ଯ୍ୟନ୍ତ ଏହି ନୋଟ୍ ପ୍ରବଳ ଭାବରେ ପ୍ରଚଳନ ହେଉଥିଲା । କିନ୍ତୁ ତା'ପରଠାରୁ ଧିରେ ଧିରେ ଏହି ନୋଟର ପ୍ରଚଳନ କମିବାରେ ଲାଗିଲା । ଏବେ ଆଉ ଏହି ନୋଟ୍ ବଜାରରେ ଦେଖିବାକୁ ମିଳୁନାହିଁ । ପ୍ରଶ୍ନ ଉଠିପାରେ ଏହା କ'ଣ ଷଡ଼ଯନ୍ତ୍ର କି ? ଏହା ଷଡ଼ଯନ୍ତ୍ର ନୁହେଁ । ଯୋଜନାବଦ୍ଧ ଭବେ ଏହା କରାଯାଇଛି ବୋଲି କୁହାଯାଇପାରେ । ପ୍ରକୃତ କଥା ହେଉଛି ଗତ ୩ ବର୍ଷ ହେଲା ୨୦୦୦ ଟଙ୍କିଆ ନୋଟ୍ ରିଜର୍ଭବ୍ୟାଙ୍କ ଆଉ ଛାପୁନାହିଁ । ଏଣୁ ନୋଟର ବ୍ୟବହାର କମିଯାଇଛି। କୁହାଯାଇପାରେ ଯେ ଏହି ନୋଟ୍‌ର ନେଣଦେଣ ଆଉ ନାହିଁ । ବଜାରରେ ୨୦୦୦ ଟଙ୍କିଆ ନୋଟ୍‌ର ନେଣଦେଣ କମିବା ପ୍ରସଙ୍ଗରେ ଜନୈକ ସୂଚ୍ନା ଅଧିକାର କର୍ମୀଙ୍କ ତରଫରୁ କରାଯାଇଥିବା ଆବେଦନ ପରେ ସରକାରୀ ସ୍ତରରେ ନୋଟ୍ ଛପାଯାଉନଥିବା କଥା କୁହାଯାଇଛି ।

ଏକଥା ସତ୍ୟ ଯେ ୨୦୦୦ ଟଙ୍କିଆ ନୋଟ୍‌କୁ ନେଇ ଲୋକଙ୍କ ମନରେ ଦ୍ୱିବିଧା ଦେଖାଯାଉଛି । ଲୋକେ ଭାବୁଛନ୍ତି ଯେ ଯଦି ପୁଣି ବିମୁଦ୍ରୀକରଣ ହେବ ତେବେ ଯାହା ପାଖରେ ଏହି ନୋଟ ଥିବ ତା'ର କ୍ଷତି ହବ । ଏଣୁ ଲୋକେ ଏବେ ଏହି ନୋଟ୍ ନେବାକୁ ବା ନିଜ ପାଖରେ ରଖିବାକୁ ମଧ ଡରୁଛନ୍ତି । କିନ୍ତୁ କେବେ ଯଦି ବିମୁଦ୍ରୀକରଣ ହୁଏ, ତେବେ ୨୦୦୦ ଟଙ୍କିଆ ନୋଟ୍ ରଖିଥିବା ଲୋକଙ୍କର କୌଣସି କ୍ଷତି ହେବନାହିଁ । ସେହି ଲୋକଙ୍କର କ୍ଷତି ହେବ ଯାହା ପାଖରେ ନକଲି ନୋଟଥିବା ବା କିମ୍ବା ନୋଟ୍ ବାବଦରେ ତଥ୍ୟ (କେଉଁ ସୂତ୍ରରୁ ବ୍ୟାଙ୍କରୁ ବା ଅନ୍ୟଠାରୁ ଆଣିଥିବା ବାବଦରେ) ନଥିବ । ଅନ୍ୟ ଅର୍ଥରେ ବେହିସାବ ୨୦୦୦ ଟଙ୍କିଆ ନୋଟ୍ ରଖିଥିବା ଲୋକଙ୍କର କ୍ଷତି ହେବ । ଯେହେତୁ ୨୦୧୬ର ବିମୁଦ୍ରୀକରଣ ବେଳେ ଲୋକେ ଅନେକ ଦିନ ପର୍ଯ୍ୟନ୍ତ ଅବ୍ୟବସ୍ଥା ଭୋଗ କରିଥିଲେ ତେଣୁ ଏମିତି କିଛି ଅସୁବିଧାରୁ ସମସ୍ତେ ଦୂରେଇ ରହିବାପାଇଁ ଚାହାଁନ୍ତି । ୨୦୦୦ ଟଙ୍କିଆ ନୋଟ୍ ବାବଦରେ ମଧ ଅନେକ କଥା ଶୁଣିବାକୁ ମିଳୁଛି । ଏଣୁ ଲୋକେ ମଧ ଭାବୁଛନ୍ତି ଯେ ଏହି ନୋଟ୍ ଆଜି ନହେଲେ ବି କିଛିଦିନ ପରେ ବନ୍ଦ ବା ଅଚଳ ହୋଇଯିବ ।

୨୦୦୦ହଜାର ଟଙ୍କିଆ ନୋଟ୍ ନେଣଦେଣ ପାଇଁ ଲୋକେ ମଧ ଡରୁଛନ୍ତି । ଏହାର କାରଣ ହେଉଛି ଅଧିକ ଭାବେ ନକଲି ନୋଟ୍ ବିଭିନ୍ନ ସମୟରେ ଧରାପଡୁଛି । ଏହି ନୋଟ୍‌ରେ ଅଧିକ ସିକ୍ୟୁରିଟି ଫିଚର୍ସ ରହିଛି । ତେବେ ନକଲି ନୋଟ ବଜାରକୁ ଆସୁଛି କିପରି ? ବୋଧହୁଏ ନକଲି ନୋଟ୍ ଛାପୁଥିବା ଲୋକେ ସମସ୍ତ ସିକ୍ୟୁରିଟି ଫିଚର୍ସକୁ ଡିକୋଡ୍ କରିଦେଇଛନ୍ତି । ତଥ୍ୟ ଅନୁସାରେ ବିଗତ ୩ ବର୍ଷ ମଧରେ ଯେତେ ସବୁ ନକଲି ନୋଟ୍ ଜବତ ହୋଇଛି ସେଥିମଧରୁ ଅଧିକ ୨୦୦୦ ଟଙ୍କିଆ ନୋଟ୍ । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ବ୍ୟାଙ୍କରୁ ଓ ଏଟିଏମ୍‌ରୁ ମିଳୁଥିବା ଏହି ନୋଟ୍ ମଧ ଅନେକ ସମୟରେ ନକଲି ବୋଲି ପ୍ରମାଣିତ ହୋଇଛି । ଏଣୁ ଏହି ନୋଟର ସିକ୍ୟୁରିଟି ଫିଚର୍ସକୁ ନେଇ ଚିନ୍ତା କରାଯାଉଛି । ବୋଧହୁଏ ଏଭଳି କାରଣରୁ ଭାରତ ସରକାର ଓ ରିଜର୍ଭବ୍ୟାଙ୍କ ନକଲି ସମସ୍ୟାରୁ ବର୍ତ୍ତିବା ପାଇଁ ନୋଟ୍ ଛାପୁ ନାହାଁନ୍ତି ଓ ଏହି ନୋଟକୁ ନେଣଦେଣରୁ ଦୂରେଇ ଦେବା ପାଇଁ ଚାହୁଁଛନ୍ତି । ୨୦୦୦ ଟଙ୍କିଆ ନୋଟ୍ ବଜାରରେ ନମିଳିବାର କାରଣ ବୋଧହୁଏ ଏହା ହୋଇପାରେ । ଯାହାବି ହେଉ ବଜାରରୁ ଏବେ ଏହି ନୋଟ୍ ଉଭେଇ ଯିବାକୁ ବସିଛି। ବ୍ୟାଙ୍କ ବା ଏଟିଏମ୍‌ରେ ଆଉ ଏହି ନୋଟ୍ ମିଳୁନାହିଁ । କିନ୍ତୁ ଦେଶରେ ୨୦୦୦ ଟଙ୍କିଆ ନୋଟ୍ ନେଣଦେଣରେ କିଛି ଅସୁବିଧା ନାହିଁ କି ସରକାର ମଧ ଏହି ନୋଟ୍ ବନ୍ଦ ହୋଇଯିବ ବା ଅଚଳ ହେଲା ବୋଲି କୌଣସି ଘୋଷଣା କରିନାହାଁନ୍ତି । ଯେହେତୁ ନକଲି ନୋଟ୍‌ର ପ୍ରାବଲ୍ୟ ବଢିଛି ସେହେତୁ ଲୋକେ ମଧ ନେଣଦେଣ ପାଇଁ ଅରାଜି ହେଉଛନ୍ତି । ତେବେ ପ୍ରଶ୍ନ ହେଉଛି ରିଜର୍ଭବ୍ୟାଙ୍କ ପକ୍ଷରୁ ଜାରି କରାଯାଇଥିବା ଏହି ନୋଟ୍ ସବୁ ଗଲା କୁଆଡ଼େ ?

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

## ଡକ୍ଟର ବାୟାମନୁ ଚର୍ଚ୍ଚି

## ସମାଜସେବୀ ପ୍ୟାରୀମୋହନ ସାମନ୍ତରାୟ

ଦେଶ, ଜାତି ପାଇଁ ସମର୍ପିତ ଜୀବନ, ସଦା ସ୍ମରଣୀୟ । ସୁଖ, ଭୋଗ ଜୀବନର ଲକ୍ଷ୍ୟ ନୁହେଁ । ସମାଜସେବାକୁ ଜୀବନର ବ୍ରତ ଭାବେ ଯେ ଗ୍ରହଣ କରନ୍ତି ସେମାନଙ୍କ ଜୀବନ ତ୍ୟାଗପୂତ । ଓଡିଶାର ପ୍ରଗତି ତଥା ଓଡିଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଗୌରବାନ୍ୱିତ କରିବା ପ୍ରୟାସ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜାରୀ ରଖିଥିବା ମହାତ୍ମା ଏଭଳି ଜଣେ ତ୍ୟାଗୀ, ସମାଜସେବୀ ହେଉଛନ୍ତି ପ୍ୟାରୀମୋହନ ସାମନ୍ତରାୟ । ଜନ୍ମ କଟକ ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ଶାସନୀପଡା ଗାଁ । ସମ୍ଭ୍ରାନ୍ତ ଜମିଦାର ପରିବାରରେ ଜନ୍ମିତ ପ୍ୟାରୀମୋହନ, ପିତା ହରେକୃଷ୍ଣ ସାମନ୍ତରାୟଙ୍କ ଆଦର୍ଶ ଏବଂ ମାତା ପ୍ରମିଳା ଦେବୀଙ୍କ ଆଧ୍ୟାତ୍ମିକ ଭାବଧାରାରେ ପ୍ରଭାବିତ ହୋଇ ଲୋକଙ୍କ ସେବାରେ ନିଜକୁ ସମର୍ପି ଦେବା ପାଇଁ ଦୃଢ ସଂକଳ୍ପ ନେଇଥିଲେ । ପିତାମହ ଗୋପୀନାଥ ଥିଲେ କୁଜଙ୍ଗ ଇଷ୍ଟେଟର ଜମିଦାର, ୧୦୦୦ଏକର ଜମିର ମାଲିକ । ତେବେ ପ୍ୟାରୀମୋହନଙ୍କ ମନରେ କେବେ ନଥିଲା ଗର୍ବ କିମ୍ବା ଅହଂକାର।

ପ୍ୟାରୀମୋହନ ଥିଲେ ଜଣେ ମେଧାବୀ ଛାତ୍ର । ନିମ୍ନ ପ୍ରାଥମିକ ବୃତ୍ତି ପାଇ କୁଜଙ୍ଗ ବନ ବିହାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ, ବାଣପୁରର ଗୋଦାବରୀଶ ଉଚ୍ଚ ବିଦ୍ୟାଳୟରେ ପାଠ ପଢିଥିଲେ । ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାଶ୍ କରିବା ହେତୁ ଅଞ୍ଚଳ ପାଇଁ ଗୌରବ ଆଣିଲେ । କୁଜଙ୍ଗ ରାଜା ପ୍ୟାରୀମୋହନଙ୍କୁ ସମ୍ମାନୀତ କରିବା ସହ ସାଢେ ତିନିମାଣ ଜମି ପ୍ରଦାନ କରିଥିଲେ । ରେଭେନ୍‌ସା ମହାବିଦ୍ୟାଳୟରୁ ଆଇଏସସି ଏବଂ ଉଦ୍ଭିଦ ବିଜ୍ଞାନରେ ଅନର୍ସ ନେଇ ବି.ଏସ୍‌ସିପାଶ୍ କରି କଲିକତା ବିଶ୍ୱବିଦ୍ୟାଳୟରେ ଏମ୍‌ଏସ୍‌ସି ପଢିଲେ। ଏମ୍‌ଏସ୍‌ସି ପ୍ରଥମ ବର୍ଷରେ ଧାନ ସଂପର୍କରେ ଉପରେ ଗବେଷଣା କରି ନୂତନ ତଥ୍ୟ ପ୍ରଦାନ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସମ୍ମାନ ପ୍ରାପ୍ତ ହୋଇଥିଲେ । ତେବେ ଓଡିଶା ପ୍ରଶାସନିକ ସେବାରେ ନିଯୁକ୍ତି ପାଇବା ହେତୁ ସେ ପାଠପଢା ଛାଡିଲେ ।

ପ୍ରଶାସକ ଭାବେ ସେ ଲୋକଙ୍କ ସେବାରେ ନିଜକୁ ସମର୍ପି ଦେଲେ । ଓଡିଶାର ବିକାଶ ଲୋକଙ୍କର ଅଧିକାର ପ୍ରତି ସେ ଧ୍ୟାନ ଦେଇ ନିଜର ନିରପେକ୍ଷ ବିଚାର, ଲୋକଙ୍କୁ ସରକାରୀ ସୁବିଧା ସୁଯୋଗ ପ୍ରଦାନ, ଲୋକଙ୍କ ସହ ସୁସଂପର୍କ ସ୍ଥାପନ, ସମସ୍ୟା ଅନୁଧ୍ୟାନ, ଅନୁଶୀଳନ ତଥା ସମାଧାନ କରିବା ହେତୁ ଲୋକପ୍ରିୟ ହୋଇପାରିଥିଲେ । ରାଜ୍ୟରେ ମଧ ତାଙ୍କର ସୁନାମ ଥିଲା ଜଣେ ଆଦର୍ଶ ପ୍ରଶାସକ ଭାବେ । କଟକ ଜିଲ୍ଲାପାଳ ଥିବା ସମୟରେ ପର୍ବପର୍ବାଣୀରେ ଘଟୁଥିବା ଦଳଗତ ବିଶୃଙ୍ଖଳାକୁ କମିଟି ଗଠନ କରି ନିଜର ନେତୃତ୍ୱରେ ଶୃଙ୍ଖଳିତ କରିଥିଲେ । ଏହା କଟକ ସହର ପାଇଁ ଥିଲା ଏକ ଐତିହାସିକ ପଦକ୍ଷେପ । ସମଗ୍ର ଚାକିରୀ ଜୀବନ ସେ ଲୋକଙ୍କ ସେବାରେ ବିତେଇଥିଲେ । ତାଙ୍କର ସଚ୍ଚୋଟ, ନିଃସ୍ୱାର୍ଥପର ମନୋଭାବ, ପରୋପକାର ତଥା ବଳିଷ୍ଠ ବ୍ୟକ୍ତିତ୍ୱ ଅନେକଙ୍କୁ ପ୍ରଭାବିତ କରିଥିଲା ।

ଜିଲ୍ଲାପାଳ ପଦବୀରୁ ଅବସର ନେଲାପରେ ସେ ନିଜକୁ ସମାଜସେବାରେ ସମର୍ପି ଦେଲେ । ସେ ହୃଦ୍‌ବୋଧ କରିଥିଲେ ଯେ, ସାମାଜିକ -ସାଂସ୍କୃତିକ ମୂଲ୍ୟବୋଧ ତଥା ଅର୍ଥନୈତିକ ବିକାଶ ନହେଲେ କୌଣସି ଜାତିର ପ୍ରଗତି ଅସମ୍ଭବ । ସେ ଥିଲେ ବାସ୍ତବବାଦୀ । ନିଜର ବିଚାରଧାରା ଏବଂ ନୀତି ପାଳନରେ ଦୃଢଥିଲେ । ତାଙ୍କ ଭିତରେ ପ୍ରଶ୍ନ ଉଠିଥିଲା ଓଡିଶାର ଅର୍ଥନୀତି, ମାନବ ସମ୍ବଳ ଓ ପ୍ରାକୃତିକ ସମ୍ବଳରେ ପରିପୂର୍ଣ୍ଣ ଥିଲେ ବି ଓଡିଶା ଗରିବ କାହିଁକି ? ପର୍ଯ୍ୟାଲୋଚନାରେ ଓଡିଶାର ଶାସନ ବ୍ୟବସ୍ଥା ଓ ଅର୍ଥନୀତି, ଓଡିଶାର ସର୍ବାଙ୍ଗୀନ ଉନ୍ନତି, କୃଷକଙ୍କ ପ୍ରଗତି ଉପରେ ନିର୍ଭର ବୋଲି ହୃଦୟଙ୍ଗମ କରିଥିଲେ । ଶାସନାବିଷ୍ଟ ଅଧିକାରୀମାନେ କୃଷିର ଉନ୍ନତି ଓ କୃଷିଭିତ୍ତିକ ଶିଳ୍ପର ଉପଯୋଗ କଲେ ଓଡିଶା ଏକ ସମୃଦ୍ଧ ରାଜ୍ୟ ହୋଇ ପାରିବ ବୋଲି ନିଜର ବକ୍ତବ୍ୟ ପ୍ରଦାନ କଲେ । ଗ୍ରାମ୍ୟ ଜଙ୍ଗଲ ଓ ପରିବେଶ ସୁରକ୍ଷାର ଅଧିକାର ଗ୍ରାମବାସୀଙ୍କ ଉପରେ ନ୍ୟସ୍ତ କରି ଆଦିବାସୀ ଗୋଷ୍ଠୀଙ୍କୁ ଜମି -ଜଳ - ଜଙ୍ଗଲ ଅଧିକାର ଦେବା ସପକ୍ଷରେ ସେ ଥିଲେ । ଆଦିବାସୀ, କୃଷକମାନଙ୍କ ଉନ୍ନତିରେ ହିଁ ରାଜ୍ୟର ଉନ୍ନତି ସମ୍ଭବ ହେବ । ରାଜ୍ୟର ସଂଖ୍ୟାଧିକ ଲୋକ କୃଷକ, କିନ୍ତୁ 'କୃଷି' ଅବହେଳିତ । ରାଜରାଜୁଡା କାଳରେ ପାଇକ ସଂସ୍କୃତି ଓ କୃଷକ ସୈନିକ ପରମ୍ପରା ସୁଦୃଢ ଥିଲା । ଏହି ସଂସ୍କୃତିର ସଂରକ୍ଷଣ ଅପରିହାର୍ଯ୍ୟ ବୋଲି ଅନୁଭବ କରି ସେ ଉତ୍କଳ ବିକାଶ ପରିଷଦ ଗଠନ ପାଇଁ ଗୁରୁତ୍ୱ ଦେଲେ । ମାର୍ଗଦର୍ଶନ କଲେ । ୧୯୮୬-୮୭ରେ ଧର୍ମଶାଳା - ଜାରକାଠାରେ ଓଡିଶା କ୍ଷତ୍ରିୟ ଖଣ୍ଡାୟତ ମହାସଭାର ଅଧିବେଶନ ଅନୁଷ୍ଠିତ ହେଲା । ସଭାପତିତ୍ୱ କଲେ ପ୍ୟାରୀମୋହନ ସାମନ୍ତରାୟ । ସକ୍ରିୟ ଅଂଶଗ୍ରହଣ କରିଥିଲେ ସୁନାମଧନ୍ୟ ସାମ୍ବାଦିକ ବିଶ୍ୱନାଥ ସାମଲ, । ଡାକ୍ତର ଗୋପାଳକୃଷ୍ଣ ଶ୍ରୀଚନ୍ଦନ, ପିତାମ୍ବର ଜେନା, ନୀଳକଣ୍ଠ ଜେନା, ବିଶ୍ୱନାଥ ସାମଲ ପ୍ରମୁଖଙ୍କୁ ନେଇ ସେ ହୀରାକୁଦ, ସମ୍ବଲପୁର, ବରଗଡ,କଟକ, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, କେନ୍ଦୁଝର, ବୁର୍ଲା, ରାୟଗଡା, ବାଲେଶ୍ୱର, ପୁରୀ ଆଦି ଅଞ୍ଚଳକୁ ଯାଇ କ୍ଷତ୍ରିୟ ଖଣ୍ଡାୟତ ସମାଜକୁ ସଂଗଠିତ କରି ସେମାନଙ୍କ ଭାଗ୍ୟ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଥିଲେ । ଓଡିଶାର ସଂଖ୍ୟାଗରିଷ୍ଠ ଐତିହାସିକ ଖଣ୍ଡାୟତ କ୍ଷତ୍ରିୟ ଜାତିର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଅଭ୍ୟୁଦୟ ନିମିତ୍ତ ସେ ବଜ୍ର ଶପଥ ନେଲେ । କୃଷକ ସୈନିକ ପରମ୍ପରାର ପୁନରୁଦ୍ଧାର କରି ସେହି ପରମ୍ପରା ଭିତ୍ତିରେ ଗଣତନ୍ତ୍ର ପଦ୍ଧତିରେ ରାଜ୍ୟ ଶାସନରେ ଭାଗୀଦାର ହେବା ତାଙ୍କର ଲକ୍ଷ୍ୟ ହେଲା । ତେଣୁ ସେ ଗଠନ କଲେ ବୀର ଓଡିଶା ପାର୍ଟି । ବୀର ଓଡିଶା ପାର୍ଟି ଏବଂ ଉତ୍କଳ ବିକାଶ ପରିଷଦରୁ ଉତ୍ତୀର୍ଣ୍ଣ ପ୍ରତିବଦ୍ଧ ଓ ଯୋଗ୍ୟ ସଭ୍ୟମାନଙ୍କୁ ନିର୍ବାଚନରେ ପ୍ରାର୍ଥୀ କରାଇବା ଲାଗି ସ୍ଥିର ହେଲା । ଉତ୍କଳ ବିକାଶ ପରିଷଦର ମୁଖପତ୍ର "ଦୁନ୍ଦୁଭି" ପ୍ରକାଶ ପାଇଲା, ପତ୍ରିକା ଦିଗ୍‌ବିଜୟୀ ବାହାରିଲା । ଏହାର ଆଭିମୁଖ୍ୟ ଥିଲା (୧) ଗାଁ ଚୌପାଠୀ, ଭାଗବତ ଟୁଙ୍ଗୀ ପ୍ରତିଷ୍ଠା, ପାରମ୍ପାରିକ ଗ୍ରାମ୍ୟ ମୁରବି (ମହାଜନ) ସଭାର ପୁର୍ନଗଠନ ବା ପୁନରୁତଥାନ । (୨) ଯୌତୁକବିହୀନ ବିବାହ (୩). ନିରାମିଷ ପଂକ୍ତି ଭୋଜନ (୪) ନିଶା ସେବନ ନିବାରଣ । ସମଗ୍ର ଓଡିଶାର କ୍ଷତ୍ରିୟ-ଖଣ୍ଡାୟତ ସଂଗଠନର ସେ ନେତୃତ୍ୱ ନେଲେ । ତାଙ୍କର ବାର୍ତ୍ତା ଓଡିଶାର ପୁରପଲ୍ଲୀରେ ପ୍ରତିଧ୍ୱନିତ ହେଲା । ପାଇକ ସଂସ୍କୃତି ଓ କୃଷକ ସୈନିକ ପରମ୍ପରାର ପୁନରୁଦ୍ଧାର ପାଇଁ ସେ ସମର୍ପିତ ଥିଲେ । ଓଡିଶାର କ୍ଷତ୍ରିୟ - ଖଣ୍ଡାୟତ ସମାଜରେ ସେ ଆଜିବି ସ୍ମରଣୀୟ ।

ଅପରପକ୍ଷରେ ସୃଜନଶୀଳ ସାହିତ୍ୟ ସ୍ରଷ୍ଟା ଭାବେ ସେ ଜଣାଶୁଣା । ତାଙ୍କର ଅନେକ ପ୍ରବନ୍ଧରେ ଓଡିଶା ତଥା ଭାରତବର୍ଷର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ପାଇଁ ଶୃଙ୍ଖଳିତ ପରାମର୍ଶ ସ୍ଥାନ ପାଇଛି । 'ଅନ୍ତଃସ୍ୱରର ରାଗିଣୀ' ତାଙ୍କର ଗଳ୍ପ ସଂକଳନ ଓ "ଅନ୍ତଃସ୍ୱରର ସଂଗୀତ" ତାଙ୍କର କବିତା ସଂକଳନ ପ୍ରକାଶିତ । ଗୁଣାତ୍ମକ ଦୃଷ୍ଟିରୁ ଏହା ବିଚାର୍ଯ୍ୟ । ଗଳ୍ପରେ ବିଶୃଙ୍ଖଳିତ ସମାଜର ଚିତ୍ର, ବିଦେଶୀ ସଂସ୍କୃତିର ପ୍ରଭାବ, ସାଧାରଣ ପରିବାରରେ ସ୍ନେହ, ଶ୍ରଦ୍ଧାର ଅଭାବ,ମଣିଷର ମଣିଷ ପ୍ରତି କ୍ରୁରତା, ଅସହିଷ୍ଣୁତା, ପକ୍ଷପାତିତା ତଥା ସାମାଜିକ ମୂଲ୍ୟବୋଧ ଆଧାର ରହିଛି। ପ୍ରାଚୀନ ପୁରାଣ ଚରିତ୍ର ଭିତରେ ଆଧୁନିକ ମଣିଷର ଭାବନା ଓ ସଂଭାବନାକୁ ସଂଯୋଗ କରିବା ତାଙ୍କ ଗଳ୍ପର ବୈଶିଷ୍ଟ୍ୟ । କବିତା ଗ୍ରନ୍ଥରେ ପ୍ରତିଫଳିତ ହୋଇଛି ମଣିଷ ଜୀବନର କଥା, ହୃଦୟର ଭାଷା । ମାତୃଭକ୍ତି, ଧର୍ମଭାବନା, ଦେଶାତ୍ମବୋଧ ଭାବଧାରା ଏବଂ ଯୋଦ୍ଧାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଏହାର ଭାବବସ୍ତୁ । ମାନବ ସଂପ୍ରୀତି ତାଙ୍କ ଗଳ୍ପ ଓ କବିତାର ମାର୍ମିକ ଆବେଦନ ।

ପ୍ୟାରୀମୋହନ ସାମନ୍ତରାୟ ଜଣେ ସୁଦକ୍ଷ ପ୍ରଶାସକ, ସୁସଂଗଠକ, ସୁବକ୍ତା, ସ୍ଥିତିପ୍ରଜ୍ଞ, ସ୍ୱାଭିମାନୀ, ନିରହଂକାରୀ ଓ ନିର୍ଭୀକ ମଣିଷ ଥିଲେ। ସମାଜସେବା ଥିଲା ତାଙ୍କ ଜୀବନର ବ୍ରତ । ସବୁ ମଣିଷକୁ ସେ ଭଲ ପାଉଥିଲେ । ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ତାଙ୍କୁ ମଧ ଭଲ ପାଉଥିଲେ । କୃଷକ-ସୈନିକ ପରମ୍ପରା ଓ ସଂସ୍କୃତିର ସଂରକ୍ଷଣ ପାଇଁ ସେ ଯତ୍ନଶୀଳ ଥିଲେ । ଓଡିଶାର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ପାଇଁ ତାଙ୍କର ମୂଲ୍ୟବାନ ପରାମର୍ଶ ଓ ଦିଗ୍‌ଦର୍ଶନ ଓଡିଆ ଜାତିର ବିକାଶ ପାଇଁ ଉଦ୍ଦିଷ୍ଟ । ସମାଜ ପାଇଁ ଉତ୍ସର୍ଗୀକୃତ ଜୀବନ ଲାଗି ସେ ସଦା ସ୍ମରଣୀୟ ହୋଇ ରହିବେ ।

ନିଗମନଗର (୫ମ ଗଳି)
ବ୍ରହ୍ମପୁର ୭୬୦୦୧୦
ମୋ-୮୮୯୫୧୨୯୮୯୭




### ସ୍ୱାଭିମାନୀ

**ଅଳକା ରାୟ**

ନା ମହିୟସୀ
ନା ମହିସାମର୍ଦ୍ଦିନୀ
ନା ଯୋଗଜନ୍ମା ନାରୀ ମୁଁ
ସାଧାରଣ ଗୃହିଣୀ ମୁଁ
ସ୍ୱାଭିମାନ ରେ ଭରା
ପ୍ରତିରୋଧ କରିପାରେ ମୁଁ
ଉତ୍ତାଳ ତରଙ୍ଗ ସମ ଜୁଆର
ପକାଇ ପାରେ ମୁଁ ଭଟା
ଆସୁଥିବା ଅଦିନିଆ ଝଡ଼ ଓ ବାତ୍ୟା।
କଣ୍ଟକିତ ପଥେ
ଫୁଟାଇ ପାରେ ମୁଁ
କାକଟସ ରେ ଫୁଲ
ସ୍ୱାଭିମାନ ମୋର ମସ୍ତକ ଉଚ୍ଚା ରଖେ
ଚାଲିବାରେ ବାଟ
ତେବେ କାହିଁକି ମୁଁ ରଖିବି
ଗର୍ବ ଅହଙ୍କାର
କାହିଁକି ମୁଁ ଆପଣାଇବି !
ଚାଲାଖି ବୁଦ୍ଧିମତା ପୂର୍ଣ୍ଣ
ଯେବେ ଭରିରହିଛି
ମୋ ରକ୍ତ କଣିକାରେ
ସ୍ୱାଭିମାନ ର ଗୁଣ।

ନୟାପଲ୍ଲୀ, ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧

### ଜହ୍ନ ବୁଝେ ମନ କଥା

**ତପସ୍ୱିନୀ ଦାଶ ଷଡ଼ଙ୍ଗୀ**

ଆସିଥିଲା ଜହ୍ନ କାଲି ରଜନୀରେ
କହିଥିଲି ମନ କଥା
ଭାବିଥିଲି ସିଏ କହିବ ତୁମକୁ
ମୋ ମନ ଗହନ ବାର୍ତ୍ତା ।

ଦେଖି ଦ୍ୱିଜରାଜ ମୋ ଉଜାଗରକୁ
ପୋଛିଲା ମୋ ଆଖି ନୀର
ପଢିଗଲା ସିଏ ନୀରବତା ସବୁ
ଡାଏରିରେ ଥିଲା ମୋର ।

ଅପାରଗ ଥିଲା ସେ ଲେଖନୀ ଆଗେ
ରୁଧିରେ ଥିଲା ଯେ ଭରି
କବିତା ଭିତରେ ଅନ୍ତର ଜ୍ୱଳନ
ସ୍ପଷ୍ଟ ଦେଲା ସିଏ ବାରି ।

କେଜାଣି କାହିଁକି ଅମାନିଆ ପଣେ
ଅବୁଝା ହୋଇ ମୁଁ ଥିଲି
ପଚାରିଲିନି ତା'କୁ ଆସିବା କାରଣ
ସ୍ୱାର୍ଥପର କେଡ଼େ ହେଲି ।

ତଥାପି ମୋ ହୃଦେ ଦ୍ୱନ୍ଦ ଉପୁଜିଲା
ମନରେ ବଢିଲା ଶଙ୍କା
ଅଦିନ କୁଣିଆଁ କିପାଇଁ ମୋ ଘରେ
ଆସି ଦେଲା ମୋତେ ଡକା ।

ନଜର ପଡିଲା ଚିଠିଟି ଉପରେ
ଧରିଥିଲା ତାର ହାତେ
ଅନ୍ତଃକରଣରେ ଉତ୍ସାହ ଖେଳିଲା
ଲହରୀ ପିଟିଲା ଚିତ୍ତେ ।

ଚନ୍ଦ୍ରମା ବୁଝିଲା ମୋ ଭାବୁସି ପଣ
ଦେଲା ସେ ପ୍ରୀତି ସନ୍ଦେଶ
ପ୍ରୀତିର ପତର ନୁହେଁ ତ ସେଇଟା
ବିରହର ଅବଶେଷ ।

ସତେ ପ୍ରିୟତମ କେମିତି ଏ ପ୍ରେମ
ବିଚ୍ଛେଦର ଜୁଇ ଜଳେ
ଅନେକ ଯାତନା ତପ୍ତ ଉଦ୍ଦୀପନା
ଲୁହ କେତେ ଆଖି ମଳେ ।

ଲୋହିତ ଚିଠିର ପରଶେ ମୋ ହୃଦେ
ଝରିଲା ଅସ୍ରର ଧାର
ଅନୁଭୂତ ହେଲା ଭୂକମ୍ପନ ମନେ
ଉଜୁଡିଲା ଅହଂକାର ।

ଅହଂର ଅନ୍ଧାରେ ଅନ୍ଧ ଏ ସମ୍ପର୍କ
ଭାଙ୍ଗଇ ମଧୁ ସଂସ୍ରବ
ସେଇ ଅହମିକା ଦେଇଗଲା ସାଥୀ
ପ୍ରେମେ ଆମ ପରାଭବ ।

ଆମେ ବୁଡ଼ିଗଲେ ମୁଁ କାର ମଉରେ
ଜଳୁଥିଲେ ଦରଦରେ
କୁମୁଦବନ୍ଧୁ ଯେ ସାଜିଲା ନାୟକ
ମିଳନ ମହା ପର୍ବରେ ।

ବେଙ୍ଗାଲୁରୁ
ମୋ:୮୪୩୧୩୦୯୩୦୪

### ଆମେ ସବୁ ମଦୁଆ

**ଅକ୍ଷୟ କୁମାର ରାଉତ**

ମୁଁ ଫେରୁଛି ମୋ ପୁରୁଣା ଗାଁ କୁ ସ୍ମୃତିରେ
ଧୂଳି ମାଟି ରାସ୍ତା, ବିନା ଲାଇଟ୍ ଥିବା ଗାଁ'କୁ
ଭଲ ମନ୍ଦ ହେଲେ ଏକତ୍ର ହୋଇ
ସହଯୋଗର ହାତ ବଢ଼ାଉ ଥିବା ସେଇ ଗାଁ'କୁ
ବର୍ଷା ଦିନେ କାଦୁଅରେ ପଚର ପଚର
ହେଉଥିବା ସେଇ ଗାଁ'କୁ
ପିଲାଙ୍କ ନିଶା ସେବନ ଦେଖି ନାଲି ଆଖି ଦେଖାଇ ଶିକ୍ଷା
ଦେଉଥିବା ଗାଁ'ର ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା
ଦାଦା, ଭାଇ ବଡ଼ ବାପାଙ୍କ ସେଇ ଗାଁ'କୁ
ଝିଅ ବୋହୂ ଟିଏ ଗାଁ ଦାଣ୍ଡରେ ଚାଲିଲା ବେଳେ
ପୁରୁଷ ଆଖି ଫାଡ଼ି ନ ଦେଖୁଥିବା ସେଇ ଗାଁ'କୁ ।

ଏବେ ସବୁ ବଦଳି ଯାଇଛି
ଆଜିକାଲି କିଏ କାହାକୁ ସହଯୋଗ କରୁଛି
ନିଜ ଲୋକେ ଯେଉଁଠି ମୁଁହ ମୋଡ଼ି ଚାଲି ଯାଉଛନ୍ତି
ସେଠି ପଡିଶା କଥା ନ କହିବା ଭଲ ।

ପରିବର୍ତ୍ତନ ର ନାମ ହିଁ ତ ବିକାଶ
ଘର ଦୁଆର ପାଖକୁ ପଲସ୍ତର ରାସ୍ତା
ସନ୍ଧ୍ୟା ହେଲେ ବିଜୁଳି ଖୁଣ୍ଟରେ ତୋଫା ଆଲୁଅ
ବର୍ଷା ହେଲେ ରାସ୍ତା ଆହୁରି ସଫା ସୁତୁରା ଦିଶୁଛି
ହାତ ଗଣତି କେତୋଟି ସାଇକେଲ ସ୍ଥାନରେ ଆଜି
ଚାରି ଚକିଆ ଗାଡ଼ି
ପିଲାମାନେ ଲୋରି ବଦଳରେ ମୋବାଇଲ୍ ଦେଖୁଛନ୍ତି
ବଡ଼ ମାନେ ଭାଗବତ ଟୁଙ୍ଗି ଜାଗାରେ ମଦ ପାର୍ଟି କରୁଛନ୍ତି
ସେଦିନ ଗାଁ ରେ ହାତ ଗଣତି କେଇ ଜଣ ଶିକ୍ଷିତ ଥିଲେ
ଆଜି ପ୍ରାୟ ସମସ୍ତେ ଶିକ୍ଷିତ
ସେଇଥି ପାଇଁ ଆଜି ଆମେ
ବିବାହ, ବ୍ରତ, ପୂଜା ପାଠ ଠୁ ଆରମ୍ଭ କରି
ଶୁଦ୍ଧି କ୍ରିୟା ରେ ବି ମଦକୁ ଅନିର୍ବାର୍ଯ୍ୟ କରିଛୁ
ଯଦିଓ ସେଦିନ ଗାଁ ସାରା ଲୋକେ ପୋଖରୀ,
ନଈ ପାଣି ସେବନ କରିବାକୁ ବାଧ ଥିଲେ
ଆଜି ନଳ ପାଣି ପହଞ୍ଚିବା ପୂର୍ବରୁ ନାଲି ପାଣି
ପହଞ୍ଚିଛି ସୁଲଭ ମୂଲ୍ୟରେ ଘରେ ଘରେ
ସ୍ୱଚ୍ଛ ପାଣିର ଅଭାବ ଆଉ ନାହିଁ
ନିଶା ସେବନ କଲେ ଏବେ କେହି କାହାକୁ
ନାଲି ଆଖି ଦେଖାଉ ନାହାଁନ୍ତି
ସେଦିନ ନାଲି ଆଖି ଦେଖାଉ ଥିବା ଦାଦା, ଭାଇ ମଉସା
ଏବେ ସବୁ ସେଇ ନାଲି ପାଣି ରାସ୍ତାର ପଥିକ
ନା ଆମର ଅଛି ଜାତି ନା ଧର୍ମ ନା ବର୍ଣ୍ଣ
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ
ଆମେ ସବୁ ଖାଣ୍ଟି ମଦୁଆ, ଉତ୍ସୃଙ୍ଖଳିତ ମଦୁଆ ।

ସେଦିନ ବର୍ଷା ଦିନେ କାଦୁଅ ପାଇଁ ମୁଁ ନାକ ଟେକୁଥିଲି
ମନରେ ଅଭିଯୋଗ ଥିଲା, କ୍ରୋଧିତ ହେଉଥିଲି ଗାଁ'ର
କାଦୁଅ ପଚର ପଚର ରାସ୍ତା ପାଇଁ
ହେଲେ ଆଜି ସିମେଣ୍ଟର ସେଇ ପକ୍କା ରାସ୍ତା
କାଦୁଅଠୁ ବି ଅଧିକ ଅପନ୍ତରା ଲାଗୁଛି
ସେଦିନ ଆଉ ଆଜି ଭିତରେ ଫରକ୍ ଏତିକି ଯେ
ସେଦିନର ସେଇ ମାଟି ରାସ୍ତାର କାଦୁଅ ଛିଟା
ଦେହରେ ଲାଗିଲେ ବି ତାର ଦୁର୍ଗନ୍ଧ ନଥିଲା
ହେଲେ ଆଜି ପକ୍କା ରାସ୍ତାରେ ଚାଲି ବି ଦେହରୁ ଦୁର୍ଗନ୍ଧ
ଆସୁଛି ।

ବାଲକାଟି, ଆଳି,କେନ୍ଦ୍ରାପଡ଼ା
ମୋ:୯୬୧୧୦୬୯୪୨୫









କାର୍ତ୍ତିକ ସାଇଁ

# ମିନା ଅପାଙ୍କ ରାମାୟଣ ଟୁଙ୍ଗି (୭୪)

## ରାମ ଲକ୍ଷ୍ମଣଙ୍କ ନାଗପାଶରୁ ମୁକ୍ତି



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ଇନ୍ଦ୍ରଜିତ୍ ରାମ ଲକ୍ଷ୍ମଣଙ୍କୁ ନାଗପାଶରେ ବାନ୍ଧି ପକାଇ ଖୁସି ହେଲା ଯେ ସେ ତାଙ୍କୁ ମୃତ୍ୟୁମୁଖକୁ ଠେଲିଦେଇଛି । ନିଜ ପିତା ରାବଣ ଆଗରେ ଏ କଥା କହି ସେ ପିତାର ପ୍ରଶଂସା ପାଇଲା" ମିନା ଅପା ରାମାୟଣ କଥା ଆରମ୍ଭ କଲେ ।

"ବିଧିର ବିଧାନ ଇନ୍ଦ୍ରଜିତ୍ କାହୁଁ ବୁଝିବ । ପ୍ରଭୁ ଶ୍ରୀରାମ ଧରାଧାମରେ ଅବତୀର୍ଣ୍ଣ ହୋଇଥିଲେ ଅତ୍ୟାଚାରୀ ରାବଣର ବଧ ଲାଗି । ସେ କାମ ସଂପୂର୍ଣ୍ଣ ହୋଇନଥିଲା । ତେଣୁ ତାଙ୍କର ଧରାଧାମ ଛାଡ଼ିବାର ପ୍ରଶ୍ନ ନଥିଲା । ନାଗପାଶରେ ବନ୍ଧା ହୋଇ ଭୂପତିତ ହୋଇ ପଡ଼ି ରହିଥିଲେ ରାମ ଲକ୍ଷ୍ମଣ । ସେମାନେ ଅଚେତ ଥିଲେ । ତାଙ୍କର ଏପରି ଅବସ୍ଥା ଦେଖି ସୁଗ୍ରୀବ, ବିଭୀଷଣ, ହନୁମାନ ଓ ଅନ୍ୟମାନେ ମ୍ରିୟମାଣ ହୋଇ ପଡ଼ିଥିଲେ । ସେମାନେ କଣ କରିବେ ବୁଝି ପାରୁନଥିଲେ । ସମସ୍ତେ ଯୁଦ୍ଧ ଛାଡ଼ି ରାମଲକ୍ଷ୍ମଣଙ୍କୁ ଘେରି ବସି ରହିଥିଲେ ।

ସୁଗ୍ରୀବ, ବିଭୀଷଣ ଓ ହନୁମାନ ଶ୍ରୀରାମଙ୍କୁ ଠିକ୍ ଭାବରେ ଚିହ୍ନିଥିଲେ । ଯଦିଓ ସାମୟିକ ଭାବରେ ସେ ଦୁଃଖୀ ହୋଇଥିଲେ, ସେମାନେ ବିଶ୍ୱାସ କରୁଥିଲେ, ପ୍ରଭୁ ଶ୍ରୀରାମ ଶୀଘ୍ର ଚେତା ଫେରିପାଇବେ । ତାହା ହିଁ ହୋଇଥିଲା । କିଛି ସମୟ ପରେ ଶ୍ରୀରାମଙ୍କ ଚେତା ଫେରି ଆସିଥିଲା ।

ନିଜକୁ ଓ ଅନୁଜ ଲକ୍ଷ୍ମଣଙ୍କୁ ନାଗପାଶରେ ବନ୍ଧା ହୋଇଥିବାର ଦେଖି ଶ୍ରୀରାମ ଦୁଃଖୀ ହୋଇପଡ଼ିଲେ । ବିଶେଷ କରି ସେ ଲକ୍ଷ୍ମଣଙ୍କ ଲାଗି ଶୋକ କରିବା ଆରମ୍ଭ କଲେ ।

ଶ୍ରୀରାମଙ୍କ ସେନା ମଧ୍ୟରେ ସୁଷେଣ ଥିଲେ । ସେ ବିଶଲ୍ୟକରଣୀ ସଂଜିବନୀ ଆଣିବାର ପ୍ରସ୍ତାବ ଦେଲେ । ମାତ୍ର ବିଭୀଷଣଙ୍କ ମନରେ ଅନ୍ୟ କଥା ଥିଲା । ସେ ଜାଣିଥିଲେ ପ୍ରଭୁ ଶ୍ରୀରାମ ଶ୍ରୀବିଷ୍ଣୁଙ୍କ ଅବତାର । ଶ୍ରୀ ବିଷ୍ଣୁଙ୍କ ବାହନ ହେଉଛି ଗରୁଡ଼ । ଗରୁଡ଼ ଯୁଦ୍ଧ ସ୍ଥଳକୁ ଆସିଲେ ରାମ-ଲକ୍ଷ୍ମଣ ନାଗଫାଶରୁ ମୁକ୍ତ ହେବେ ।



ବିଭୀଷଣ ସଂଗେ ସଂଗେ ଶ୍ରୀରାମଙ୍କୁ ଗରୁଡ଼ଙ୍କୁ ଆବାହନ କରିବାକୁ ପ୍ରାର୍ଥନା କଲେ । ଶ୍ରୀରାମ ଦ୍ୱନ୍ଦ୍ୱରେ ଥିଲେ । ଗରୁଡ଼ ଏତେ ଦୂରରୁ ଆସିପାରିବେ କି ? ତାଙ୍କ ମନରେ ଏ ପ୍ରଶ୍ନ ଥିଲା । ତଥାପି ସେ ଗରୁଡ଼ଙ୍କୁ ସ୍ମରଣ କଲେ ।

ଶ୍ରୀରାମ ଗରୁଡ଼ଙ୍କ ସ୍ମରଣ କରିବା ମାତ୍ରେ ସେ ଯୁଦ୍ଧକ୍ଷେତ୍ରରେ ପହଂଚିଗଲେ ଓ ତାଙ୍କୁ ଦେଖି ନାଗମାନେ ସେ ସ୍ଥାନ ଛାଡ଼ି ଚାଲିଗଲେ । ରାମ ଲକ୍ଷ୍ମଣ ନାଗପାଶରୁ ମୁକ୍ତି ହେଲେ ।

ରାମ-ଲକ୍ଷ୍ମଣ ନାଗପାଶରୁ ମୁକ୍ତି ହେଲା ପରେ ଗରୁଡ଼ ତାଙ୍କର ପରିଚୟ ଦେଲେ ଓ ଶ୍ରୀରାମଙ୍କୁ ପ୍ରାର୍ଥନା କରି ତାଙ୍କ ବାସସ୍ଥାନକୁ ଫେରିଗଲେ ।

ରାମ-ଲକ୍ଷ୍ମଣଙ୍କ ନାଗପାଶରୁ ମୁକ୍ତ ହେବା ଦେଖି ବାନର ସେନାରେ ଅପୂର୍ବ ଉତ୍ସାହ ଖେଳିଗଲା ଓ ସେମାନେ ହର୍ଷୋଲ୍ଲାସ କଲେ । ସେ ହର୍ଷୋଲ୍ଲାସର ଧ୍ୱନି ରାବଣ କାନରେ ପଡ଼ିଲା । ତା ପାଖରେ ଏ ଖବର ମଧ୍ୟ ପହଂଚିଗଲା ଯେ ରାମ ଲକ୍ଷ୍ମଣ ନାଗପାଶରୁ ମୁକୁଳି ଯାଇଛନ୍ତି । ରାବଣ ମନରେ ଭୟ ଆସିଗଲା । ମାତ୍ର ତା ଅହଂକାର ତାକୁ ହାର ମାନିବାକୁ ଦେଉନଥିଲା ।

ରାବଣକୁ ଚିନ୍ତିତ ହେବାର ଦେଖି ତାର ସେନାପତିମାନେ ରାମ ଲକ୍ଷ୍ମଣଙ୍କୁ ବଧ କରିବାକୁ ଆଗଭର ହେଲେ । ଧୂମ୍ରାକ୍ଷ, ବଜ୍ରଦଂଷ୍ଟ୍ର, ଅକମ୍ପନ ଓ ପ୍ରହସ୍ତ ପରି ବଳଶାଳୀ ଅସୁରମାନେ ରାବଣ ଲାଗି ପ୍ରାଣ ଦେବାକୁ ଯୁଦ୍ଧ କ୍ଷେତ୍ରକୁ ଡେଇଁପଡ଼ିଲେ । ଶ୍ରୀରାମ ଓ ଲକ୍ଷ୍ମଣଙ୍କ ସେନା ବେଶ ବଳଶାଳୀ ଥିଲେ । ସେମାନେ ଅଚିରେ ରାବଣର ସେନାପତି ଓ ସୈନ୍ୟବାହିନୀକୁ ପରାହତ କରି ସେନାପତିଙ୍କୁ ବଧ କଲେ ।

ବଳବାନ ସେନାପତିମାନଙ୍କ ବଧ ଖବର ପାଇ ଲଙ୍କାପତି ରାବଣ ବହୁତ ଡରିଗଲେ । ମାତ୍ର ତାର ଅହଂକାରର ତାକୁ ଅଂଧକରି ରଖିଥିଲା । ସେଥିଲାଗି ସେ ଯୁଦ୍ଧରୁ ନିବୃତ୍ତ ହେବାକୁ ଚାହିଁଲା ନାହିଁ । ସେ ନିଜେ ଯୁଦ୍ଧ କ୍ଷେତ୍ରକୁ ଯିବାକୁ ସ୍ଥିର କଲା ।

ରାବଣ ଜଣେ ବଳଶାଳୀ ଓ ଚତୁର ଯୋଦ୍ଧା ଥିଲା । ରଣକ୍ଷେତ୍ରରେ ସେ ଶ୍ରୀରାମଙ୍କ ସୈନ୍ୟଙ୍କୁ କ୍ଷତାକ୍ଷତ କଲା । ଲକ୍ଷ୍ମଣଙ୍କ ସହିତ ଯୁଦ୍ଧ କରିତାଙ୍କୁ ଚେତାଶୂନ୍ୟ କଲା । ତାଙ୍କୁ ବାନ୍ଧିଦେବାକୁ ଚେଷ୍ଟାକଲାବେଳେ ସେଠାରେ ପହଂଚିଗଲେ ହନୁମାନ ଓ ଶ୍ରୀରାମ । ଶ୍ରୀରାମ ଅତି କମ ସମୟରେ ରାବଣକୁ ଦେଖାଇ ଦେଲେ- ଏ ସୃଷ୍ଟିର ଶ୍ରେଷ୍ଠବୀର କିଏ । ରାମ-ରାବଣଙ୍କ ପ୍ରଥମ ଯୁଦ୍ଧ ବହୁତ ଭୟଙ୍କର ଥିଲା, ମାତ୍ର ରାମବାଣ ଟାଣ ଦେଖି ଲଙ୍କାପତି ପଛଘୁଂଚା ଦେଲା । ସେ କ୍ଷତାକ୍ତ ହୋଇ ପଡ଼ିଥିଲେ । ତେଣୁ ତାର ପ୍ରଥମ ଯୁଦ୍ଧ ଅଭିଯାନ ବିଫଳ ରହିଲା ।

ରାମାୟଣ କଥା ଏଇଠି ରଖିଲେ ମିନା ଅପା ।

(କ୍ରମଶଃ)


+ମୋ: ୯୯୮୦୩୦୦୭୫୧




ନଗେନ୍ଦ୍ର ନାଥ ପଟ୍ଟନାୟକ

# ମାମୁନୀର ରୋବଟ



ମାମୁନୀର ଅନେକଗୁଡିଏ ଡଉଲଡାଉଲ ଓ ପୁତୁପୁଚିଆ ଖେଳଣା ଥାଏ । ତାର ଦାଦା-ଖୁଡୀ ଦୁହେଁ ବିଦେଶରେ ରହନ୍ତି । ସେମାନେ ଯେତେବେଳେ ଘରକୁ ଆସନ୍ତି ଅନେକଗୁଡେ ଖେଳଣା ବିଦେଶରୁ ଆଣନ୍ତି । ଖାସ୍‌କରି ଗେହ୍ଲୀ ମାମୁନୀ ପାଇଁ । ଅନତି ଦୂରରେ ବିରାଟ ଖେଳପଡିଆଟେ । ଅନ୍ୟ ପିଲାମାନେ ସେଠାକୁ ଆସନ୍ତି ଖେଳକୁଦ କରିବା ପାଇଁ । ହେଲେ ମାମୁନୀ ତାର କୌଣସି ସାଙ୍ଗକୁ କଉତୁକିଆ ବିଦେଶୀ ଖେଳଣା ଗୁଡିକର ପାଖ ମାଡିବାକୁ ଦିଏନାହିଁ । ଖେଳିବା ତ ଦୂରର କଥା । ବରଂ ଖେଳଣାଗୁଡିକୁ ଦେଖାଇ ପିଲାମାନଙ୍କୁ ଚିଡେଇବାକୁ ତାକୁ ଭାରି ମଜାଲାଗେ । ସେଠାରେ ଉପସ୍ଥିତ ପିଲାଏ ତାର କଟୂକଥାରେ ଖୁବ୍ ମନଉଣା କରନ୍ତି । ପହିଲେ ଖେଳଣା ସହିତ ଖେଳିବାକୁ ପିଲାଏ ତାକୁ କହିଲେ । ହେଲେ ସେମାନଙ୍କୁ ବହେ ଗାଳିଗୁଲଜ କରି ଖେଳଣା ଛୁଇଁବାକୁ ରୋକଠୋକ ମନା କରିଦେଲା । କହିଲା -କେହିଜଣେ ପିଲା ମୋ ଖେଳନାରେ ହାତ ମାରିପାରିବ ନାଇଁ । ଏ ଖେଳଣାଗୁଡିକ ଖୁବ୍ ଦାମିକା, ବିଦେଶରୁ ଆସିଚି । ଏଗୁଡିକ ସହିତ କୋଉ ବାଗରେ ଖେଳାଯାଏ ତାହା ତୁମମାନଙ୍କୁ ବିଲକୁଲ ଜଣାନାଇଁ । ଏପରିକି ତୁମ ହାତ ବାଜିଲେ ଖେଳନାରେ ଦାଗ ପଡିଯିବ ।

ଧୀରେ ଧୀରେ ପିଲାଏ ତା ସହିତ ଖେଳିବା ବନ୍ଦ କରିଦେଲେ । ହେଲେ ସେଥିରେ ମାମୁନୀ ପାଇଁ କୌଣସି ଫରକ ପଡିଲାନି । ଦିନେ ମାମୁନୀର ଦାଦା-ଖୁଡି ଦୁହେଁ ଆମେରିକାରୁ ଆସିଥାନ୍ତି । ଦୁହେଁ ଛୋଟିଆ ରୋବଟଟିଏ ଆଣିଥିଲେ ମାମୁନୀ ପାଇଁ। ଖାଲି ଆବାଜ ଦ୍ୱାରା ଏହା ଚାଲିପାରେ । ଯୋଉ ବ୍ୟକ୍ତିର ପାଟିଶବ୍ଦ ତା'ଭିତରେ ଭର୍ତି କରାଯାଏ ସେ ତା'ର କଥା ମାନେ । ରୋବଟ ଭିତରେ ମାନୁନୀ ପାଟିଶବ୍ଦ ଭର୍ତି କରାଯାଇଥାଏ । ଦିନେ ମାମୁନୀ ଅଭ୍ୟାସବଶତଃ ରୋବଟିକୁ ସଙ୍ଗରେ ନେଇ ଘରପାଖ ଖେଳପଡିଆ ଆଡେ ମୁହାଁଇଲା । ସେ ରୋବଟକୁ ଯୋଉ କରାମତି ଦେଖାଇବାକୁ କହେ ରୋବଟ ସେଇଆ କରେ । ପିଲାଏ ଆବାକାବା ହୋଇ ଦୂରରୁ ଦେଖୁଥାନ୍ତି । ଖେଲୁ ଖେଲୁ ତା' ରୋବଟଟି ଅଣଓସାରିଆ ଗାତରେ ଖସିପଡି ଲାଖିଗଲା । ମାମୁନୀ ଗାତରେ ହାତ ଭର୍ତିକଲା ସିନା, ହେଲେ ତା ହାତ ରୋବଟ ପର୍ଯ୍ୟନ୍ତ ପହଁଚି ପାରିଲା ନାଇଁ । ସେ କଇଁକଇଁ ହୋଇ କାନ୍ଦରଡି ଛାଡିଲା । ରୋବଟ ନନେଇ ଘରକୁ ଗଲେ ବାପା ତାକୁ ବେଜାଏ ଗାଳିଦେବେ ବୋଲି ଆଗରୁ ଜାଣିଥିଲା । କାହିଁକିନା ଘରେ ରହି ରୋବଟ ସହିତ ଖେଳିବାକୁ ବାପା ତାକୁ କହିଥିଲେ । କିନ୍ତୁ ଏହାକୁ ପିଲାଙ୍କୁ ଦେଖେଇ ଚିଡେଇବାକୁ ମନା କରିଥିଲେ ।

ପିଲାମାନେ ମାମୁନୀ ଘରକୁ ଛୁଟିବାକୁ ଲାଗିଲେ । ଦେଖିଲେ ମାମୁନୀ ଭୋମାରଡି ଛାଡି କନ୍ଦାକଟା କରୁଛି । ତା ସାଙ୍ଗ ମୁନ୍‌ଲୀ ପଚାରିଲା-ଆଲୋ ମାମୁନୀ ତୋର କ'ଣ ହୋଇଚି ? ମାମୁନୀ କହିଲା -ମୋର ରୋବଟ ଏ ଗାତରେ ପଡିଗଲା । ସେଟାକୁ କେମିତି ଗାତରୁ ବାହାର କରି ଆଣିବି ମୁଣ୍ଡରେ ବୁଦ୍ଧିବାଟ ଜୁଟୁନି । ମୁନ୍‌ଲୀ ବୁଦ୍ଧି ଖଟେଇ କହିଲା -ମୁଁ ତୋ ରୋବଟକୁ ଗାତରୁ ବାହାର କରିଆଣିବି । କେମିତି ? ମାମୁନୀ ପ୍ରଶ୍ନକଲା । ମୁଁ ତୋ ରୋବଟକୁ ଚୁମ୍ବକରେ ଟାଣିଆଣିବି । ସାଙ୍ଗ ଅନୁଜ , ତୁମେ ନିଜ ଘରୁ ଚୁମ୍ବକ ଆଉ ମୋଟା ରସିଟିଏ ନେଇଆଣ । ବୀସ୍ତିର୍ଣ୍ଣ ଖେଳପଡିଆ ଆଗରେ ଅନୁଜର ଘର । ସେ ସାଙ୍ଗେ ସାଙ୍ଗେ ନିଜ ଘରେ ଆଡେ ଧାଇଁଗଲା । ଚୁମ୍ବକ ସହିତ ମୋଟା ରସିଟିଏ ନେଇ ଆସିଲା । ମୁନ୍‌ଲୀ ଚୁମ୍ବକଟିକୁ ମୋଟା ରସିରେ ବାନ୍ଧି ଗାତ ଭିତରେ ପୂରାଇଲା । ରୋବଟଟି ସହସା ଚୁମ୍ବକ ସହିତ ଚାପି ହୋଇଗଲା । ମୁନ୍‌ଲୀ ରସିଟିକୁ ଅତି ସାବଧାନତାର ସହ ଉପରକୁ ଟାଣିବାକୁ ଲାଗିଲା । ଶେଷରେ ରୋବଟଟି ପଦାକୁ ବାହାରି ଆସିଲା । ଏଥର ମାମୁନୀ ଖୁସି ଦେଖେ କିଏ ! ସିନିହରେ ମୁନ୍‌ଲୀକୁ ଗଳାରେ ଲଗାଇଲା । ଦୁହେଁ ସାଙ୍ଗ ହୋଇ ଘର ଆଡେ ମୁହାଁଇଲେ । ପରଦିନ ମାମୁନୀ ଘରୁ ଖେଳନା ସବୁ ଧରି ପଡିଆକୁ ଆସିଲା । ପିଲାମାନଙ୍କୁ କହିଲା - ଆଜିଠୁ ଆମେ ସମସ୍ତେ ମିଳିମିଶି ଏ ଖେଳଣାଗୁଡିକ ସହିତ ଖେଳିବା । ମିଳିମିଶି ଖେଳିଲେ ବହୁତ ମଜାଲାଗେ । ସେଦିନୁ ପିଲାଏ ମାମୁନୀ ସହିତ ଖେଳିବାରେ ମାତିଗଲେ ।


+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀସାଗର
କେନାଲ ରୋଡ
ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮


# କବିତା

ତୁମ ପାଇଁ

## ଭାବିଛ କି କେବେ

### ଶରତ କୁମାର ଦାସ



ଭାବିଛ କି କେବେ ମନ ଖୋଲି ତମେ
ନୀଳ ଆକାଶକୁ ଚାହିଁ,
କେତେ ମନଲୋଭା ତା' ବିଶାଳ ଛାତି
ଆଉ କେ ତା' ଭଳି କାହିଁ ?

ଭାବିଛ କି କେବେ ଏକା ଏକା ବସି
ଗଭୀର ସାଗରେ ଚାହିଁ,
ଏତେ ଜଳ ରାଶି ଆଣୁଛି କୋଉଠୁ
ଢେଉ ନାଚେ କାହା ପାଇଁ ।

ଭାବିଛ କି କେବେ ଛିଡାହୋଇ ତଳେ
ଉଡନ୍ତା ପକ୍ଷୀକୁ ଚାହିଁ,
ଡେଣା ଝାଡି ଝାଡି ଉଡେ କି ଖୁସିରେ
ଦୂର ଗଗନରେ ଯାଇ ।

ଭାବିଛି କି କେବେ ସରଳ ମନରେ
କଅଁଳ ଶିଶୁକୁ ଚାହିଁ,
କେତେ ନିରିମଳ ତା ମୁହଁର ହସ
ହିଂସା ରାଗ ଜାଣେ ନାହିଁ ।

ଭାବିଛ କି କେବେ ନିଦାଘ ସମୟେ
ଗହଳ ଗଛକୁ ଚାହିଁ,
ଏତେ ସବୁଜିମା କାହୁଁ ପାଇଲା ସେ
ବାଣ୍ଟେ ସେ ଶୀତଳ ଛାଇ ।

ଭାବିଛ କି କେବେ ନିରୋଳାରେ ତମେ
ଦୂବଘାସଟିକୁ ଚାହିଁ,
ଛୋଟ ସିନା ତା'ର ଅନ୍ତର ମହାନ
ଦୁଃଖ ପିଇ ହସୁଥାଇ ।

ଭାବିଲେ ପିଲାଏ ଜାଣିବ ଅନେକ
ସଂସାର ମରମ କଥା,
ଜୀବନ ହୋଇବ ସଫଳ ତମର
ଚାଲିବ ଟେକିକି ମଥା ।


+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଆମେ ସବୁ କୁନି ତାରାରେ

### ସୁନୀଲ କୁମାର ପ୍ରଧାନ

ଆମେ ସବୁ କୁନି ତାରାରେ
ନାଚି ଖେଳି ବୁଲି
ମନ ଆନନ୍ଦରେ
ହସୁଥାଉ ଖିଲି ଖିଲିରେ ।
ଆମେ ସବୁ କୁନି ତାରାରେ
ଦେଶ ଭବିଷ୍ୟତ
ଆମରି ହାତରେ
ଉଜ୍ଜଳ କରିବୁ ଧରାରେ ।
ଆମେ ସବୁ କୁନି ତାରାରେ
ନୂଆ ଉଦ୍ଦୀପନା
ନେଇ ଆମେ ଆସୁ
ମଙ୍ଗଳ କାମନା କରୁରେ ।
ଆମେ ସବୁ କୁନି ତାରାରେ
ଦେଶର ସେବାରେ
ମନ ବଳାଇବୁ
ଦେଶର ସମୃଦ୍ଧି ପାଇଁରେ ।
ଆମେ ସବୁ କୁନି ତାରାରେ
ଦୁର୍ନୀତି ହଟାଇ
ସମାଜ ସେବାରେ
ନିୟୋଜିତ ଆମେ ହେବାରେ ।
ଆମେ ସବୁ କୁନି ତାରାରେ
ବଡଙ୍କ ସେବାରେ
ସେବାୟତ ହେବା
ପରମାୟୁ ଯିବ ବଢ଼ିରେ ।


+ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬


## ନାହିଁରେ ନାହିଁ

### କୀର୍ତ୍ତନ ସାହୁ

ନାହିଁରେ ନାହିଁ
ଖେଳିବା ନାହିଁ
ଖରାବେଳରେ ଖେଳ
ଟାଣ ଖରାରେ ଖେଳିବା ଜମା
ନୁହେଁ ତ ଭଲ ବେଳ ।
ନାହିଁରେ ନାହିଁ
ପଢ଼ିବା ନାହିଁ
ରାତି ଅନିଦ୍ରା ହୋଇ
ନ ଶୋଇ ଚେଇଁ ରହିଲେ ଦେହ
ଖରାପ ହୋଇ ଥାଇ ।
ନାହିଁରେ ନାହିଁ
ଚାଲିବା ନାହିଁ
ରାସ୍ତା ମଝିରେ ଯାଇ
ଗାଡି ମୋଟର ଯାଉଛି ପରା
ଦୁର୍ଘଟଣା ହୋଇ ଥାଇ ।
ନାହିଁରେ ନାହିଁ
ଖାଇବା ନାହିଁ
ତରବରରେ ଜମା
ତଣ୍ଟିରେ ଲାଗି କଷ୍ଟ ହେଲେ
କରିବ କିଏ କ୍ଷମା ।
ମାନିବା ଆମେ
ନୀତିନିୟମ
କରି ଯିବାରେ କାମ
ତେବେଟି ସୁନା ପିଲା ହୋଇବା
ରଖିବା ଆମ ନାମ ।


+ମିଶ୍ର କଲୋନୀ
ଶାଳପଡା , କେନ୍ଦୁଝର
ମୋ - ୯୪୩୮୪୧୪୭୦୧


## ଜଙ୍ଗଲ ଗୀତ

### ଦୀପକ କୁମାର ମିଶ୍ର

ଫୁର୍ କିନା ଦେଖ ଉଡ଼ିଗଲା ବଣି
ଝାଡ଼ି ଦେଇଗଲା ପର
ଆକାଶରେ ଦେଖି କଳା ମେଘ ମାଳ
ବଣରେ ନାଚେ ମୟୂର ।

ବିଲୁଆ ସାଜିଛି ଜଙ୍ଗଲ ବଇଦ
ଭାଲୁର ଦେଖୁଛି ନାଡ଼ି
ରୋଗକୁ ଆଉ ଯେ ପାରୁନାହିଁ ବୁଝି
ବୁଢ଼ା ଭାଲୁଟି ଯାଏ ବିଗିଡ଼ି ।

ଢଙ୍କିର ମଙ୍କିର ମାଡ଼ଗୋଳ ପରେ
ବାଘ ମାମୁଁ କରେ ନ୍ୟାୟ
ବିଚରା ମଙ୍କିଟି ଦୋଷୀ ଜଣା ପଡ଼େ
ବେତ ଦଣ୍ଡ ଏବେ ଥୟ ।

କାଉ କୋଇଲିର ଲଢ଼େଇ ଚାଲିଛି
ଛୁଆଟି କୁହ କାହାର
ଅଣ୍ଡା ଦିଏ କୋଇଲି କାଉର ବସାରେ
କାଉ ଦିଏ ପରା ଆହାର ।

ଠେକୁଆ ବସିଛି ଘୋଡ଼ାର ପିଠିରେ
ଭାବୁଛି ନିଜକୁ ରାଜା
ପିଠିରୁ ପଡ଼ିକି ଗୋଡ଼କୁ ଭାଙ୍ଗିଲା
ଚାଖିଲା ଏବେ ତ ମଜା ।

ଜଙ୍ଗଲ ଗୀତଟେ ଗାଇ ଶୁଣେଇଲି
ପିଲାଏ ମାରିଲେ ତାଳି
ଏବେ ମନଦେଇ ପାଠ ଟିକେ ପଢ଼
ନହେଲେ ଖାଇବ ଗାଳି ।


+ଡି/୧୪/୫, ରେଣ୍ଟାଲ କଲୋନୀ
ଭୁବନେଶ୍ୱର
୮୨୮୦୨୧୧୦୦୦




# ମୁକ୍ତା ଯୋଜନାକୁ ଆର୍ନ୍ତଜାତୀୟ ସ୍ୱୀକୃତି

## ନ୍ୟୁୟର୍କରେ ମୁକ୍ତାକୁ ଡବ୍ଲ୍ୟୁଆରଆଇ ରୋସ୍ କେନ୍ଦ୍ର ପୁରସ୍କାର

ଭୁବନେଶ୍ୱର, ୩/୦୨ (ନି.ପ୍ର): ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମୁକ୍ତା ଯୋଜନାକୁ ମିଳିଛି ବିଶ୍ୱସ୍ତରୀୟ ସ୍ୱୀକୃତି –ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ୫ଟି ପଦକ୍ଷେପ ଅନ୍ତର୍ଗତ ଏହି ସହରୀ କର୍ମ ନିଯୁକ୍ତି ଯୋଜନାକୁ କାର୍ଯ୍ୟକାରୀ କରୁଥିବା ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ୨୦୨୧-୨୦୨୨ ବିଶ୍ୱ ସମ୍ବଳ ପ୍ରତିଷ୍ଠାନର ଅନ୍ୟତମ ବିଜେତା ଭାବରେ ମନୋନୀତ ହୋଇ (ଡବ୍ୟୁଆରଆଇ), ସହରଗୁଡିକ ପାଇଁ ରସ୍ କେନ୍ଦ୍ର ପୁରସ୍କାର ହାସଲ କରିଛି ।

ଫେବୃଆରୀ ୧ ତାରିଖରେ ନ୍ୟୁୟର୍କ ସହରର ଫୋର୍ଡ ଫାଉଣ୍ଡେସନ ସେଂଟର ଫର ସୋସିଆଲ ଜଷ୍ଟିସରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେତା ଘୋଷିତ ହୋଇଥିଲା । ନ୍ୟୁୟର୍କରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି ମାଥି ଭାଥନନ୍ ଏହି ଆନ୍ତର୍ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି । ବିଭାଗର ଯୁଗ୍ମ ସଚିବ ଶ୍ରୀ ସାରଦା ପ୍ରସାଦ ପଣ୍ଡା ପୁରସ୍କାର ଗ୍ରହଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏକ ଆନ୍ତର୍ଜାତୀୟ ଜୁରି ଦଳ ଏହି ପୁରସ୍କାର ପ୍ରତିଯୋଗିତାରେ ୬୫ ଟି ଦେଶର ୧୫୫ ଟି ସହରରୁ ଆସିଥିବା ୨୬୦ ଟି ଆବେଦନ ମଧ୍ୟରୁ ମୁକ୍ତା କୁ ବିଜେତା ଭାବରେ ଚୟନ କରିଛନ୍ତି ।

ସହରଗୁଡିକ ପାଇଁ ପୁରସ୍କାର ହେଉଛି ଡବ୍ଲ୍ୟୁଆରଆଇ ର ସହରୀ ରୂପାନ୍ତରଣ ପୁରସ୍କାର ଯାହାକି ବିଶ୍ୱ ବ୍ୟାପି ଅଧିକ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ସହର ସୃଷ୍ଟି କରୁଥିବା ଅଗ୍ରଣୀମାନଙ୍କୁ ସ୍ୱୀକୃତି ପ୍ରଦାନ କରେ। ଅନିଶ୍ଚିତତା, ବ୍ୟାଘାତ ଏବଂ ସଙ୍କଟର ମୁକାବିଲା ପାଇଁ ସହରାଂଚଳର ଗରିବ, ଅନୌପଚାରିକ ତଥା ପ୍ରବାସୀ ଶ୍ରମିକମାନଙ୍କ ପାଇଁ ବଡ଼ ଧରଣର ନିଯୁକ୍ତି ସୁଯୋଗ ସୃଷ୍ଟି କରି ମୁକ୍ତା ଏହି ପୁରସ୍କାର ହାସଲ କରିଛି । କଠିନ ସମୟରେ ବଂଚିବା ଏବଂ ତିଷ୍ଠି ରହିବା ପାଇଁ ଏକ ପ୍ରଣାଳୀ ଭାବରେ ମୁକ୍ତାକୁ ସ୍ୱୀକୃତି ମିଳିଛି । ବର୍ତ୍ତମାନ ସୁଦ୍ଧା ଓଡିଶାର ୧୧୪ ଟି ସହରରେ ୭ ଲକ୍ଷ ସହରୀ ଗରିବ ଏବଂ ପ୍ରବାସୀ ଶ୍ରମିକ ୨୦୮ କୋଟି ଟଙ୍କା ମୂଲ୍ୟର ୨୨,୫୦୦ ଗୋଷ୍ଠି ସ୍ତରୀୟ ବିକାଶ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ଯେଉଁଥିରେ ପକ୍କା ସଡକ, ଡ୍ରେନ୍, ବର୍ଷା ଜଳ ଅମଳ, କମ୍ୟୁନିଟି ସେଂଟର, ବୃକ୍ଷରୋପଣ, ଜଳାଶୟ ପୁନରୁଦ୍ଧାର ଏବଂ ସର୍ବସାଧାରଣ ସ୍ଥାନ ଆଦିର ବିକାଶ କାର୍ଯ୍ୟ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ୫୩୬୮ ମିଶନ୍ ଶକ୍ତି ଗୋଷ୍ଠୀ ଏବଂ ୪୩୮ ବସ୍ତି ବାସିନ୍ଦା ସଙ୍ଗଠନ ମଧ୍ୟ ଓଡିଶା ସରକାରଙ୍କ ଏହି ଉଚ୍ଚାଭିଳାଷୀ ଯୋଜନା ଅଧୀନରେ କାର୍ଯ୍ୟକାରୀ ସହଭାଗୀ ଭାବରେ ନିୟୋଜିତ ହୋଇଛନ୍ତି । ଠିକାଦାରମାନଙ୍କୁ ନିୟୋଜିତ କରିବା ପରିବର୍ତ୍ତେ ମିଶନ ଶକ୍ତି ଗ୍ରୁପ୍ ଏବଂ ବସ୍ତି ବାସିନ୍ଦାଙ୍କୁ କାର୍ଯ୍ୟ ଦାୟିତ୍ୱ ଦେବା ପାଇଁ ଓଡ଼ିଶା ରାଜ୍ୟରଙ୍କ ପଦକ୍ଷେପ ସ୍ୱରୂପ ମୁକ୍ତା ଯୋଜନାକୁ ପ୍ରଶଂସା କରାଯାଇଛି । ଏହି ଯୋଜନା ଏକ ସମାନ ଢଙ୍ଗରେ ଗୋଷ୍ଠି ସ୍ତରୀୟ ନାଗରିକ ସୁବିଧା ସୃଷ୍ଟି କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ଭାରତ ସରକାର ମଧ୍ୟ ଓଡିଶା ସରକାରଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି ଏବଂ ଓଡିଶାର ମୁକ୍ତା ମଡେଲକୁ ଅନ୍ୟ ରାଜ୍ୟମାନଙ୍କରେ କାର୍ଯ୍ୟକାରୀ ଲାଗି ସୁପାରିଶ କରିଛନ୍ତି । ଏଥିରୁ ଶିକ୍ଷାଲାଭ କରି ଝାଡଖଣ୍ଡ, ହିମାଚଳ ପ୍ରଦେଶ, ରାଜସ୍ଥାନ ଏବଂ ତାମିଲନାଡୁ ସହରାଂଚଳରେ ଥିବା ଗରିବ ଲୋକଙ୍କ ପାଇଁ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ଓଡିଶାର ମୁକ୍ତା ଢାଂଚାରେ ସେମାନଙ୍କ ସହରରେ ମଜୁରୀ ନିଯୁକ୍ତି ଯୋଜନା ଘୋଷଣା କରିଛନ୍ତି ।

# କରଦା ହରିହାଟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା: ବିଚିତ୍ର ବର୍ଣ୍ଣାଳୀ ନୃତ୍ୟରେ ଦର୍ଶକ ବିଭୋର

କୋରାଇ, ୩/୦୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ କରଦା ହିହାଟ ମେଳା ଓ ମହୋତ୍ସବ ଚାଲୁ ରହିଛି । ମେଳାର ଷଷ୍ଠ ଦିନ ତଥା ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଉଦ୍ଘାଟିତ ହୋଇଛି । ମହୋତ୍ସବ କମିଟି ଉପସଭାପତି ସୁବାସ ଧଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିଭାବେ ମିଶନ ଶକ୍ତି ପ୍ରୋଜେକ୍ଟ କୋଅଡିନେଟର ସେଫାଳୀ ସ୍ୱାଗତିକା, ପାଣିକୋଇଲି ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାର ପରିଚାଳକ ସଂଜୟ କୁମାର ତ୍ରିପାଠୀ, ପାଣିକୋଇଲି ଥାନା ସବଇନ୍ସପେକ୍ଟର ପ୍ରକାଶ କୁମାର ପ୍ରଧାନ,ଦେବାଶିଷ ସାହୁ, ପାଣିକୋଇଲି ବିଦ୍ୟୁତ ଉପଖଣ୍ଡ ଅଧିକାରୀ ଅସିତ ଅମିତାଭ ଧଳ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ କରଦା ହାଇସ୍କୁଲ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ତାରିଣୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ବିଶ୍ୱନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କରଦା ମିଶନଶକ୍ତି ମହାସଙ୍ଘ ଓ ପାଣିକୋଇଲି ହାଇସ୍କୁଲ ଛାତ୍ର/ ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ଣ୍ଣତୋୟା ବୈତରଣୀର ଅନତୀ ଦୂରରେ କରଦା ହରିହାଟ ମେଳା ସ୍ଥାନୀୟ ଅଂଚଳର ଗଣପର୍ବ ତଥା ବ୍ଲକର ସବୁଠୁ ବଡ ମେଳା ବୋଲି ବିବେଚନା କରାଯାଏ ।୧୦ ଦିନ ବ୍ୟାପି ମହୋତ୍ସବ ସହ ମୀନା ବଜାର, ବିଭିନ୍ନ ଷ୍ଟଲ ମାନ ଖୋଲାଯାଇଛି । ଯାହା ସ୍ଥାନୀୟ ଅଂଚଳର ଲୋକମାନଙ୍କ ବର୍ଷକର ଚାହିଦା ପୂରଣ କରିଥାଏ । ମହୋତ୍ସବ କମିଟିର ସମ୍ପାଦକ ପ୍ରମୋଦ ମହାପାତ୍ର, ବିଶ୍ୱନାଥ ପଣ୍ଡା, ଅନିରୁଦ୍ଧ ମଲିକ, ସୁଧାଶଙ୍କର ବିଶ୍ୱାଳ, କାର୍ତ୍ତିକ ସ୍ୱାଇଁ, ସଚିଦାନନ୍ଦ ସାହୁ. ଦୁର୍ଗା ପ୍ରସାଦ ପଣ୍ଡା, ହରିହର ସାହୁ, ଚିନ୍ତାମଣି ସାହୁ, ଶରତ ଖଣ୍ଡାଇଙ୍କ ସମେତ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ । ପାଣିକୋଇଲି ହାଇସ୍କୁଲରଇ ମୂଳାପାଳ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର/ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ପରେ ଗଂଜାମର ବିଚିତ୍ର ବର୍ଣ୍ଣାଳୀ ପଶୁମୁଖା ପକ୍ଷରୁ ନୃତ୍ୟ ପରେ କଟକ ଗୀତ ସଂଗମ ମେଲୋଡି କାର୍ଯ୍ୟକ୍ରମ ପରିବେଷର କରିଥିଲା । ମେଳା ଓ ମହୋତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପାଣିକୋଇଲି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଆଜି ଠାରୁ ଅପେରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

# ଜିଲ୍ଲାସ୍ତରୀୟ ପାରାମେଡିକ୍ସ ତାଲିମ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୩/୦୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ଦିନିକିଆ ଜିଲ୍ଲାସ୍ତରୀୟ ପାରାମେଡିକ୍ସ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡ଼ଃ ଅନିତା ପଟ୍ଟନାୟକ, ଡିପିଏଚ୍ଓ ଡାକ୍ତର ମିର୍ଜା ବାବର ବେଗ, ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ମହାମାରୀ ବିଶେଷଜ୍ଞ ସୁଶାନ୍ତ ପଟ୍ଟନାୟକ, ଶ୍ୟାମସୁନ୍ଦର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ(ମହିଳା), ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ସେବିକାମାନଙ୍କୁ ବାର୍ଦ୍ଧକ୍ୟ ଜନିତ ରୋଗ ଏବଂ ଏହାର ନିରାକରଣ ସହିତ ନିୟନ୍ତ୍ରଣ ପାଇଁ ତାଲିମ ଦିଆଯାଇ ଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ସେବିକା ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ ।

# ଭୁବନେଶ୍ୱର ଉଠା ଜଳସେଚନ ବିଭାଜନରେ ପାଣି ପଂଚାୟତ ପକ୍ଷ ପାଳନ ସମାରୋହ

ଭୁବନେଶ୍ୱର, ୩/୦୨ (ନି.ପ୍ର): ଭୁବନେଶ୍ୱର ଉଠା ଜଳସେଚନ ବିଭାଜନରେ ପାଣି ପଂଚାୟତ ପକ୍ଷ ପାଳନବୁଧବାର ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଶ୍ରୀ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ଜଳର ସୁପରିଚାଳନା ଏବଂ ରକ୍ଷଣାବେକ୍ଷଣ ସହିତ ସରକାରଙ୍କ ଲୋକାଭିମୁଖୀ ଯୋଜନା କୃଷକମାନଙ୍କ ନିକଟରେ ପହଁଚାଇବାକୁ ଉପସ୍ଥିତ ଡିଭିଜନର ଯନ୍ତ୍ରୀମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତଙ୍କୁଜଳର ସୁବ୍ୟବହାର ସମ୍ପର୍କରେ ଶପଥପାଠ କରାଯାଇଥିଲା ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡିଶା ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ଶ୍ରୀ ଅମରେଶ ପତ୍ରୀ ଯୋଗଦେଇ କୃଷି ଓ କୃଷକମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ପରାମର୍ଶ ଦେବା ସହିତ କୃଷକମାନଙ୍କୁ ଆଧୁନିକ ପ୍ରଣାଳୀରେ କୃଷି କରିବା ଓ କେବଳ ଧାନ ଚାଷ ଉପରେ ନିର୍ଭର ନକରି ଡାଲି, ପନିପରିବା ଓ ତୈଳବୀଜ ଆଦି ଅର୍ଥକରୀ ଫସଲ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଶ୍ରୀ ପତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଜଳର ସୁବିନିଯୋଗ କରିବା ଏବଂ କୃଷି କ୍ଷେତ୍ରରେ ଶେଷ ମୁଣ୍ଡକୁ ଜଳ ପହଁଚାଇବାରେ ପାଣି ପଂଚାୟତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମୁଖ୍ୟମନ୍ତ୍ରୀ ରାଜ୍ୟରେ ପାଣି ପଂଚାୟତଗୁଡିକୁ ସଶକ୍ତ କରିବା ଏବଂ ଜମି ପାଇଁ ଜଳସେଚନ ସୁବିଧା କରି ଅଧିକ କୃଷି ଉତ୍ପାଦନ ସହ କୃଷକମାନଙ୍କର ଆର୍ଥିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି । ଏ ଦିଗରେ ଶ୍ରୀ ପତ୍ରୀ ପାଣି ପଂଚାୟତ ସହ ସଂପୃକ୍ତ ସମସ୍ତ କ୍ଷେତ୍ର ସ୍ତରୀୟ ଅଧିକାରୀ ,କର୍ମଚାରୀ ଓ କୃଷକମାନଙ୍କର ସମ୍ମିଳିତ ପ୍ରୟାସ କାମନା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଉପସ୍ଥିତ କୃଷକ ଏବଂ ପାଣି ପଂଚାୟତ ସଦସ୍ୟ ସଦସ୍ୟାମାନଙ୍କୁ ସେମାନଙ୍କର ସମସ୍ୟା ସଂପର୍କରେ ପଚାରି ବୁଝିଥିଲେ । ଓଡିଶା ଉଠା ଜଳସେଚନ ନିଗମ ଏବଂ ପାଣି ପଂଚାୟତ ସହାୟତାରେ କୃଷି କାର୍ଯ୍ୟକରି କୃଷକମାନେ ବେଶ୍ ଉପକୃତ ହେଉଥିବା ପ୍ରକାଶ କରିଥିଲେ । ସଭାକାର୍ଯ୍ୟକୁ ନିର୍ବାହୀ ଯନ୍ତ୍ରୀ, ଉଠା ଜଳସେଚନ ବିଭାଜନ ,ଭୁବନେଶ୍ୱର ଶ୍ରୀ ସୁଜିତ୍ କୁମାର ମହାନ୍ତି ପରିଚାଳନା କରିବା ସହ କୃଷକମାନଙ୍କୁ ଆଧୁନିକ କୃଷି ଉପକରଣ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସହକାରୀ ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ,,ଖୋର୍ଦ୍ଧା ତଥା ରସାୟନ ବିଜ୍ଞାନୀ ଶ୍ରୀ ରବୀନ୍ଦ୍ର ନାଥ ପଣ୍ଡା ଯୋଗଦେଇ ମୃତ୍ତିକା ସଂରକ୍ଷଣ ଉପରେ ଆଲୋକ ପାତ କରିଥିଲେ । ସହକାରୀ ନିର୍ଦ୍ଦେଶକ, ଉଦ୍ୟାନକୃଷି ,ଖୋର୍ଦ୍ଧା ଶ୍ରୀମତୀ ସ୍ମିତା ମହାନ୍ତି ଫଳ ଚାଷ ଓ ଫୁଲ ଚାଷ କରିବା ଉପରେ ଗୁରୁତ୍ୱ ଦେଇ ମହିଳାମା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ଶେଷରେ ଓଏଲଆଇସି ଅଧ୍ୟକ୍ଷ ଶ୍ରୀ ପତ୍ରୀ ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶ୍ରୀ ରଂଜନ କୁମାର ମାଝି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଣ୍ଡା କେ. ବି. ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚମ୍ପୁଆ, ୩/୦୨ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା କେ. ବି. ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ହୃଦାନନ୍ଦ ମହାନ୍ତଙ୍କୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ତଥା ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରହଲ୍ଲାଦ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ଅତିଥି ବକ୍ତା ଭାବେ ଶିକ୍ଷକ ଦଶରଥ ମହାନ୍ତ, ଶେଖ୍ ଇଶ୍ହାକ୍, ପୂର୍ଣ୍ଣିମା ସାହୁ, ସୀମାରାଣୀ ନାୟକ, ହେମନ୍ତ ମହାନ୍ତ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ମହାନ୍ତଙ୍କ ସରଳତା, କର୍ତବ୍ୟପରାୟଣ, ସମୟାନୁବର୍ତିତା,ସହଯୋଗୀଙ୍କ ପ୍ରତି ସହଯୋଗିତା ଓ ବିଦ୍ୟାଳୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିଥିବା ଗୁଣ ତାଙ୍କର ସ୍ମରଣୀୟ ରହିବ ବୋଲି ସ୍ମୃତିଚାରଣ କରି ଅବସର ଜୀବନ ସୁଖମୟ ଏବଂ ଚଲାପଥ କୁସୁମିତ ହେଉ ବୋଲି କାମନା କରିଥିଲେ । ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ମହାନ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଦିଗଦର୍ଶନ ଦେଇଥିଲେ । ଅନ୍ୟତମ ଅତିଥି ଶିକ୍ଷକ କାଶିଆ ବେହେରା, ବୈଲୋଚନ ମହାନ୍ତ, ଶିକ୍ଷୟିତ୍ରୀ ଗୀତାରାଣୀ ମହାନ୍ତ, ସାବିତ୍ରୀ ଦାସ, ଭୁବନାନନ୍ଦ ମହାନ୍ତଙ୍କ ସହିତ ଛାତ୍ରଛାତ୍ରୀ ମାନେ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ମହାନ୍ତଙ୍କୁ ମାନପତ୍ର, ଉତରୀୟ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

କାର୍ଯ୍ୟକ୍ରମରେ ଲେଖକ, ସଂଗଠକ ଡମ୍ବରୁ ମହାନ୍ତ, ସମାଜ ହକର୍ ବିଶ୍ୱନାଥ ମହାନ୍ତ, ରଞ୍ଜିତ ମହାନ୍ତ, ମା ମନ୍ସା ସ୍ୱଂୟ ସହାୟକ ଗୋଷ୍ଠୀର ସଦସ୍ୟା ବୃନ୍ଦ ସହିତ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବୃନ୍ଦ ଉପସ୍ଥିତ ରହି ସହଯୋଗ କରିବା ସହିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ମାତୃଭୂମିର ସୁରକ୍ଷା ପାଇଁ ଜୟୀ ରାଜଗୁରୁଙ୍କ ତ୍ୟାଗ ଭାରତ ଇତିହାସରେ ବିରଳ

ଭୁବନେଶ୍ୱର, ୩/୦୨ (ନି.ପ୍ର): ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାରେ ଇଂରେଜମାନଙ୍କୁ ହଟାଇବା ପାଇଁ ଯେଉଁମାନେ ସଂଗ୍ରାମ କରିଥିଲେ, ସେମାନଙ୍କ ମଧ୍ୟରେ ଜୟକୃଷ୍ଣ ରାଜଗୁରୁ ମହାପାତ୍ର ତଥା ଜୟୀ ରାଜଗୁରୁ ହେଉଛନ୍ତି ଅଗ୍ରଗଣ୍ୟ । ମାତୃଭୂମିର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ତ୍ୟାଗର ଯେଉଁ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସେ ରଖିଥିଲେ ତାହା ଓଡ଼ିଶା ତଥା ଭାରତ ଇତିହାସରେ ବିରଳ । ଜୟୀ ରାଜଗୁରୁ ହେଉଛନ୍ତି ଓଡ଼ିଶାର ଗର୍ବ ଓ ଗୌରବ । ସେ ସର୍ବଦା ଓଡ଼ିଶାବାସୀଙ୍କ ହୃଦୟରେ ଚିର ଜାଜ୍ୱଲ୍ୟମାନ ହୋଇ ରହିବେ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟରେ ଇତିହାସ ବିଭାଗ ପକ୍ଷରୁ ଆୟୋଜିତ 'ରେଜିଷ୍ଟିଂ ଡୋମିନାନ୍ସ: ସିଚୁଏଟିଂ ଜୟୀ ରାଜଗୁରୁ ଇନ ଦି ଖୋର୍ଦ୍ଧା ଅପରାଇଜିଂ ଅଫ ୧୮୦୪' ଶୀର୍ଷକ ସମ୍ପାଦିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ବକ୍ତାମାନେ ପ୍ରକାଶ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ 'ରେଜିଷ୍ଟିଂ ଡୋମିନାନ୍ସ: ସିଚୁଏଟିଂ ଜୟୀ ରାଜଗୁରୁ ଇନ ଦି ଖୋର୍ଦ୍ଧା ଅପରାଇଜିଂ ଅଫ ୧୮୦୪' ଶୀର୍ଷକ ସମ୍ପାଦିତ ପୁସ୍ତକ ଉନ୍ମୋଚନ କରିଥିଲେ । ଏହି ବିଶ୍ୱବିଦ୍ୟାଳୟ ପାଇଁ ଉପାଦେୟ ସାବ୍ୟସ୍ତ ହେବ ବୋଲି କହିବା ସହିତ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଜୟନ୍ତୀ ଦୋରା ସ୍ୱାଗତ ଭାଷଣ ଦେଇଥିବାବେଳେ ଭାରତୀୟ ଇତିହାସ ଗବେଷଣା ପରିଷଦ ସଦସ୍ୟ ପ୍ରଫେସର ହରିହର ପଣ୍ଡା ପୁସ୍ତକର ମୁଖ୍ୟ ସମ୍ପାଦିକା ଡ. ସୋମା ଚାନ୍ଦ ବକ୍ତବ୍ୟ ରଖିଥିଲେ । ଡ.ଅଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୫-ଟି ସଚିବଙ୍କ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିଦର୍ଶନ

ଭୁବନେଶ୍ୱର, ୩/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି. କେ. ପାଣ୍ଡିଆନ ଆଜି ସଂଧ୍ୟାରେ ସ୍ଥାନୀୟ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ସେଠାରେ ୫-ଟି ରୂପାନ୍ତର କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ଅନେକ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଏହାସହିତ ସେଠାରେ ପଢୁଥିବା ଥିବା ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା ମଧ୍ୟ କରି ଥିଲେ ।

ପ୍ରଥମେ ଶ୍ରୀ ପାଣ୍ଡିଆନ ନିର୍ମାଣାଧୀନ ଷ୍ଟେଟ ଅଫ ଆର୍ଟ ଅଡିଟରିୟମ କାମ ବୁଲି ଦେଖିଥିଲେ । ୧୦୦୦ ଆସନ ବିଶିଷ୍ଟ ଏହି ଅଡିଟୋରିଅମର ନିର୍ମାଣ କାର୍ଯ୍ୟ ଡିସେମ୍ବର ୨୦୨୩ ସୁଦ୍ଧା ଶେଷ ହେବ ବୋଲି ଆଲୋଚନା ସମୟରେ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଯେ ଏହି ଅତ୍ୟାଧୁନିକ ଅଡିଟୋରିଅମ ଦେଶର ସବୁଠାରୁ ବଡ ଅଡିଟୋରିଅମ ହେବ ଏବଂ କୃଷି ଶିକ୍ଷା କ୍ଷେତ୍ରରେ ରାଜ୍ୟ ଠାରୁ ଆରମ୍ଭ କରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, କର୍ମଶାଳା ଓ କନ୍‌ଫରେନ୍‌ସର ଆୟୋଜନ କରାଯାଇ ପାରିବ ।

ଓୟୁଏଟି ର ସବୁ କ୍ଲାସରୁମ କୁ ସ୍ମାର୍ଟ କ୍ଲାସରୁମ କରାଯିବ । କୃଷି ବିଶ୍ୱବିଦ୍ୟାଳୟକୁ ଜାତୀୟ ସ୍ତରର ଏକ ଅଗ୍ରଣୀ ଶିକ୍ଷା ଓ ଗବେଷଣା ଅନୁଷ୍ଠାନରେ ପରିଣତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ । ସୂଚନାଯୋଗ୍ୟ ଯେ କୃଷି ବିଭାଗ ପ୍ରମୁଖ ସଚିବ ଶ୍ରୀ ଅରବିନ୍ଦ ପାଢୀ ଓ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଶ୍ରୀ ଭି.କେ. ପାଣ୍ଡିଆନ ଉଭୟ ହେଉଛନ୍ତି କୃଷି ବିଜ୍ଞାନର ଛାତ୍ର ।

ଏହାପରେ ସେ ୨୦୦ ଆସନ ବିଶିଷ୍ଟ ଫାର୍ମର୍ସ ହଷ୍ଟେଲ ର ନବୀକରଣ କାମ ବୁଲି ଦେଖିଥିଲେ । କୃଷି ସଂପର୍କିତ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା କୃଷକମାନେ ଏହି ହଷ୍ଟେଲରେ ରହିବା ପାଇଁ ବ୍ୟବସ୍ଥା କରାଯାଇଛି । ୨୦୨୩ ସେପଟ୍ଟେମ୍ବର ମାସ ସୁଦ୍ଧା ଏହାର ନବୀକରଣ କାର୍ଯ୍ୟ ସଂପୂର୍ଣ୍ଣ ହେବ ବୋଲି ସମୀକ୍ଷା ରୁ ଜଣାଯାଇଛି । କୃଷି ବିଶ୍ୱବିଦ୍ୟାଳୟର ଛାତ୍ରାବାସ କାମ ମଧ୍ୟ ଶ୍ରୀ ପାଣ୍ଡିଆନ ଅନୁଧ୍ୟାନ କରିଥିଲେ । ଏଥିରେ ୫୦୦ ଛାତ୍ର ରହିବାର ବ୍ୟବସ୍ଥା କରାଯାଉଛି । ଡିସେମ୍ବର ୨୦୨୩ ସୁଦ୍ଧା ଏହାର ନିର୍ମାଣ କାମ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

ପରିଶେଷରେ ସେ ଛାତ୍ରୀନିବାସର ନବୀକରଣ କାର୍ଯ୍ୟ ବୁଲି ଦେଖିଥିଲେ ଏବଂ ଛାତ୍ରୀ ମାନଙ୍କ ସହ ବିଭିନ୍ନ ସୁବିଧା ଅସୁବିଧା ସଂପର୍କରେ ଆଲୋଚନା କରିଥିଲେ । ଛାତ୍ରୀନିବାସର ଉନ୍ନତିକରଣ କାର୍ଯ୍ୟ ଖୁବ ଭଲ ହେଉଛି ବୋଲି ଛାତ୍ରୀମାନେ ମତ ଦେଇଥିଲେ । ଛାତ୍ରୀ ନିବାସ ରେ ବ୍ୟାଡମିଂଟନ କୋର୍ଟ ଓ ଜିମ ସୁବିଧା ର ବିକାଶ ପାଇଁ ସେମାନଙ୍କ ଅନୁରୋଧ କୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ ବୋଲି ୫ଟି ସଚିବ ଛାତ୍ରୀ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

ଏହି ପରିଦର୍ଶନ ସମୟରେ କୃଷି ବିଭାଗର ପ୍ରମୁଖ ସଚିବ ଶ୍ରୀ ଅରବିନ୍ଦ ପାଢୀ, ପୂର୍ବ ବିଭାଗର ପ୍ରମୁଖ ସଚିବ ଶ୍ରୀ ଭି.ଭି.କେ. ଯାଦବ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଓ ଓୟୁଏଟିର କୁଳପତି ପ୍ରମୁଖ ଉପସ୍ଥିତ ଥିଲେ ।

# କୋରୁକୋଣ୍ଡାରେ ଗ୍ରାମ୍ୟ ନ୍ୟାୟାଳୟ ଉଦ୍‌ଘାଟିତ

ମାଲକାନଗିରି, ୩/୦୨ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ମହକୁମାରେ ପ୍ରତିଷ୍ଠା ହୋଇଥିବା ଗ୍ରାମ ନ୍ୟାୟାଳୟକୁ ଆଜି ହାଇକୋର୍ଟର ପ୍ରଧାନ ବିଚାରପତି ଡଃ. ଏସ୍ ମୁରଲୀଧର ପ୍ରଥମ ଥର ପାଇଁ ଆଭାସି ମାଧ୍ୟମରେ ଉଦଘାଟନ କରିଛନ୍ତି । ପ୍ରଧାନ ବିଚାରପତି ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ବର୍ତମାନ କୋରୁକୋଣ୍ଡା ବ୍ଲକର ଜନସାଧାରଣ ନ୍ୟାୟର ଅଭିଜ୍ଞତା ସହଜରେ ଜାଣିପାରିବେ । ଏହି ନ୍ୟାୟାଳୟ ଖୋଲିବା ଦ୍ୱାରା କୋରୁକୋଣ୍ଡାର ଜନସାଧାରଣ ଯଥାଶୀଘ୍ର ନ୍ୟାୟ ପାଇବା ପାଇଁ ଏକ ସୁଯୋଗ ପାଇବେ ଏବଂ ଏହି ଗ୍ରାମ ନ୍ୟାୟାଳୟ ଦ୍ୱାରା ସେମାନେ ବହୁ ଉପକୃତ ହେବେ ।

ଏହି ଉଦଘାଟନୀ ସମାରୋହରେ ହାଇକୋର୍ଟର ବିଚାରପତି ଶ୍ରୀ ଏମ ଏସ ରମଣ, ଜିଲ୍ଲା ବିଚାରପତି ଶ୍ରୀମତୀ ଅଜନ୍ତା ଷଡ଼ଙ୍ଗୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତେଶ ଓ୍ୱାଧଓ୍ୱନୀ, ଅତିରିକ୍ତ ଜିଲ୍ଲା ବିଚାରପତି ଉଦୟଭାନୁ ଜେନା, ମୁଖ୍ୟ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ସତ୍ୟପ୍ରିୟ ଦାସ, ବରିଷ୍ଠ ସିଭିଲ ଜର୍ଜ ବିଜୟ କୁମାର ଦାସ, ରେଜିଷ୍ଟ୍ରାର ଅନୁପ ନାୟକ,ଏସଡିଜିଏମ ରୁଦ୍ର ପ୍ରକାଶ ନାୟକ, ଡିଏଲ୍ଏସଏ ସଚିବ ରାକେଶ କୁମାର ମୁଦୁଲି, କୋରୁକୁଣ୍ଡା ଗ୍ରାମ ନ୍ୟାୟାଳୟ ବିଚାରପତି ଦେବେନ୍ଦ୍ର ନାଥ ବାଘ, ବାର୍ ଏସୋସିଏସନ୍ ସଭାପତି ପ୍ରକାଶ ମହାନ୍ତି ଓ ବରିଷ୍ଠ ଓକିଲମାନେ ଉପସ୍ଥିତ ଥିଲେ ।

# ୫ ଦଫା ଦାବି ନେଇ ସିପିଆଇର ବିକ୍ଷୋଭ

ଜୟପୁର, ୩/୦୨ (ନି.ପ୍ର): କୋରାପୁଟ ଜିଲା ସିପିଆଇ ତରଫରୁ ଗଣ ବିକ୍ଷୋଭ କରାଯାଇଛି । ଜୟପୁର ପୌର ପାଳିକା ସମ୍ମୁଖରେ ଗଣ ବିକ୍ଷୋଭ କରାଯାଇ ଜିଲାପାଳଙ୍କ ଉଦ୍ଦେଷ୍ୟରେ ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ସିପିଆଇର ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ୫ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଐତିହାସିକ ଜଗନ୍ନାଥ ସାଗର, ନୀଳକଣ୍ଠ ସାଗରକୁ ବ୍ରହ୍ମପୁର ରାମଲିଙ୍ଗେଶ୍ୱର ବନ୍ଧ ପୁନଃ ଉଦ୍ଧାର ଶୈଳୀରେ ସମ୍ପୁର୍ଣ୍ଣ ପଙ୍କୋଦ୍ଧାର କରି ସୌନ୍ଦର୍ଯ୍ୟକରଣ କରାଯାଉ, ଗୋବର୍ଦ୍ଧନ ମୁଣ୍ଡା ବନ୍ଧକୁ କାର୍ଯ୍ୟକ୍ଷମ କରାଯାଉ, ଶହୀଦ ଲକ୍ଷ୍ମଣ ନାୟକଙ୍କ ସବସ୍ୱୀକୃତ ପ୍ରତିମୂର୍ତି ସହୀଦ ସ୍ୱାଧୀନତା ସଂଗ୍ରାମୀ ପୀଠରେ ସ୍ଥାପନ କରାଯାଉ ବର୍ତମାନର ପ୍ରତିମୁର୍ତି ହଟାଯାଉ, ବିକ୍ରମ ଦେବ କଲେଜ ସମ୍ମୁଖରେ ମହାରାଜା ବିକ୍ରମଦେବ ବର୍ମାଙ୍କ ଭବ୍ୟ ସଦୃଶ୍ୟ ପ୍ରତିମୂର୍ତି ସ୍ଥାପନ କରାଯାଉ ଆଦି ଦାବି ରହିଛି । ଏହି ବିକ୍ଷୋଭରେ ବରିଷ୍ଠ ସିପିଆଇ ନେତା ପ୍ରମୋଦ ମହାନ୍ତି, ସତ୍ୟବ୍ରତ ନନ୍ଦ, ରାମ କୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ

ଝାରସୁଗୁଡ଼ା, ୩/୦୨ (ନି.ପ୍ର): ଜିଲ୍ଲାରେ ଚାଲୁରହିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଅନ୍ତର୍ଗତ ପ୍ରକଳ୍ପ କାର୍ଯ୍ୟଗୁଡ଼ିକ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ପରିଷଦ ସଦଭାବନା ଗୃହରେ ଆଜି ଅନୁଷ୍ଠିତ ବୈଠକରେ ଜିଲ୍ଲାର ସମସ୍ତ ପୌର ପରିଷଦ ଓ ପଂଚାୟତ ସମିତି ଅଂଚଳରେ ଚାଲୁରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ର ଅଗ୍ରଗତି ସମୀକ୍ଷା ଅବସରରେ ଜିଲ୍ଲାପାଳ ସରୋଜ କୁମାର ସାମଲ ସମସ୍ତ ପୋ ?ର ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୌରାଂଚଳରେ ପକ୍କା ସଡ଼କ ନିର୍ମାଣ, ଷ୍ଟ୍ରିଟ ଲାଇଟ, ନାଳ, ବସ୍ତି ଅଂଚଳ ଉନ୍ନୟନ ସହ ଘରୋଇ ପାଇଖାନା ନିର୍ମାଣ ଓ ବିଦ୍ୟୁତ ସଂଯୋଗ ଏବଂ ପାନୀୟ ଜଳ ଯୋଗାଣ ସ୍ଥିତି ସମୀକ୍ଷା କରିଥିଲେ । ସେହିପରି ସହର ମାନଙ୍କରେ ଥିବା ରାସ୍ତା, ଖାଲି ଥିବା ସ୍ଥାନମାନଙ୍କରେ ବିକାଶ ,ରାଜସ୍ୱ ଆଦାୟ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଂଚଳ)ଓ ମୁକ୍ତା (ମୁଖ୍ୟମନ୍ତ୍ରୀ କର୍ମ ତତ୍ପରତା ଅଭିଯାନ)ରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପଚାରି ବୁଝିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ । ଜାତୀୟ ସହରାଂଚଳ ଜୀବିକା ମିଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସହାୟତା , ବ୍ୟାଙ୍କ ଲିଂକେଜ ଆଦି ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପଲିଥିନ ବ୍ୟବହାର ନିଷିଦ୍ଧ ପାଇଁ ନିୟମିତ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବ୍ଲକମାନଙ୍କରେ ଚାଲୁରହିଥିବା ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଗୁଡ଼ିକର ମଧ୍ୟ ସମୀକ୍ଷା କରାଯାଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମାଂଚଳ), ଗୃହ ଯୋଗାଣ ଆଦିର ସମୀକ୍ଷା କରି ଯୋଜନା ଅନ୍ତର୍ଗତ ଗୃହ ନିର୍ମାଣ କେଉଁ ସ୍ଥିତିରେ ଅଛି ବୁଝିବା ସହ ସମସ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫାଇଭ୍-ଟି ଅନ୍ତର୍ଗତ ସ୍କୁଲ ଗୁଡିକରେ ସ୍ମାର୍ଟ କ୍ଲାସ , ଇ ଲାଇବ୍ରେରୀ , ପାଇଖାନା ନିର୍ମାଣ ଆଦି କାର୍ଯ୍ୟର ସମୀକ୍ଷା କରିଥିଲେ । ଅଙ୍ଗନବାଡ଼ି କେନ୍ଦ୍ର ଓ ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ କହିଥିଲେ ।

# ଝାଡେଶ୍ୱରରେ ବିଶ୍ୱ ଶାନ୍ତି ମହାଯଜ୍ଞ ଓ ପ୍ରବଚନ

ଆନନ୍ଦପୁର, ୩/୦୨ (ନି.ପ୍ର): ସ୍ଥାନୀୟ ଝାଡେଶ୍ୱର ମହେଶ ବିଜେ ମୁରାବାଲି ଠାରେ ୨୮ତାରିଖ ଠାରୁ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଥିବା ବେଳେ ଗତକାଲି ସନ୍ଧ୍ୟାରେ ପ୍ରଭୂ ସନ୍ତୋଷ ଚୈତନ୍ୟ ମହାରାଜ ପ୍ରବଚନ ପ୍ରଦାନ କରିଥିଲେ । ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଭକ୍ତମାନେ ଏଥିରେ ଯୋଗଦେଇଥିଲେ । ଆସନ୍ତା ୧ ଓ ୨ ତାରିଖରେ ପ୍ରଭୂ ସନ୍ତୋଷ ଚୈତନ୍ୟ ମହାରାଜ ପ୍ରବଚନ ଦେବାକୁ ଥିବାବେଳେ ୩ ତାରିଖ ଦିନ ପ୍ରବଚକ ପ୍ରମୋଦ ପଣ୍ଡା ନିଜର ପ୍ରବଚନ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ବିଶ୍ୱ ଶାନ୍ତି ମହାଯଜ୍ଞ ୫ ତାରିଖରେ ଶେଷ ହେବ । ଝାଡେଶ୍ୱର ମନ୍ଦିର ସମ୍ପାଦକ ରଘୁନାଥ ପାଢୀଙ୍କ ସଂଯୋଜନାରେ ଆୟୋଜିତ ଏହି ବିଶ୍ୱ ଶାନ୍ତି ମହାଯଜ୍ଞରେ ପ୍ରାଗଜୀ ପଡ଼ିଆରୀ, ପ୍ରଭାତ କୁମାର ପଣ୍ଡା, ରାମଚନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ଦାସ, ଅର୍ଜୁନୀ ମହାନ୍ତୀ ପ୍ରମୁଖ ଯୋଗଦେଇ ଏଥିରେ ସହଯୋଗ କରିଛନ୍ତି । ଏହି ବିଶ୍ୱ ଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମକୁ ପୂଜକ କୃଷ୍ଣ ଶତପଥୀ, ସୁଜାମ ଚରଣ ପଣ୍ଡାଙ୍କ ସହିତ କମିଟିର ଚକ୍ରଧର ସାହୁ, ନାରାୟଣ ସାହୁ, ନିରଞ୍ଜନ ସାହୁ, ପପୁ ପଢିଆରୀ, ମହନ୍ତ ପ୍ରଫୁଲ ବାବା, କୃଷ୍ଣ ଚନ୍ଦ୍ର ଶତପଥି, ଉଦୟନାଥ ପଣ୍ଡା, ମୁନା ପଣ୍ଡା, ଅନ୍ତର୍ଯ୍ୟାମୀ ଦାଶ, ବିଶ୍ୱନାଥ ସାହୁ, ଶିବ ପ୍ରସାଦ ମିଶ୍ର, ଭାଗିରଥୀ ସାହୁ, ଅର୍ଜୁନି ମହାନ୍ତି ସୁବାସ ମହାନ୍ତି, ନରହରି ସାହୁ, ମଧୁସୂଦନ ସାହୁ, ଖିରୋଦ ସାହୁ, ଶୁକଦେବ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

ବାଲେଶ୍ୱର ଜିଲାପାଳଙ୍କ ଜଳେଶ୍ୱର ଗସ୍ତ

# ୫ଟି ବିଦ୍ୟାଳୟ, ସ୍ମାର୍ଟ ପାର୍କ, ରିଭରଭ୍ୟୁ ପାର୍କ, ଷ୍ଟାଡିୟମ ଓ ଉଡନ୍ତା ପୋଲ କାର୍ଯ୍ୟର କଲେ ସମୀକ୍ଷା

ଜଳେଶ୍ୱର ୩/୨(ନି.ପ୍ର): ଆସନ୍ତା ୫ ତାରିଖ ୫ଟି ବିଦ୍ୟାଳୟ ଗୁଡିକର ଉଦ୍‌ଘାଟନ ଉତ୍ସବ ଥିବାରୁ ବାଲେଶ୍ୱର ଜିଲାପାଳ ଉକ୍ତ କାର୍ଯ୍ୟ ସହିତ ପୌରପାଳିକାର ସ୍ମାଟ ପାର୍କ, ରିଭରଭ୍ୟୁ ପାର୍କ ଓ ଦୀର୍ଘ ୫ବର୍ଷ ଧରି ନିର୍ମାଣ ଚାଲିଥିବା ନୂଆବଜାର ଓ ଚାଲନ୍ତିଠାରେ ଉଡନ୍ତ ରେଳ ପୋଲର କାର୍ଯ୍ୟ ସମୀକ୍ଷା କରିଛନ୍ତି । ଅତିଶୀଘ୍ର କାର୍ଯ୍ୟ ସାରିବାପାଇଁ ସେ ବିଭାଗୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେବା ସହିତ ପୌରାଞ୍ଚଳର ୯ନଂ ୱାର୍ଡରେ ସରକାରୀ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ପଦସ୍ଥ କର୍ମକର୍ତ୍ତା ଓ ବ୍ଲକ ଏବଂ ପୌର ପାଳିକାର ଅଧ୍ୟକ୍ଷକଙ୍କ ସହିତ ଆଲୋଚନା କରିଛନ୍ତି । ସମଗ୍ର ରାଜ୍ୟରେ ଆସନ୍ତା ୫ ତାରିଖରେ ୩ୟ ପର୍ଯ୍ୟାୟରେ ୫ଟି ବିଦ୍ୟାଳୟ ଗୁଡିକର ଉଦ୍‌ଘାଟନ ଉତ୍ସବ ରହିଛି । ଜଳେଶ୍ୱରର ପ୍ରଥମ ପର୍ଯ୍ୟାୟରେ ୨ଟି ବିଦ୍ୟାଳୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୧ଟି ରୁ ୧୯ଟି ଉଦ୍‌ଘାଟନ ହୋଇଥିବା ବେଳେ ଚଳିତଥର ୨୦ଟି ବିଦ୍ୟାଳୟର ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟର ଅଗ୍ରଗତି ସଂପର୍କରେ ଆଜି ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ,



ତହସିଲଦାର ମିହିର ରଂଜନ ବେହେରା, ବିଡିଓ ପୁନମ୍ ରାଉତ ଓ ଅନ୍ୟକେତେକ କର୍ମଚାରୀଙ୍କୁ ଧରି ବିଭିନ୍ନ ସ୍କୁଲ ପରିଦର୍ଶନ କରିଥିଲେ । ଜଳେଶ୍ୱର ଟାଉନ୍ ହାଇସ୍କୁଲ ଓ ସିଦ୍ଧେଶ୍ୱର ହାଇସ୍କୁଲକୁ ଯାଇ କାର୍ଯ୍ୟର ସମୀକ୍ଷା କରିଥିଲେ । ପରେ ପୌରପାଳ ପ୍ରତୀପ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌର ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ସହିତ ଯାଇ ପୌରପାଳିକାର ୱାର୍ଡ ୩ ଓ ୭ରେ ନିର୍ମାଣ ହେଉଥିବା ସ୍ମାଟ ପାର୍କ ବୁଲି ଦେଖିଥିଲେ । ସୁବର୍ଣ୍ଣରେଖା ନଦୀକୂଳରେ ଏକ ରିଭର ଭ୍ୟୁ ଗାର୍ଡେନ ନିର୍ମାଣ ହେବାକୁ ଥିବାରୁ ସେ ସ୍ଥାନ ପରିଦର୍ଶନ କରି ବିଭାଗୀୟ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ । ୱାର୍ଡ ନଂ ୯ରେ ଏକ ସରକାରୀ ସ୍ଥାନରେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ଦୁଇ ଅଧ୍ୟକ୍ଷ ଜିଲାପାଳଙ୍କୁ ଘଟଣାସ୍ଥଳକୁ ନେଇଥିଲେ ଓ ବୁଲି ଦେଖିଥିଲେ । ଏହା ସହିତ ନୂଆବଜାରଠାରେ ନିର୍ମାଣାଧିନ ଷ୍ଟାଡିୟମ କାର୍ଯ୍ୟର ସମୀକ୍ଷା ମଧ୍ୟ କରିଥିଲେ । ୨୦୧୮ ମସିହାରେ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ରାଜ୍ୟ ରାଜପଥର ନୂଆବଜାରଠାରେ ନିର୍ମାଣ ଆରମ୍ଭ ହୋଇଥିବା ଉଡନ୍ତା ରେଳ ପୋଲ କାର୍ଯ୍ୟକୁ ଜିଲାପାଳ ସମୀକ୍ଷା କରିଥିଲେ । ଦୁଇବର୍ଷରେ ଉକ୍ତ କାର୍ଯ୍ୟ ଶେଷ ହେବାକୁ ଥିବା ବେଳେ କରୋନା ଓ ଜମି ଅଧିଗ୍ରହଣରେ ବିଳମ୍ୱ ଘଟିଥିବାରୁ ଏହି କାର୍ଯ୍ୟ ଚାଲିଥିବା ସଂପର୍କରେ ଜିଲାପାଳ ପୂର୍ତ୍ତବିଭାଗ, ରାଜସ୍ୱ ବିଭାଗ ସହିତ ଆଲୋଚନା କରିଥିଲେ । ଆସନ୍ତା ଜୁଲାଇ ମାସରେ ଏହି ରାସ୍ତାରେ ଯାନ ଚଳାଚଳ କରିବା ସଂପର୍କରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ନିହାରୀକାନ୍ତି ବେହେରା ଜିଲାପାଳଙ୍କୁ ସୂଚାଇ ଥିଲେ । କିନ୍ତୁ ଏହି କାର୍ଯ୍ୟ ନିର୍ମାଣରେ ବିଳମ୍ୱ ଯୋଗୁଁ ତଥା ଯାନାବାହନ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ତେଣୁ ଜିଲାପାଳ ଉକ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୫ ଦିନ ବିତିଗଲା, ହେଲେ ଜଣାପଡିଲାନ...

ତେଣୁ ଏହି ହତ୍ୟାକାଣ୍ଡ ପଛରେ ଥିବା ରହସ୍ୟ ନିହାତି ଖୋଜି ବାହାର କରିବେ । ତଦନ୍ତର ତଦାରଖ ଜଣେ ଅବସରପ୍ରାପ୍ତ ଜଜ୍ କରୁଛନ୍ତି । ପୁରା ତଥ୍ୟ ଜାଣିବାକୁ କେନ୍ଦ୍ରୀୟ ଫରେନସିକ୍ ଲାବରୋଟୋରି ସିଏଫଏସଏଲ, ସହ ଯୋଗାଯୋଗ କରିଛୁ । ଭଲ ତଦନ୍ତ ପାଇଁ ଯାହା ଟିମ୍ ଆବଶ୍ୟକ ତାହା ଆସିବ । ତେବେ ନବ ଦାସଙ୍କୁ ଜଣେ ପୋଲିସ ଅଧିକାରୀ ହତ୍ୟା କରିଥିବାରୁ ତଦନ୍ତକୁ ନେଇ ଯେମିତି ପରେ କୌଣସି ପ୍ରଶ୍ନ ନଉଠିବ, ସେଥିପାଇଁ ସ୍ଥାନୀୟ ଏସପି, ଏସଡିପିଓ ଓ ଥାନା ଅଧିକାରୀଙ୍କୁ ବଦଳି କରାଯାଇଛି ବୋଲି କହିଛନ୍ତି ଡିଜିପି । କିନ୍ତୁ ମନ୍ତ୍ରୀଙ୍କ ପିଏସଓ ତାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବାରୁ ତାଙ୍କୁ ନିଲମ୍ୱନ କରାଯାଇଛି ବୋଲି କହିଛନ୍ତି ଡିଜିପି । ଏଥିସହ ଏଘଟଣାର ଯେଉଁଭଳି ପୁନରାବୃତି ନହୁଏ ସେଥିପାଇଁ ପଦକ୍ଷେପ ନିଆଯାଉଥିବା ଡିଜି ସୂଚନା ଦେଇଛନ୍ତି । ଗତ ମାସ ୨୯ ତାରିଖରେ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ପରେ ପୋଲିସ ଡିଜି କାହିଁକି ଘଟଣାସ୍ଥଳକୁ ଗଲେ ନାହିଁ । ଏତେ ବଡ ସମ୍ବେଦନଶୀଳ ମାମଲା ହୋଇଥିଲେ ବି ରାଜ୍ୟ ପୋଲିସ ମୁଖ୍ୟ କାହିଁକି ମୁହଁ ଖୋଲୁ ନାହାଁନ୍ତି ସେ ନେଇ ବିରୋଧୀ ଦଳର ଏକାଧିକ ନେତା ପ୍ରଶ୍ନ ଉଠାଇଥିଲେ ।

### ପିଏସଓ ଫେରାଇ ଦେଲେ ଜୟନାରାୟଣ...

ସସପେଣ୍ଡ କରାଯାଇଛି, ତଥାପି ପିଏସଓ ଓ ପୁଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଜୟନାରାୟଣ ମିଶ୍ର । କିନ୍ତୁ ବିଜେଡି ଜୟନାରାୟଣଙ୍କୁ ପାଲଟା ଆକ୍ରମଣ କରିଛି । ତାଙ୍କୁ ହତ୍ୟାକାଣ୍ଡର ଅଭିଯୁକ୍ତ କହିବା ସହ ଅବାନ୍ତର କଥା କହୁଛନ୍ତି ବୋଲି ବିଜେଡି ବିଧାୟକ ରାଜକିଶୋର ଦାସ କହିଛନ୍ତି । ଏପଟେ ବିରୋଧୀ ଦଳ ନେତା ଜୟନାରୟଣ ମିଶ୍ରଙ୍କୁ ବିରୋଧ କରିଛନ୍ତି ରାଜ୍ୟର ପିଏସଓ । ଭୁବନେଶ୍ୱରରେ ଏକାଧିକ ପିଏସଓ ଏକତ୍ରିତ ହୋଇ, ବିରୋଧୀ ଦଳ ନେତାଙ୍କ ବୟାନକୁ ବିରୋଧ କରିଛନ୍ତି । ଏସବୁ ଭିତରେ ପିଏସଓମାନଙ୍କୁ ଅଧିକ ସକ୍ରିୟ କରିବା ପାଇଁ ବାଲେଶ୍ୱର ଏସପିଙ୍କ ତତ୍ୱାବଧାନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଯେଉଁଥିରେ ସୁରକ୍ଷାଦାୟୀତ୍ୱରେ ରହୁଥିବା ପିଏସ୍ମାନେ କ'ଣ କରିବେ ଏବଂ କ'ଣ କରିବେ ନାହିଁ ସେ ସମ୍ପର୍କରେ ସଚେତନ କରାଯାଇଛି ।

### ବାଲି ମାଫିଆଙ୍କ ଆକ୍ରମଣରେ...

ପ୍ରାଥମିକ ଚିକିତ୍ସା ପରେ ସାମାନ୍ୟ ଆହତ ହୋଇଥିବା ଉପ-ଜିଲାପାଳ କ୍ୱାଟର୍ସ ଫେରିଯାଇଥିବା ବେଳେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ତାଙ୍କ ଡ୍ରାଇଭର ଗଗନଙ୍କର ଅବସ୍ଥା ଏବେ ଭଲ ଅଛି ବୋଲି ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର ସୂଚନା ଦେଇଛନ୍ତି । ତେବେ ଏହି ଆକ୍ରମଣ ସମ୍ପର୍କରେ ଖବର ପାଇ ଏସପି ସାଗରିକା ନାଥ ଓ ଜିଲାପାଳ ଦତାତ୍ରୟ ଭାଉ ସାହେବ ଶିନ୍ଦେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ସେଠାରେ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ବେଳେ ସଂଧ୍ୟା ସୁଦ୍ଧା ପୁଲିସ ପକ୍ଷରୁ ଦଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି । ତେବେ ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ମହିଳାଙ୍କ ସମେତ ସମସ୍ତ ଦୁର୍ବୃତ୍ତଙ୍କୁ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଜିଲାପାଳ ଶ୍ରୀ ଶିନ୍ଦେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ପୁଲିସ ଭୟରେ ଦହପଡ଼ା ଅଞ୍ଚଳ ଏବେ ପୁରୁଷ ଶୂନ୍ୟ ହୋଇଯାଇଥିବା ଲକ୍ଷ୍ୟ କରାଯାଇଛି ।

### କେନ୍ଦ୍ରୀୟ ବଜେଟରେ ଓଡିଶାକୁ ...

ଗାଡ଼ିରେ ଲିଙ୍ଗରାଜ ରୋଡ୍ ଷ୍ଟେସନ ଆସି ସେଠାରୁ ଟ୍ରେନରେ ସିଧାସଳଖ ପୁରୀ ଯାଇପାରିବେ । ଏଥିପାଇଁ ଲିଙ୍ଗରାଜ ରୋଡ୍ ଷ୍ଟେସନର ଆଧୁନୀକିକରଣ କାର୍ଯ୍ୟ କରାଯାଉଛି । ବନ୍ଦେ ଭାରତ ଟ୍ରେନ୍ ଭଳି ବନ୍ଦେ ଭାରତ ମେଟ୍ରୋ ୩୫-୫୦ କିମି ଥିବା ଷ୍ଟେସନ ଭିତରେ ଚାଲିବ । ଓଡ଼ିଶାରେ ପ୍ରଥମ ବନ୍ଦେ ଭାରତ ମେଟ୍ରୋ ଲିଙ୍ଗରାଜରୋଡ୍-ପୁରୀ ଭିତରେ ଚାଲିବା ଯୋଜନା ହୋଇଛି ।

# ଡ୍ରିମସ୍ ଆଇଡିଆଲ୍ ସ୍କୁଲର ମୁଖପତ୍ର 'ଡ୍ରିମସ୍'ର ଶୁଭ ଉନ୍ମୋଚନ

ଅଦ୍ୟ ତା୦୩-୦୨-୨୩ରିଖ ଡ୍ରିମସ୍ ଆଇଡ଼ିଆଲ୍ ସ୍କୁଲ ପରିସରରେ ସ୍କୁଲର ମୁଖପତ୍ର 'ଡ୍ରିମସ୍' ଶୁଭ ଉନ୍ମୋଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ରୂପେମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡ଼ା କାର୍ଯ୍ୟକ୍ରମରେ ଯୋଗଦେଇ ମୁଖପତ୍ର 'ଡ୍ରିମସ୍' ର ଶୁଭ ଉନ୍ମୋଚନ କରିଥିଲେ ।ଉନ୍ମୋଚକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନୀଲୁ ମହାପାତ୍ର ମହୋଦୟ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ କୁନି କୁନି ପିଲାଙ୍କ ସୃଜନଶୀଳତା ଦେଖି ଅଭିଭୂତ ହେବା ସହ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ଅବସରପ୍ରାପ୍ତ ପ୍ରାଧାପକ ଶ୍ରୀଯୁକ୍ତଶତୃଘ୍ନ ମଲ୍ଲିକ ବିଦ୍ୟାପୀଠଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ ।ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା କବି ଶ୍ରୀଯୁକ୍ତ କାଳୀପଦ ପଣ୍ଡା ମୁଖପତ୍ରଟି ପିଲାଙ୍କ ଭବିଷ୍ୟତ ଉତ୍ତରୋତ୍ତର ଉନ୍ନତି ଦିଗରେ



ସାହାଯ୍ୟ କରିବ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବରେ ଯୁବନେତା ଶ୍ରୀଯୁକ୍ତ ଜ୍ଞାନରଞ୍ଜନ ନାୟକ, କବୟିତ୍ରୀ ଶ୍ରୀମତୀ ପ୍ରଣିତା ମିଶ୍ର, ୱାର୍ଡ଼ କାଉନସିଲର ଶ୍ରୀମତୀରଞ୍ଜିତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାପୀଠରେ ଏହିଭଳି ବହୁବିଧ ସୁନ୍ଦର ସୁନ୍ଦର କାର୍ଯ୍ୟକ୍ରମ ପାଇଁ ଏହାର ପ୍ରତିଷ୍ଠାତା ତଥା କର୍ମଚାରୀଙ୍କୁ
ଧନ୍ୟବାଦ ଦେବା ସହ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗଙ୍ଗାଧର ଦାସ । ବିଦ୍ୟାପୀଠର ସମ୍ପାଦକ ଶ୍ରୀଯୁକ୍ତ ଭାବଗ୍ରାହୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।ଅଧକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି,ସ୍ମୃତିରେଖା ଦାସ, ରେହାନା ବେଗମ୍, ସତ୍ୟଭାମା ଖଟୁଆ, ଦୀପାଞ୍ଜଳି ଦାସ, ସ୍ମିତିସୁଧା ଦାସ, ଦେବୀଶ୍ରୀ ଗିରି, ଆରତୀବାଳା ଦାସ, ଦ୍ୱିତିକୃଷ୍ଣ ମହାନ୍ତି, ଅନିତାରାଣୀ ଦାସ, ଶାନ୍ତିଲତାଖଟୁଆ, ଆଞ୍ଚଲପ୍ରିୟା ବେହେରା, ଭଗବାନ ବେହେରା, ରୁନି ସିଂ ପ୍ରମୁଖ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାପୀଠର ଆଜୀବନ ସଦସ୍ୟ ତଥା ଶୁଭେଚ୍ଛୁ ଫିରୋଜ୍ ଅହମ୍ମଦଙ୍କୁ ବିଦ୍ୟାପୀଠ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିରେନ୍ଦ୍ର କୁମାର ଶତପଥୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦେବକୁଣ୍ଡ-ତା୦୨/୦୨ - ଉଦଳା ବ୍ଲକର ପାଟଣାଣୀପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ୍ଦ୍ର କୁମାର ଶତପଥୀ ତାଙ୍କର ଚାକିରୀ ଜୀବନରୁ ଅବସର ଗ୍ରହଣ କରିଛନ୍ତି । ତାଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜଣାଇବା ଉଦେଶ୍ୟରେ ବିଦ୍ୟାଳୟ ପରିସରରେ ଆଜି ଫେବୃଆରୀ ୨ ତାରିଖ ଗୁରୁବାର ଦିନ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଓଷ୍ଟାର ଜିଲ୍ଲା ସଭାପତି କୋକିଳ ଚନ୍ଦ୍ର ମହାନ୍ତ ଉକ୍ତ ସଭାରେ ଅଧକ୍ଷତା କରି ବିରେନ୍ଦ୍ର ସାରଙ୍କର ସାଧାସିଧା ଜୀବନ ଓ ଉନ୍ନତ ମାନର ଶିକ୍ଷାଦାନ ଅନ୍ୟ ମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛି ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ଭରତ ଚନ୍ଦ୍ର ବରାଳ, ସରୋଜ କୁମାର ପଣ୍ଡା, ଗୋପିନାଥ ସୋରେନ, ମାନସ ରଂଜନ ମିରିଡ଼ିଆ, ଧର୍ମେନ୍ଦ୍ର ସେଣ ପ୍ରମୁଖ ଅଂଶ ଗ୍ରହଣ କରି ଶତପଥୀ ସାରଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହାପରେ ଛାତ୍ର ଛାତ୍ରୀ ମାନେ ଶତପଥୀ ସାରଙ୍କୁ ବିଭିନ୍ନ ପ୍ରକାର ଉପହାର ପ୍ରଦାନ କରିବା ସହ ନିଜ ନିଜର ଅନୁଭବ ବ୍ୟକ୍ତ କରିଥିଲେ । ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ଅଭିଯୁକ୍ତ ଚମ୍ପଟ ମାରିବା ଘଟଣାରେ ସିଂଲା ଥାନାର ମହିଳା କନେଷ୍ଟବଳ ନିଲମ୍ବିତ

ବସ୍ତା, ୩।୨(ନିପ୍ର):ସିଂଲା ଥାନାରୁ ଆସାମୀ ଚମ୍ପଟ ମାରିବା ଘଟଣାରେ ଆଜି ଜଣେ ମହିଳା କନେଷ୍ଟବଳ ଙ୍କୁ କାର୍ଯ୍ୟରେ ଅବହେଳା ଦର୍ଶାଇ ନିଲମ୍ବିତ କରାଯାଇଥିବା ଜଣାଯାଇଛି । ସୂଚନାରୁ ପ୍ରକାଶ ଗତ ୩୧ ତାରିଖ ଦିନ ପୂର୍ବ ରୁ ଏକ ମୋବାଇଲ ଚୋରି ଘଟଣାରେ ସିଂଲା ପୁଲିସ ୧୬୬/ ୨୨ ରେ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୩୧ ତାରିଖ ଦିନ ଏହି ମାମଲାର ଅନ୍ୟ ଅଭିଯୁକ୍ତ ବସ୍ତା ଥାନା ଶ୍ୟାମରାଇପୁର ଗ୍ରାମର ଅନାମ ଓରଫ ଦେବାଶିଷ ଜେନାଙ୍କୁ ଜାମଶୁଳି ଠାରୁ ସ୍ଥାନୀୟ ଲୋକ ଧରି ସିଂଲା ପୋଲିସ ଜିମା ଦେଇଥିଲେ । ମାତ୍ର ଅଭିଯୁକ୍ତ ଅନାମ ହାଜତ ରହିବା ସମୟରେ ବାହାନା କରି ଶୌଚ ହେବାକଥା କହି ପାଇଖାନାକୁ ଯାଇଥିଲା । ମାତ୍ର ସେଠାରେ ଟ୍ୟାପ୍‌ରୁ ପାଣି ଛାଡି ପାଇଖାନା ହାଜତ୍ ରୁ ଚମ୍ପଟ ମାରିଥିଲା । ଏହି ଘଟଣାରେ ପୁଲିସ ଛଜଣଆ ଟିମ୍ ଗଠନ କରି ଅଭିଯୁକ୍ତ ଅନାମ କୁ ସେହି ଜାମଶୁଳି ରୁ ଗିରଫ କରିବାରେ ସଫଳ ହୋଇଥିଲା । ମାତ୍ର ନିଜ କାର୍ଯ୍ୟରେ ଅବହେଳା ଦର୍ଶାଇ ଶୁକ୍ରବାର ମହିଳା କନେଷ୍ଟବଳ ସୁଜାତା ପଣ୍ଡାଙ୍କୁ ନିଲମ୍ବିତ କରାଯାଇଥିବା ଜଣାଯାଇଛି ।

# ବାଲେଶ୍ୱରରେ ଭର୍ଚୁଆଲ ହାଇକୋର୍ଟ ଉଦଘାଟିତ



ବାଲେଶ୍ୱର, ୩।୨(ନି.ପ୍ର): ଓଡ଼ିଶା ହାଇକୋର୍ଟର ଭର୍ଚୁଆଲ ଶାଖା ଶୁକ୍ରବାର ବାଲେଶ୍ୱରରେ ଉଦଘାଟିତ ହୋଇଯାଇଛି । ସୁପ୍ରିମ କୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୂଡ଼ ଆଭାସିରେ ଏହାକୁ ଉଦଘାଟନ କରିଥିଲେ । ଭାରତବର୍ଷରେ ପ୍ରଥମଥର ପାଇଁ ଉଚ୍ଚ ନ୍ୟାୟଳୟର ଭର୍ଚୁଆଲ କୋର୍ଟ ପ୍ରତିଷ୍ଠା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମୁଖ୍ୟ ବିଚାରପତି ଶ୍ରୀ ଚନ୍ଦ୍ରଚୂଡ଼ କହିଥିଲେ । ଏହି କୋର୍ଟ ମାଧ୍ୟମରେ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ଜନସାଧାରଣଙ୍କୁ ସ୍ୱଳ୍ପ ସମୟରେ ନ୍ୟାୟ ମିଳି ପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ ମୁରଲିଧରଙ୍କ ଅଧ୍ୟକ୍ଷତାରେ ତଥା ଭର୍ଚୁଆଲ ପ୍ରକ୍ରିୟାରେ ଆୟୋଜିତ ଏହି ଉଦଘାଟନୀ ଉତ୍ସବରେ ହାଇକୋର୍ଟର ବିଚାରପତି ବିଶ୍ୱନାଥ ରଥ ଉପସ୍ଥିତ ଥିଲେ । ସେହିଭଳି ଜିଲା ଓ ଦୌରାଜଜଙ୍କ କୋର୍ଟ କାର୍ଯ୍ୟାଳୟ ପରିସରରେ ଆୟୋଜିତଏହି ଆଭାସି ହାଇକୋର୍ଟ ଉଦଘାଟନ ବେଳେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, ଜିଲା ଓ ଦୌରାଜଜ ଅଶାନ୍ତ କୁମାର ଦାସଙ୍କ ସମେତ ବାଲେଶ୍ୱରର ଅନ୍ୟାନ୍ୟ କୋର୍ଟର ଜଜ ଓ ବହୁ ଆଇନଜୀବୀ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକୁ ରେଜିଷ୍ଟ୍ରାର ରଂଜନ କୁମାର ପ୍ରଧାନ ଓ କୋର୍ଟ ମ୍ୟାନେଜର ପ୍ରିୟଙ୍କା ମିଶ୍ର ପରିଚାଳନା କରିଥିଲେ ।

# ଶିମିଳିପାଳ ସୁରକ୍ଷା ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଦାବି

ବାରିପଦା : ୩।୨(ନି.ପ୍ର ): ଅଖଣ୍ଡ ମୟୁରଭଂଜର ମୁକୁଟ ସବୁଜିମା ଶିମିଳିପାଳର ସୁରକ୍ଷା ଦାୟିତ୍ୱରେ ଥିବା ବନ୍ୟ ବିଭାଗ ଅଧିକାରୀଙ୍କ ଲାଭଖୋର ତଥା ଶିମିଳିପାଳ ବିକାଶ ବିରୋଧୀ ମନୋବୃତି ଯୋଗୁଁ ଶିମିଳିପାଳ ଆଜି ଶ୍ରୀହୀନ ହେବାକୁ ବସିଲାଣି । କ୍ରମାଗତ ଭାବେ ଦନ୍ତା ହାତୀ, ବାଘ ଶିକାର ସହ ମୂଲ୍ୟବାନ ଏବଂ ଔଷଧୀୟ ବୃକ୍ଷ ମଧ କଟାଚାଲିଛି । ଶିମିଳିପାଳ ସୁରକ୍ଷା ବାବଦରେ ଭଂଜସେନା ପକ୍ଷରୁ ବହୁବାର ଭାରତବର୍ଷର ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରି ଶିମିଳିପାଳର ରକ୍ଷଣାବେକ୍ଷଣ ପାଇଁ ପ୍ରତ୍ୟେକ ବର୍ଷ ଆସୁଥିବା କୋଟି କୋଟି ଟଙ୍କାର ଉପଯୁକ୍ତ ବିନିଯୋଗ ହେଉନାହିଁ, ତାହାର ତଦନ୍ତ ସିବିଆଇ ଦ୍ୱାରା କରାଯାଉ ବୋଲି ଦାବୀ ପତ୍ର ଉଭୟ କେନ୍ଦ୍ର ଓ ରାଜ୍ୟକୁ ପ୍ରଦାନ କରାଯାଇଛି, ତାସହିତ ଧାରଣା ଦିଆଯାଇଛି, ଉଭୟ ବାରିପଦା ଓ ଯଶିପୁର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଫିସ ମଧ ବନ୍ଦ କରାଯାଇଥିଲା ମାତ୍ର କେନ୍ଦ୍ର ରାଜ୍ୟ ଶିମିଳିପାଳ ର ସୁରକ୍ଷା ପ୍ରସଙ୍ଗରେ ମୌନବ୍ରତ ଧାରଣ କରି ବସିଥିବାରୁ ଭାରତବର୍ଷ ମହାମହିମ ରାଷ୍ଟ୍ରପତି ମହୋଦୟାଙ୍କୁ ବିପର୍ଯ୍ୟସ୍ତ ଶିମିଳିପାଳର ପ୍ରକୃତ ସ୍ଥିତିକୁ ଜଣାଇ ହସ୍ତକ୍ଷେପ କରିବା ପାଇଁ ନିବେଦନ କରିବାକୁ ସୋସିଆଲ ମେଡିଆରେ ମୟୁରଭଂଜ ବାସୀ ମାନେ ବହୁମାତ୍ରାରେ ଦାବୀ କରିଥିଲେ ଠିକ ସେହିପରି ତୁରନ୍ତ ରାଷ୍ଟ୍ରପତି ମୋହଦୟା ଶିମିଳିପାଳର ସୁରକ୍ଷା ପ୍ରସଙ୍ଗରେ ହସ୍ତକ୍ଷେପ କରନ୍ତୁ ବୋଲି ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ଦିନ ସଂଧ୍ୟା ୬.୩୦ ଘଟିକା ଠାରୁ ୭.୩୦ ଘଟିକା ପର୍ଯ୍ୟନ୍ତ ଶିମିଳିପାଳ ସୁରକ୍ଷା ପ୍ରସଙ୍ଗରେ ରାଷ୍ଟ୍ରପତି ମହୋଦୟା ହସ୍ତକ୍ଷେପ କରନ୍ତୁ ବୋଲି ପ୍ରିଂଟିଂ ପ୍ଲାକାର୍ଡ ଏବଂ ହାତଲେଖା ପ୍ଲାକାର୍ଡ ଧରି ଫୋଟ ଆଉ ଭିଡିଓ ସୋସିଆଲ ମେଡ଼ିଆ ରେ ହଜାର ହଜାର ସଂଖ୍ୟାରେ ସେୟାର କରି ନିବେଦନ କରିଛନ୍ତି । ଭଂଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ତତ୍ତ୍ୱାବଧାନତାରେ ହୋଇଥିବା କାର୍ଯ୍ୟକ୍ରମରେ ଅଧକ୍ଷ ଶୁଭେନ୍ଦୁ ମହାନ୍ତି, ଶୃଙ୍ଖଳାଗତ କମିଟି ଅଧକ୍ଷ ସତ୍ୟସ୍ୱରୂପ ଦାଶ, ଉପାଧକ୍ଷ ନିମାଇଁ ତ୍ରିପାଠୀ, ମହମ୍ମଦ ଅଲ୍ଲୀ ଖାନ, ଜିତେନ୍ଦ୍ର ହେମ୍ବ୍ରମ, ସଭାପତି ପିଣ୍ଟୁ ମାଇତି, ଓ ବି ସି ସେଲ ସଭାପତି ରାକେଶ କୁମାର ବେହେରା ପ୍ରମୁଖ ସାମିଲ ଥିବାର ଜଣାଯାଇଛି ।

# ସଡ଼କ ସୁରକ୍ଷାର ବାର୍ତ୍ତା ନେଇ 'ବାଲେଶ୍ୱର ରୟାଲ୍ସ'ର କୋରାପୁଟ ଯାତ୍ରା

ବାଲେଶ୍ୱର,୩।୨(ନି. ପ୍ର): ସଡ଼କ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ନେଇ ସଚେତନତା ସୃଷ୍ଟି ପାଇ କୋରାପୁଟର ଦେଓମାଳି ଅଭିମୁଖ୍ୟେ ଶୁକ୍ରବାର ଯାତ୍ରା ଆରମ୍ଭ କରିଛି ବାଲେଶ୍ୱରର ରୟାଲ୍ସ କ୍ଲବ । ସ୍ଥାନୀୟ ଆରଟିଓ ଅଫିସ ପରିସରରୁ କ୍ଲବର ୨୦ ସଦସ୍ୟଙ୍କ ବୁଲେଟ ମୋଟରସାଇକେଲ ଯାତ୍ରା ଆରମ୍ଭ ହୋଇଥିଲା । ବାଲେଶ୍ୱର ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ପତାକା ଦେଖାଇ ଏହି ବୁଲେଟ ଯାତ୍ରାକୁ ଶୁଭାରମ୍ଭ କରିଥିଲେ । ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ପାଳନ ଦିଗରେ ଏହି ଯାତ୍ରା ସାଧାରଣରେ ସଚେତନତା ସୃଷ୍ଟି କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

# ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱାରା ନୂତନ ଆହାର କିଚେନର ଶୁଭ ଶିଳାନ୍ୟାସ

ନୀଳଗିରି - ୩/୨(ନି.ପ୍ର)ବିକାଶନ୍ମୋଖୀ ନୀଳଗିରି ସହରର ଜନସାଧାରଣଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ ନୂତନ ଭାବେ ଥିବା ଆହାର କିଚେନ ଗୃହ ପ୍ରତିଷ୍ଠା କରିବାର ଲକ୍ଷ ନେଇ ଶୁଭ ଶିଳାନ୍ୟାସ କରିଛି । ଫଳରେ ବିଜ୍ଞାପିତ ଅଂଚଳ ପରିଷଦର ବହୁମୁଖୀ ଜନହିତୈଷୀ କାର୍ଯ୍ୟ ମଧ୍ୟରେ ଯୋଡ଼ି ଯାଇଛି ଏହି କିଚେନ୍ ସେଂଟର । ନୀଳଗିରିରେ ବହୁ ସରକାରୀ ଦପ୍ତରକୁ ଦୈନନ୍ଦିନ ଦୂରଦୂରାନ୍ତରୁ ବହୁ ଲୋକ ଆସି ବ୍ୟୟ ବହୁଳ ହୋଟେଲ ଖାଦ୍ୟ ଖାଇ ପାରୁ ନ ଥିବା ବେଳେ ସ୍ୱଳ୍ପ ମୂଲ୍ୟରେ ଆହାର କେନ୍ଦ୍ରରେ ଖାଦ୍ୟ ଖାଇବା ସହ ପୃଷ୍ଟିକର ଖାଦ୍ୟ ମଧ ପାଇପାରିବେ । ପୂର୍ବରୁ ନୀଳଗିରି ମେଡିକାଲ ନିକଟରେ ଥିବା ଆହାର କେନ୍ଦ୍ରକୁ ବାଲେଶ୍ୱରର ନିର୍ଦ୍ଦିଷ୍ଟ ଠିକାଦାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଖାଦ୍ୟକୁ ରୋଗୀଙ୍କ ସଂପର୍କୀୟ ଏବଂ ବିଭିନ୍ନ ଦପ୍ତରକୁ ଆସୁଥିବା ଜନସାଧାରଣ ଖାଉଥିଲେ । ତେଣୁ ଏହାକୁ ଉପଲବଧି କରି ନୀଳଗିରି ଏନ.ଏ.ସି. ଆହାର କେନ୍ଦ୍ର ସାମ୍ନାରେ ୨୫ ଲକ୍ଷ ୯୫ହଜାର ଟଙ୍କାର ଏକ କିଚେନ ସେଂଟର ପୂର୍ବାହ୍ନ ୧୧.୩୦ମି. ସମୟରେ ଶୁଭ ଶିଳାନ୍ୟାସ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଏବଂ ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସଙ୍କ କରକମଳରେ ଶୁଭ ଦିଆଯାଇଥିଲା । ଶିଳାନ୍ୟାସ ସମୟରେ ଏନ.ଏ.ସି. ଉପାଧକ୍ଷ ମହେନ୍ଦ୍ର କୁମାର ବେହେରା, ଏନ.ଏ.ସି. କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ, କନିଷ୍ଠ ଯନ୍ତ୍ରୀ ବୁଧିରାମ ସିଂ, ୮ନଂ.. ୱାର୍ଡ କାଉନସିଲର ସୁଚିସ୍ମିତା ବେହେରାଙ୍କ ସମେତ ସମସ୍ତ ୱାର୍ଡ କାଉନସିଲର ନୀଳଗିରି ଏସ.ସି. ସେଲ ଅଧକ୍ଷ ଶରତ ଦାସ, ସମାଜସେବୀ ରମେଶ ବାଗ, ଉଦୟଜ୍ୟୋତି ମହାନ୍ତି, ବିଜେଡି ବ୍ଲକ ସଭାପତି ବିଜୟ କୁମାର ଲେଙ୍କା, ବିଜେପି ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ନଟୁ ସରକାର, ନିବାଶିଷ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପୌରପାଳିକା ସମ୍ମୁଖରେ ସଦର ବିଜେପିର ଗଣଧାରଣା

ବାଲେଶ୍ୱର,୩।୨(ନି.ପ୍ର ): ବିଭିନ୍ନ ଦାବି ନେଇ ସଦର ବିଜେପି ପକ୍ଷରୁ ବାଲେଶ୍ୱର ପୌରପାଳିକା ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ଉପ-ସଭାପତି ମାନସ ଦତ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି ଗଣଧାରଣାରେ ଶତାଧିକ କର୍ମୀ ଯୋଗ ଦେଇଥିଲେ । ପୌର ପରିଷଦ ଗଠନକୁ ବର୍ଷେ ପୂରିବାକୁ ଯାଉଥିବା ବେଳେ ପୌରାଞ୍ଚଳରେ ବିକାଶ ଠପ ହୋଇଯାଇଥିବା ଶ୍ରୀ ଦତ୍ତ ଆରୋପ କରିଥିଲେ । ବିଶେଷ କରି ପୌର ଅଧ୍ୟକ୍ଷା, ପୌର ସଦସ୍ୟ ସଦସ୍ୟା ତଥା ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବରୁ ବାଲେଶ୍ୱର ସହରରେ କୌଣସି ଉନ୍ନୟନ ମୂଳକ ନୂତନ ପ୍ରକଳ୍ପ ଶୁଭାରମ୍ଭ ହୋଇପାରୁ ନଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ସହର ସୌନ୍ଦର୍ଯ୍ୟକରଣ ଆଳରେ ରାସ୍ତା



ପାର୍ଶ୍ୱରୁ ଉଠା ଦୋକାନୀଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ଉଚ୍ଛେଦ କରି ସେମାନଙ୍କ ଜୀବନ ଜୀବିକାକୁ ବିପନ୍ନ କରାଯାଉଥିବା ବିଜେପି କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି । ଉଚ୍ଛେଦ ଦୋକାନୀଙ୍କୁ କ୍ଷତିପୂରଣ ପ୍ରଦାନ, ପୌରପାଳିକାରେ ଜଣେ ସ୍ଥାୟୀ ଓ ପୂର୍ଣ୍ଣକାଳୀନ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଯୁକ୍ତି, ଅମୃତ ଯୋଜନା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ତୁରନ୍ତ କାର୍ଯ୍ୟକାରୀ କରିବା, କେନ୍ଦ୍ର ସରକାରଙ୍କ ଅନୁଦାନ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ଟେଣ୍ଡର ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବା, ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନା ଓ ଜାଗା ମିଶନରେ ଗରିବ ହିତାଧିକାରୀଙ୍କୁ ଚୟନ ସହ ତୁରନ୍ତ ପକ୍କାଘରର କାର୍ଯ୍ୟାଦେଶ ପ୍ରଦାନ, ଅବିବାହିତ ମହିଳା, ବିଧବା, ବୃଦ୍ଧ/ ବୃଦ୍ଧା ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ବିଜେପି କର୍ମକର୍ତ୍ତାମାନେ ଦାବି କରିଥିଲେ । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଚାଲିବା ନେଇ ଚେତାବନୀ ଦିଆଯାଇଥିଲା । ତେବେ ସଂଧ୍ୟାରେ ଅତିରିକ୍ତ ଜିଲାପାଳ ଧାରଣାସ୍ଥଳରେ ପହଞ୍ଚି ସମସ୍ୟା ସମାଧାନରଲିଖିତ ପ୍ରତିଶ୍ରୁତି ଦେଲା ପରେ ଦଳ ପକ୍ଷରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା । ବରିଷ୍ଠ ବିଜେପି ନେତା ସୁଜିତ ଦେବ, ରବିନାରାୟଣ ମହାପାତ୍ର, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଉପେନ୍ଦ୍ର ଶତପଥୀ, କାଉନସିଲର ସତ୍ୟଶିବ ସୁନ୍ଦର ଦାଶ, ନିତ୍ୟଗୋପାଳ ସିଂ, ରୋଜାଲିନ ପାଣି, ସସ୍ମିତା ନାଥ, ପ୍ରତିମା ବେହେରା ଓ ନିରୂପମା ଦାଶ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ବିବେକ ମହାନ୍ତି, ରାଜେନ୍ଦ୍ର ଚାଟାର୍ଜୀ, ପ୍ରବୀର ଶଙ୍କର ଦାଶ, ସଂଯୁକ୍ତା ମହାପାତ୍ର, ଶ୍ରୀୟା ଦାଶ, ସସ୍ମିତା ଦାଶ, ସସ୍ମିତା ଶୁକ୍ଲା, ସ୍ୱର୍ଣ୍ଣପ୍ରିୟା ନାଥ, ମଧୁଶ୍ରୀ ପଣ୍ଡା, ଆଶାଲତା ବାଡି, ପ୍ରଶାନ୍ତ ପରିଡା, ମନ୍ମଥ ପାତ୍ର, ଦିଲ୍ଲୀପ ମାଝୀ, ବସନ୍ତ ନାୟକ, ମାନସ ସାହୁ, ମଧୁସୂଦନ ମାଝୀ, ଜୀବନ ପାଣି, କାର୍ତ୍ତିକ ନାଥ, ସେଖ ହଲିମ, ହରେନ୍ଦ୍ର ପ୍ରଧାନ, ଅନିମେଶ ଦେ, ପ୍ରହ୍ଲାଦ ଦାସ, ତରୁଣ ବର୍ଦ୍ଧନ, ଚିତ୍ତରଞ୍ଜନ ଦତ୍ତ, ସଞ୍ଜୀବ ପ୍ରଧାନ, ସୁମିତ୍ରା ପରିଡ଼ା ପ୍ରମୁଖ ଏହି ପ୍ରତିବାଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀଙ୍କ ଅସନ୍ତୋଷ : ମିଳୁନି ଅର୍ଥରାଶି

ଜଳେଶ୍ୱର,୩/୨(ନି.ପ୍ର): ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତୀ ଓ ଗର୍ଭବତୀ ତଥା ପ୍ରସୂତିଙ୍କ ଲାଗି ବିଭିନ୍ନ ଯୋଜନାରେ ସରକାରୀ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଉଥିବାରୁ ଏଥିଲାଗି ସରକାରଙ୍କ ଠାରୁ ମିଳୁଥିବା ଅର୍ଥରାଶି ଜଳେଶ୍ୱର ବ୍ଲକର ଅଙ୍ଗନୱାଡି କେନ୍ଦ୍ରକୁ ମିଳୁନଥିବା ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ସଂଘ ପକ୍ଷରୁ ସିଡିପିଓ ଓ ଅନ୍ୟ କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ୭ଦଫା ଦାବିରେ ସେମାନେ କର୍ମକର୍ତ୍ତାଙ୍କୁ ସମସ୍ୟାର ସମାଧାନ ଲାଗି ଲିଖିତଭାବେ ଜଣାଇଥିବା ବେଳେ ଅତିଶୀଘ୍ର ସମସ୍ୟାର ସମାଧାନ ନ ହେଲେ ସରକାରୀ ଯୋଜନା ବାଟବଣା ହେବ ବୋଲି ସେମାନେ ସୂଚରଇଛନ୍ତି । ବଜାରରେ ଅଣ୍ଡାର ମୂଲ୍ୟ ବୃଦ୍ଧି ପାଇବା ସହିତ ଅନ୍ୟ କେତେକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି । ଏସ୍.ଏଫ.ପି ପରିଚାଳନା ପାଇଁ ୨୦୧୧ ମସିହାରୁ ଜଳେଶ୍ୱର ବ୍ଲକର ସମସ୍ତ ଅଂଗନୱାଡି କେନ୍ଦ୍ର ଲାଗି ଏକ୍ସିସ ବ୍ୟାଙ୍କ ଏକାଉଣ୍ଟ ଖୋଲା ଯାଇଥିଲା । ଗତ ନଭେମ୍ବର ୧ ତାରିଖ ଠାରୁ ଜମା ହୋଇଥିବା ଏହି ଅର୍ଥ ବ୍ୟାଙ୍କ ଏକାଉଣ୍ଟରେ ଅଚଳ ହୋଇଥିବାରୁ ଟାଙ୍କା ଉଠାଣ ହୋଇ ପାରୁନାହିଁ । ଏସ୍.ଏନ୍.ପି ବାବଦରେ ମଧ୍ୟ ଯୁଗ୍ମ ଖାତାକୁ ଅର୍ଥ ଯାଉନଥିବା ଜଣାପଡିଛି । ଅଂଗନୱାଡି କର୍ମୀ ଓ ଜଣେ ୱାର୍ଡ ସଦସ୍ୟଙ୍କ ନାମରେ ଏହି ଜମାଖାତା ଏକ୍ସିସ ବ୍ୟାଙ୍କ ଏକାଉଣ୍ଟ ଖୋଲା ଯାଇଥିଲା । ଖାତା ଅଚଳ ହୋଇଥିବା ତାହା ଉଠାଣ ହୋଇ ପାରୁନାହିଁ । ୨୦୨୨-୨୩ ପ୍ରିସ୍କୁଲ ୟୁନିଫର୍ମ, ସୁଇଟର, ଜୋତା ବାବଦରେ ଅର୍ଥ ମିଳିପାରୁ ନାହିଁ । ପ୍ରତି କେନ୍ଦ୍ରକୁ ୫ଟି ଗ୍ୟାସଭର୍ତ୍ତି ସିଲିଣ୍ଡ ଯୋଗାଇବାର ବ୍ୟବସ୍ଥା ଥିବା ବେଳେ ୨ଟି ଦିଆଯାଉଛି । ଅଂଗନୱାଡି କେନ୍ଦ୍ର ଗୁଡିକୁ ବିଦ୍ୟୁତ୍ ସଂଯୋଗ ହେଉନାହିଁ । ପୋଷଣ ବାବଦରେ ଅର୍ଥ ମିଳିପାରୁନାହିଁ । ମୋବାଇଲ ଭାଉଚର ବାବଦରେ ୨୦୦ ଟଙ୍କା ଦେବାକୁ ଥିବା ବେଳେ ତାହା ଦିଆଯାଉନାହିଁ । ଅଂଗନୱାଡି କାର୍ଯ୍ୟ ଚାଲୁଥିବା ବେଳେ ଛତୁଆ ଓ ଚାଉଳ ବଣ୍ଟନ ଲାଗି ଦାବି କରାଯାଇଛି । ୭ଦିନ ମଧ୍ୟରେ ଏସବୁ ଦାବୀ ପୂରଣ କରିବାକୁ ଜଳେଶ୍ୱର ଶାଖା ସଭାପତି ଲକ୍ଷ୍ମୀପ୍ରିୟା ଦାସ, ସଂପାଦିକା ମମତା ଦାସ ମହାପାତ୍ର, ତୃପ୍ତିରାଣୀ ମହାନ୍ତି, ଦିପନିତା ପଟ୍ଟନାୟକ, ଫୁଲ ସରେନ୍, ଚମ୍ପାବତି ନାୟା, ଯମୁନା ମହାନ୍ତି ପ୍ରମୁଖ ଲିଖିତଭାବେ ଜଣାଇଛନ୍ତି ।

## ୨୦୨୩-୨୪ କେନ୍ଦ୍ର ବଜେଟରେ ଓଡ଼ିଶାକୁ ୧୦ ହଜାର ୧୨ କୋଟି ରେଳ ଅନୁଦାନ

# ଓଡ଼ିଶାକୁ ରେକର୍ଡସଂଖ୍ୟକ ରେଳ ଅନୁଦାନ ରାଜ୍ୟବାସୀଙ୍କୁ ଖୁସି ଦେଇଛି- ଧର୍ମେନ୍ଦ୍ର ପ୍ରଧାନ



- ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ ଓ ଯାତ୍ରୀ ସୁବିଧାକୁ ଗୁରୁତ୍ୱ ଦେଉଥିବାରୁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ରେଳ ମନ୍ତ୍ରୀ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ
- ଏହି ଅନୁଦାନ ରାଜ୍ୟରେ ରେଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ସହ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବ
- ୩୭ଟି ନୂଆ ରେଳ ଲାଇନ ପ୍ରକଳ୍ପ ପାଇଁ ୨୫୬୪ କୋଟି, ରେଳ ଲାଇନର ଦହୋରୀକରଣ ପାଇଁ ୩୮୦୦ କୋଟି ପର୍ଯ୍ୟଟନ ଭିତ୍ତିଭୂମି ଏବଂ ଅର୍ଥନୀତିକୁ ସଶକ୍ତ କରିବ
- ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ପାଇଁ ୧୫୯୯ କୋଟି ଅନୁଦାନ ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବ
- ତାଳଚେର-ବିମଳାଗଡ଼ ରେଳ ଲାଇନ ପାଇଁ ୩୦୦ କୋଟି ଓ ଅନୁଗୋଳ- ସୁକିନ୍ଦା ରୋଡ ପାଇଁ ୨୦୦ କୋଟି ଅନୁଦାନ ସ୍ୱାଗତଯୋଗ୍ୟ
- ଲିଙ୍ଗରାଜ ରୋଡ ଷ୍ଟେସନରୁ ପୁରୀ ପର୍ଯ୍ୟନ୍ତ ବନ୍ଦେ ମେଟ୍ରୋ ଟ୍ରେନର ଚଳାଚଳ ସହିତ ୫୭ଟି ଷ୍ଟେସନର ନବୀକରଣ କରାଯିବ
- କେବିକେ ଏବଂ ଆକାଂକ୍ଷୀ ଜିଲ୍ଲାରେ ରେଳ ଭିତ୍ତିଭୂମିକୁ ପ୍ରାଧାନ୍ୟ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର କଳ୍ପନାକୁ ସାକାର କରିବ

ଭୁବନେଶ୍ୱର,୩/୨ (ନି.ପ୍ର): ଫେବୃୟାରୀ ୦୩ – ୨୦୨୩-୨୪ ଆର୍ଥିକ ବର୍ଷ କେନ୍ଦ୍ର ବଜେଟରେ ଓଡ଼ିଶାକୁ ରେକର୍ଡସଂଖ୍ୟକ ୧୦ ହଜାର ୧୨ କୋଟି ଟଙ୍କାର ରେଳ ଅନୁଦାନ ରାଜ୍ୟବାସୀଙ୍କୁ ଖୁସି ଦେଇଛି ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ ଓ ଯାତ୍ରୀ ସୁବିଧାକୁ ଗୁରୁତ୍ୱ ଦେଇ ଚଳିତ କେନ୍ଦ୍ର ବଜେଟରେ ରେକର୍ଡସଂଖ୍ୟକ ଅନୁଦାନ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଦେଇଛନ୍ତି । ସେ ଟ୍ୱିଟ୍ କରିଛନ୍ତି ଯେ 'ପୂର୍ବୋଦୟ ମିଶନ'ରେ ଓଡିଶାରେ ରେଳ ଭିତ୍ତିଭୂମିର ବିକାଶକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଉଛି । ମୋଦି ସରକାରରେ ଓଡ଼ିଶାକୁ ରେଳ କ୍ଷେତ୍ରରେ ଦାବି ଠାରୁ ଅଧିକ ଅର୍ଥ ମିଳିଛି । ଏହି ଅନୁଦାନ ରେଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ସହ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବ । ଓଡିଶାରେ ୩୭ଟି ନୂଆ ରେଳ ଲାଇନ ପ୍ରକଳ୍ପ ପାଇଁ ୨୫୬୪ କୋଟି, ୪,୬୪୩ କିମି ରେଳ ଲାଇନର ଦହୋରୀକରଣ ପାଇଁ ୩୮୦୦ କୋଟି ଟଙ୍କା ବ୍ୟୟବରାଦ ରେଳ ସଂଯୋଗକୁ ସୁଗମ କରିବା ସହ ପର୍ଯ୍ୟଟନ ଭିତ୍ତିଭୂମି ଏବଂ ଅର୍ଥନୀତିକୁ ସଶକ୍ତ କରିବ । ଆର୍ଥିକ ବର୍ଷ ୨୦୨୩-୨୪ କେନ୍ଦ୍ର ବଜେଟରେ ପଶ୍ଚିମ ଓଡିଶାବାସୀଙ୍କ ବହୁ ପ୍ରତିକ୍ଷୀତ ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ପାଇଁ ୧୫୯୯ କୋଟି ଅନୁଦାନ ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବ । ତାଳଚେର-ବିମଳାଗଡ଼ ରେଳ ଲାଇନ ପାଇଁ ୩୦୦ କୋଟି, ଅନୁଗୋଳ- ସୁକିନ୍ଦା ରୋଡ ପାଇଁ ୨୦୦ କୋଟି ଅନୁଦାନ ସ୍ୱାଗତଯୋଗ୍ୟ । ଲିଙ୍ଗରାଜ ରୋଡ ଷ୍ଟେସନରୁ ପୁରୀ ପର୍ଯ୍ୟନ୍ତ ବନ୍ଦେ ମେଟ୍ରୋ ଟ୍ରେନର ଚଳାଚଳ ଏବଂ ଭୁବନେଶ୍ୱର, ଅନୁଗୋଳ, ତାଳଚେର, ଢେଙ୍କାନାଳ ଓ ସମ୍ବଲପୁର ସମେତ ୫୭ଟି ଷ୍ଟେସନର ନବୀକରଣ ଓ କେବିକେ ଏବଂ ଆକାଂକ୍ଷୀ ଜିଲ୍ଲାରେ ରେଳ ଭିତ୍ତିଭୂମିକୁ ପ୍ରାଧାନ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିକଶିତ ଭାରତର କଳ୍ପନାକୁ ସାକାର କରିବ । ନୂଆ ଜନ ଜାତୀୟ ଗୌରବ କୋରିଡର, ଏନର୍ଜି କୋରିଡର, ନୂତନ ବନ୍ଦର ସଂଯୋଗ ପାଇଁ ରେଳ ଭିତ୍ତିଭୂମି ଏବଂ ୱାନ ଷ୍ଟେସନ- ୱାନ ପ୍ରଡକ୍ଟ ପାଇଁ ଓଡ଼ିଶାର ୨୮ଟି ଷ୍ଟେସନ ଚିହ୍ନଟ କରିବା ପାଇଁ ହୋଇଥିବା ଅଭିନବ ଯୋଜନା ଦ୍ୱାରା ରାଜ୍ୟର ଜନସାଧାରଣ ବିଶେଷ ଲାଭ ପାଇବେ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ।

# ପାଣି ପଂଚାୟତ ପକ୍ଷ ପାଳନ : ଜିଲ୍ଲାରେ ଗଡ଼ିଲା ପାଣି ପଂଚାୟତ ସେଚତନତା ରଥ

ବାରିପଦା,୩/୨(ନି.ପ୍ର):ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ତରଫରୁ ସାରା ରାଜ୍ୟେର ଚଳିତ ଫେବୃଆରୀ ମାସ ୧ ତାରିଖ ଠାରୁ ଫେବୃଆରୀ ୧୫ ତାରିଖ ପର୍ଯ୍ୟନ୍ତ ପାଣି ପଂଚାୟତ ପକ୍ଷ ପାଳନ ଅବସରେର ଆଜି ପୂର୍ବାହ୍ନ ୧୦ ଘଟିକା ସମୟେର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରେ ମୟୁରଭଂଜ ଜିଲ୍ଲା ଜଳେସଚନ ବିଭାଗ ତରଫରୁ ଏକ ପାଣି ପଂଚାୟତ ରଥକୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ସବୁଜ ପତାକା ଦେଖାଇ ଶୁଭ ଉଦଘାଟନ କରିଛନ୍ତି । ଜିଲ୍ଲାରେ ଅଧିକରୁ ଅଧିକ ପ୍ରାୟ ୪୦ ହଜାର ହେକଟର ଚାଷ ଜମିକୁ ଜଳ ସେଚନ ଅନ୍ତର୍ଭୁକ୍ତ କରାଯାଇଥିବା ବେଳ, ଉକ୍ତ ସେଚତନତା ରଥ ଆଜିଠାରୁ ସମଗ୍ର ଜିଲ୍ଲାରେ ପରିକ୍ରମା କରି ଚାଷୀ ମାନଙ୍କୁ ଚାଷ ଜମି ପାଇଁ ଉଦ୍ଦିଷ୍ଟ ଜଳ ଯେମିତି ସବର୍ତକୃଷ୍ଟ ଭବେ ସେମାନଙ୍କ ଦ୍ୱାରା ଉପେଯାଗ ହୋଇ ପାରିବ ବୋଲି କହିଥିଲେ । ଫେବୃଆରୀ ୮ ତାରିଖ ଦିନ ବାରିପଦାଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ ଉତ୍ସବରେ ସାମିଲ ହେବ ବୋଲି ଜଣାଯାଇଛି । କାର୍ଯ୍ୟକ୍ରମରେ ମୟୁରଭଂଜ ଜଳେସଚନ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସର୍ବେଶ୍ୱର ସେନାପତି, ଅଧିକ୍ଷଣ ଯନ୍ତ୍ରୀ ପ୍ରସାଦ ରଂଜନ ପଣ୍ଡା, ମାନସ ରଂଜନ ଦାଶ, ଜମ୍ବୀରା କେନାଲ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଅନିରୁଦ୍ଧ ପୃଷ୍ଟି, ପି.ଡି. ୱାଟର ସେଡ ଭବାନୀ ଶଙ୍କର କେଲା, ଶାମାଖୁଂଟା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଶ୍ରୀମତୀ ସଙ୍ଘମିତ୍ରା ପଟ୍ଟନାୟକ, ନାବାର୍ଡ ଏ. ଜି. ଏମ. ସ୍ମୃତି ରଂଜନ ପଟ୍ଟନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ମାନସ ରଂଜନ ସାହୁ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଓ. ଏଲ. ଆଇ. ସି. ବଂଶୀଧର ସିଂ, ଜିଲ୍ଲା କୃଷି ଅଧିକାରୀ ଶ୍ରୀ ପ୍ରଦୀପ କୁମାର ସାହୁ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଂଜନ ମହାନ୍ତିଙ୍କ ସେମତ ବିଭିନ୍ନ ଗଣମାଧମର ପ୍ରତନିଧିମାନେ ଉପସ୍ଥିତ ଥିଲେ ।




# ଗୁଜିଦରଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ

## କ୍ରୀଡା ଶିକ୍ଷାର ଏକ ଆବଶ୍ୟକୀୟ ଅଂଶ

ଭଦ୍ରକ,୩/୨(ନି.ପ୍ର): ଗୁଜିଦରଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଏମ.ଡି. ପରହାତ ଆଲାମ ଖାଁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହି କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ସି.ଆର.ସି.ସି. ସେକ ଇରସାଦ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଖେଳର ଉପକାରିତା ବିଷୟରେ କହିଥିଲେ । ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ ଉତ୍ସବରେ ସଭାପତିତ୍ୱ କରି ଖେଳ କେବଳ ଶିକ୍ଷା ନୁହେଁ ପରନ୍ତୁ ଜୀବନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କହିଥିଲେ । ଶ୍ରୀମତୀ ରଶ୍ମିରେଖା ସେଠୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲାବେଳେ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କ୍ରୀଡା ଶିକ୍ଷୟିତ୍ରୀ ନଜିମ ସୁଲତାନା ଖେଳ ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ ସସ୍ମିତା ଚୌଧୁରୀ, ରାଜଲକ୍ଷ୍ମୀ ସ୍ୱାଇଁ, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ଅଜମଲ ହୋସେନ ଖାଁ, ଇଫତେଖାନ୍ ଅଲ୍ଲୀ ଅହମ୍ମଦ, ସୁଲେନା ଖାତୁନ, ବିଲକିସ ବାନୋ, ନଜମା ଖାତୁନ, ରମେଶ ଚନ୍ଦ୍ର ସୟ, ଅର୍ଚ୍ଚନା ସାହୁ, ମନିଷା ଦାସ, ସିକନ୍ଦର ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ଦୁଇଦିନର କ୍ରୀଡାକୁ ପରିଚାଳନା କରିଥିଲେ । ପରିଶେଷରେ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।



# ସାମ୍ବାଦିକ ସଂଘର ଆନ୍ଦୋଳନକୁ କଂଗ୍ରେସ ନେତା ଦୁର୍ଗା ଟୁଡୁଙ୍କ ସମର୍ଥନ

ଉଦଳା, ତା.୦୩/୦୨(ନି.ପ୍ର)- କପ୍ତିପଦା ଉପଖଣ୍ଡର ଉପଜିଲ୍ଲାପାଳ ଭଗବାନ ବେହେରାଙ୍କ ବଦଳି ଦାବି କରି ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ଆନ୍ଦୋଳନ ଜାରୀ ରହିଛି । ଏଥିପାଇଁ ପ୍ରତି ସୋମବାର ଦିନ ଉଦଳାସ୍ଥିତ ଉପଜିଲ୍ଲାପଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମ୍ବାଦିକ ମାନେ ଧାରଣା ଦେଉଥିବା ବେଳେ, କଳାବ୍ୟାଚ ପିନ୍ଧି ସରକାରଙ୍କୁ ତାଙ୍କର ଦାବୀ ବିଷୟରେ ଅବଗତ କରାଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଏତିକି ବେଳେ କଂଗ୍ରେସର ବରିଷ୍ଠ ନେତା ଦୁର୍ଗା ଚରଣ ଟୁଡୁ ସାମ୍ବାଦିକ ମାନଙ୍କର ଆନ୍ଦୋଳନକୁ ସମର୍ଥନ ଜଣାଇଥିବାର ଖବର ମିଳିଛି । ଶ୍ରୀଯୁକ୍ତ ଟୁଡୁ କହିଛନ୍ତି, ଉପଜିଲ୍ଲାପାଳ ଭଗବାନ ବେହେରା ଖଣି ମାଫିଆ, ବାଲି ମାଫିଆଙ୍କ ଠାରୁ ମାସିକିଆ ବଟି ଆଦାୟ କରୁଛନ୍ତି । ଖାଲି ସେତିକି ନୁହେଁ ସାଧାରଣ ଲୋକଙ୍କ ପ୍ରତି ଯେଉଁ ଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି ତାହାକୁ ଭାଷାରେ ବର୍ଣ୍ଣନା କରାଯାଇ ପାରିବନାହିଁ । ସେ ଭୁଲି ଯାଉଛନ୍ତି, ଆମ ଦେଶରେ ଗଣତନ୍ତ୍ର ଶାସନ ଚାଲିଛି । ଲୋକଙ୍କ ଖଜଣା ପଇସାରେ ସେ ଦରମା ନେଉଛନ୍ତି ବୋଲି । ଉପଜିଲ୍ଲାପାଳ ଭଗବାନ ବେହେରାଙ୍କୁ ତୁର' ଏଠାରୁ ବଦଳି କରାଯାଉ ବୋଲି ସାମ୍ବାଦିକ ମାନଙ୍କର ଦାବୀ ସହିତ ଶ୍ରୀଯୁକ୍ତ ଟୁଡୁ ମଧ ନିଜର ସ୍ୱର ମେଳାଇଛନ୍ତି ।

# ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତ ଶରୀର ଉଦ୍ଧାର ଘଟଣାରେ ବାପା ଓ ପୁଅକୁ ବାନ୍ଧିଲା ପୁଲିସ

ବସ୍ତା,୩।୨(ନିପ୍ର) :ବସ୍ତା ଥାନା ବେଗୁନିଆ ଗ୍ରାମର ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତ ଶରୀର ନିଯବାଡ଼ିରୁ ଉଦ୍ଧାର ଘଟଣାରେ ବାପା , ପୁଅକୁ ଶୁକ୍ରବାର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାରୁ ପ୍ରକାଶ ଗତ ଜାନୁଆରୀ ୨୨ ତାରିଖ ଏହିଗ୍ରାମର ନରହରି ନାୟକ ଙ୍କ ସ୍ତ୍ରୀ ମଞ୍ଜୁଲତା (୫୭) ଙ୍କ ଅର୍ଦ୍ଧଦଗ୍ଧ ମୃତ ଶରୀର ନିଜ ବାଡ଼ିରେ ପଡ଼ିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ପରେ ଘଟଣାସ୍ଥଳରେ ପୋଲିସ,ସାଇଣ୍ଟିଫିକ ଟିମ୍ ସହିତ ସନ୍ଧାନି କୁକୁର ପହଞ୍ଚି ଦୁର୍ଘଟଣା ତଦନ୍ତ ଆରମ୍ଭ କରିଥିଲେ । ମୃତକ ମହିଳାଙ୍କ ପାରିପାର୍ଶିକ ଅର୍ଦ୍ଧଦଗ୍ଧ ଶରୀର ଟି ସ୍ଥିର ଭାବେ ପଡିରହିଥିବା ବେଳେ ତାଙ୍କୁ ପ୍ରଥମେ ମାରି ପ୍ରମାଣ ନଷ୍ଟ ପାଇଁ କିରସିନି ଢାଳି ନିଆଁ ଲଗାଇଥିବା ପ୍ରାଥମିକ ତଦନ୍ତ ରୁ ଜଣାଯାଇଥିଲା । ଅର୍ଦ୍ଧଦଗ୍ଧ ମୃତ ଶରୀର କୁ ସାଇଣ୍ଟିଫିକ୍ ଟିମ୍ ପରୀକ୍ଷା ନିରୀକ୍ଷା ପାଇଁ ବାଲେଶ୍ୱର ନେଇଥିଲେ । ଅପରପକ୍ଷେ ପୋଲିସ ୨୩/୨୩ ରେ ଏକମାମଲା ରୁଜୁକରି ବାରମ୍ବାର ଘଟଣାସ୍ଥଳରେ ତଦନ୍ତ ଅଧିକାରୀ ସନ୍ଦୀପ କୁମାର୍ କୁଯୁର,ବସ୍ତା ଥାନା ଅଧିକାରୀ ବାରିଣି ଦାସ ଓ ଏସଡିପିଓ ଜଳନ୍ଧର ଜାଲି ପହଞ୍ଚି ଗ୍ରାମବାସୀ ସହିତ ସାକ୍ଷୀମାନଙ୍କୁ ପଚାରା ଉଚରା କରି ଏହି ଘଟଣା ଏକ ସୁପରିକଳ୍ପିତ ହତ୍ୟା ବୋଲି ଜାଣିବାକୁ ପାଇ ଏଥିରେ ସଂପୃକ୍ତି ଥିବା ମଞ୍ଜୁଲତା ଙ୍କ ସ୍ୱାମୀ ନରହରି ନାୟକ (୫୯) ଓ ପୁଅ ସତ୍ୟବ୍ରତ ନାୟକ(୩୨) କୁ ଗିରଫ କରି ସେମାନଙ୍କ ଡାକ୍ତରୀ ପରୀକ୍ଷା କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

# ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ଭାସୁଛି ମୃତ ଗୃହପାଳିତ ପଶୁ : ପରିବେଶ ଦୂଷିତ



ଜଳେଶ୍ୱର,୩/୨(ନି.ପ୍ର): ସୁବର୍ଣ୍ଣରେଖା ନଦୀତଟ ଗ୍ରାମ ଗୁଡିକରୁ ବାରମ୍ବାର ନଦୀକୁ ମୃତ ଗୃହପାଳିତ ପଶୁକୁ ଫିଙ୍ଗୁ ଥିବାରୁ ପାଣି ଓ ପରିବେଶ ଦୂଷିତ ହେଉଛି । ଏହାର ନିରାକରଣ ଲାଗି ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ପରି ମନେ ହେଉଛି । ଆଜି ସୁବର୍ଣ୍ଣରେଖା ନଦୀର କୋର୍ଟସାହି- ସାନରାଉତପଡା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ମୃତ ଜର୍ସି ଗାଇର ଶରୀର ଭାସୁଥିବାର ଦେଖିବାକୁ ମିଳିଛି । କେବଳ ଗାଇ ନୁହେଁ ଅନ୍ୟ କେତେକ ସମୟରେ ବିଲେଇ, କୁକୁର, କୁକୁଡା, ଘୁସୁରୀ, ଛେଳି ପଚମାନ ଅବସ୍ଥାରେ ଭାଷୁଥିବା ଦେଖିବାକୁ ମିଳୁଛି । ନଦୀକୂଳ ଗାଁ କାଦରାୟାଁ ଓ ଗୋପିନାଥପୁର ଗ୍ରାମର କେତେକ ବ୍ୟକ୍ତି ଏହା ଫୋପାଡିଥିବା ଅଭିଯୋଗ ହୋଇଛି । କେତେକ ଗୋ ମାଫିଆ ବ୍ୟବସାୟ କରୁଥିବା ବେଳେ କୌଣସି କାରଣରୁ ଗୃହ ପାଳିତ ପଶୁର ମୃତ୍ୟୁ ଘଟିଲେ ସେମାନେ ନଦୀକୁ ଫୋପାଡୁଥିବା ଅଭିଯୋଗ ହେଉଛି । କେବଳ ଆଜି ନୁହେଁ ଅତିତରେ ବାରମ୍ବାର ଏପରି ପଚମାନ ଗୋରୁଗାଇ ଭାଷୁଥିବା ଦେଖିବାକୁ ମିଳିଥାଏ । ପଚମାନ ଶବ ଗୁଡିରେ ପୋକ ଯୋକ ସାଲୁବାଲୁ ଦେଖି ଛୋଟ ଛୋଟ ପିଲାଙ୍କ ମନରେ ଭାବାନ୍ତର ସୃଷ୍ଟି ହେଉଛି । ଦୁର୍ଗନ୍ଧରେ ନାକ ଫାଟି ଯାଉଛି । ଏପରିକି ମାଛ ମାରିବାକୁ ଯାଉଥିବା ଲୋକେ ମଧ୍ୟ ଏ ସଂପର୍କରେ ଅଭିଯୋଗ କରୁଛନ୍ତି । ଗ୍ରୀଷ୍ମକାଳରେ ଅଧିକ ଲୋକେ ନଦୀରେ ସ୍ନାନ କରିବା, ନଦୀ ପାର ହେବା ଦେଖି ବିରକ୍ତ ପ୍ରକାଶ କରିଥାନ୍ତି । ଆଜି ସାନରାଉତପଡା ଗାଁର ବହୁ ସ୍ତ୍ରୀଲୋକ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଏପରି ଦେଖି ଗାଁକୁ ଖବର ଦେଇଥିଲେ । ସ୍ତ୍ରୀଲୋକମାନେ ଜର୍ସୀଗାଇକୁ ନଦୀ ବନ୍ଧକୁ ଆଣିନପାରି ଗଭୀର ନଦୀକୁ ଠେଲି ଦେଇଥିବା ଜଣାପଡିଛି ।

# ଏନ୍.ଆଇ.ଟିର ୨୦ତମ ସମାବର୍ତ୍ତନ ଉତ୍ସବ




ରାଉରକେଲା,୩/୨(ନି.ପ୍ର): ଏନ.ଆଇ.ଟି ରାଉରକେଲାର ବିଂଶତମ ସମାବର୍ତ୍ତନ ଉତ୍ସବରେ ୧୭୧୭ଜଣ ଛାତ୍ରଛାତ୍ରୀ (୩୫୧ ଝିଅ ଓ ୧୩୬୬ପୁଅ) ତାଙ୍କର ସ୍ନାତକ ଉପାଧି ଗ୍ରହଣ କରିବେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ (ସେଲ୍)ର ଅଧକ୍ଷା ଶ୍ରୀମତୀ ସୋମା ମଣ୍ଡଲ, ସମ୍ମାନୀତ ଅତିଥି ଭାବେ ଏମ.ସି.ଏଲ.ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଓମ୍ ପ୍ରକାଶ ସିଂ ଦେବେ । ଏନ୍.ଆଇ.ଟି ରାଉରକେଲାର ନିର୍ଦ୍ଦେଶକ ତଥା ବୋର୍ଡ ଅଫ୍ ରାଉର୍ଣ୍ଣରସ୍‌ର ଅଧକ୍ଷ ପ୍ରଫେସର କେ. ଉମା ମହେଶ୍ୱର ରାଓ ଏହି ସମାବର୍ତ୍ତନ ଉତ୍ସବରେ ପୌରହିତ୍ୟ କରିବେ । ଉକ୍ତ ୧୭୧୭ଟି ଉପାଧି ମଧ୍ୟରୁ ୭୭ ବି.ଟେକ୍, ୧୭ ବି.ଆର୍ଟ, ୪୧ ଇଣ୍ଟିଗ୍ରେଟେଡ୍ ଏମ୍.ଏସ୍.ସି (୫ବର୍ଷିଆ), ୧୫୧ ଏମ.ଏସ.ସି, ୨୩ ଏମ.ଏ, ୨୬ ଏମ.ବି.ଏ, ୫୨୫ ଏମ.ଟେକ୍, ୨ ଏମ.ଟେକ୍ (ଗବେଷଣା ଦ୍ୱାରା) ଏବଂ ୧୨୪ ପି.ଏଚ.ଡି ଛାତ୍ରଛାତ୍ରୀ ତାଙ୍କ ଉପାଧି ଗ୍ରହଣ କରିବେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡିଜିଟାଲ ଇଣ୍ଡିଆ ଉପଲକ୍ଷେ ଏନ.ଆଇ.ଟି ରାଉରକେଲା ଏହି ସମସ୍ତ ଡିଗ୍ରୀ ସାର୍ଟିଫିକେଟ୍ ଓ ଟ୍ରାନ୍ସକ୍ରିପ୍ଟକୁ ଡିଜିଲକ୍‌ର ମାଧମରେ ତଥା ବ୍ଲକ୍‌ଚେନ୍ ଆଧାରିତ ଡିଜିଟାଲ ଡିଗ୍ରୀ ପ୍ରଦାନ କରିବେ । ଏହି ସୁବିଧା ପିଲାଙ୍କୁ ଡିଜିଟାଲ ୱାଲେଟ୍‌ରେ ସହଜରେ ନିଆ ଅଣା କରି ପାରିବେ । ଏହି ଡିଜିଲକର ସୁବିଧାକୁ ମୁଖ୍ୟ ଅତିଥି ସମାବର୍ତ୍ତନ ଉତ୍ସବରେ ଉଦ୍‌ଘାଟନ କରିବେ । ଏଲୁମନସ ପୁରସ୍କାର-ଏହା ସହ ନିଅ ଜଣଙ୍କୁ ବିଶିଷ୍ଟ ଏଲୁମନସ୍ ପୁରସ୍କାରରେ ସମ୍ମାନିତ କରାଯିବ । ସେମାନେ ହେଲେ ପ୍ରଫେସର ଭାଲ୍ଲମୁଦି ରବି (ମେକାନିକାଲ ଇଞ୍ଜିନିୟରିଂ ବିଭାଗର ଇନଷ୍ଟିଚ୍ୟୁଟ୍ ଚେୟାର୍ ପ୍ରଫେସର, ଆଇ.ଆଇଟି (ମୁମ୍ବାଇ), ପ୍ରଫେସର ପିନାକେଶ୍ୱର ମହାନ୍ତ- ଏନ.ଆଇ.ଟି ଅରୁଣାଚଳ ପ୍ରଦେଶର ନିର୍ଦ୍ଦେଶକ, ପ୍ରଫେସର ଲକ୍ଷ୍ମୀଧର ବେହେରା ଆଇ.ଆଇ.ଟି ମଣ୍ଡିର ନିର୍ଦ୍ଦେଶକ ପ୍ରଫେସର ନିକୁଞ୍ଜ ସ୍ୱାଇଁ- ଯୁକ୍ତରାଷ୍ଟ୍ର ଆମେରିକାର ସାଉତ୍ କାରେଲିନା ଷ୍ଟେଟ୍ ୟୁନିଭରସିଟିର କମ୍ପ୍ୟୁଟର୍ ସାଇନ୍ସ ତଥା ଗଣିତ ବିଭାଗର ଚେୟାର ପ୍ରଫେସର । ଶ୍ରୀ ଅତନୁ ଭୌମିକ୍- ସେଲ୍ ଅନ୍ତର୍ଗ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା କାରଖାନା ମୁଖ୍ୟ । ଶ୍ରୀମତୀ ପ୍ରତିଭା ମହାପାତ୍ର- ଆଡୋକ୍ ଇଣ୍ଡିଆର ଉପ ସଭାପତି ତଥା ପରିଚାଳନା ନିର୍ଦ୍ଦେଶକ, ରିଅର୍ ଆଡ୍‌ମିରାଲ ଶ୍ରୀ ସଂଜୟ ଚୌବେ (ଅବସରପ୍ରାପ୍ତ, ପୂର୍ବତନ ସି.ଏମ.ଡି, ଇ.ସି.ଆଇ, ଏଲ । ଶ୍ରୀ ଲଳିତ ଦାସ- ଓଡ଼ିଶା ସରକାର, ଶ୍ରୀ ସୂର୍ଯ୍ୟ ନାରାୟଣ ସାହୁ ଉଦ୍ୟୋଗପତି । ଏହା ସହିତ ୬ଜଣ ଛାତ୍ରଛାତ୍ରୀଙ୍କୁ ଇନ୍‌ଷ୍ଟିଚ୍ୟୁଟ୍ ଗୋଲ୍‌ଡ ମେଡାଲ ପ୍ରଦାନ କରାଯିବ । ସେମାନେ ହେଲେ ୧. ମନିଶ ଗାଡ଼ିକର, (ଏମ.ଟେକ୍),୨. ସ୍ୱାତୀ କୁମାରୀ- ଡୁଆଲ୍ ଡିଗ୍ରୀ (ବିଟେକ୍ ଓ ଏମ୍‌ଟେକ୍),୩. ଶ୍ରୀକୃଷ୍ଣ ମିଶ୍ର (ଇଣ୍ଟିଗ୍ରେଟେଡ୍ ଏମ.ଏସ.ସି), ୪. ହମ୍‌ସା ଏସ.କେ (୨ ବର୍ଷିଆ ଏମ.ଏସ. ସି ଓ ଏମ୍.ଏ), ୫. ଆଦିତ୍ୟ ମେନନ (ଏମ.ଏସ.ସି ଓ ଏମ୍.ଏ), ୬. ସିମରନ୍ ଦୀପ ସିଂ କେରାଲ (ବି.ଟେକ୍ ଓ ବି. ଆର୍ଟ) ।

## ନାଟ୍ୟକାର ପ୍ରଭାତ କୁମାର ସିଂହ ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା,୦୩/୦୨(ନି.ପ୍ର) କେନ୍ଦ୍ରାପଡ଼ା ଉଷାରାଣୀ ଗୀତିନାଟ୍ୟ ପରିଷଦର ପ୍ରଭାତ କୁମାର ସିଂହ ପୁରୀ ଠାରେ "ରଘୁ ଅରିକ୍ଷୀତ ସମ୍ବାଦ" ନାଟ୍ୟ ପରିବେଷଣ କରି ସମ୍ବର୍ଦ୍ଧିତ ହୋଇଛନ୍ତି । ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଷାରାଣୀ ଗୀତିନାଟ୍ୟ ପରିଷଦ ଓ ସଙ୍ଗୀତ ସାଧନ କେନ୍ଦ୍ରାପଡା ତରଫରୁ ଶ୍ରୀ ଜଗନ୍ନାଥାୟନ କାର୍ଯ୍ୟକ୍ରମରେ ଯୋଗ ଦେଇ ନାଟ୍ୟ ପରିବେଷଣ କରି ଶ୍ରୀ ସିଂହ ସମ୍ବର୍ଦ୍ଧିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ପ୍ରଭାତ କୁମାର ସିଂହଙ୍କ ସମେତ ନାଟ୍ୟ ରଚକ ଅଭିରାମ ନାୟକ, ବିଜୟ କୁମାର ବେହେରା, ଅଭିରାମ ପଣ୍ଡା, ସୁପ୍ରଭା ମହାରଣା, ମୈତ୍ରୀ ମିଳନ ମୁକ୍ତିସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ତ୍ରୀ ହତ୍ୟାକାରୀକୁ କୋର୍ଟ ଚାଲାଣ

ଦେବକୁଣ୍ଡ, ୩/୨(ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମପଂଚାୟତ ଅନ୍ତର୍ଗତ ବୁଧିଆଦର ଗ୍ରାମର ରୁହିଦାସ ଭକ୍ତାଙ୍କ ପୁଅ ବାପୁନ ଭକ୍ତା (୧୮) କୁ ଉଦଳା ପୁଲିସ ନରହତ୍ୟା ମାମଲା ରୁଜୁ କରି ଜେଲ ହାଜତକୁ ପଠାଇ ଦେଇଛି । ଘଟଣାରୁ ପ୍ରକାଶ ଝାଡ଼ଗ୍ରାମ ଜିଲ୍ଲା ଗୋପୀ ବହ୍ଲବପୁର ଥାନା ଅଧିନରେ ଥିବା ଝରଣୀ ଗ୍ରାମର ଦିଲ୍ଲିପ ଭକ୍ତାଙ୍କ ଜିଅ ବନିତା ଭକ୍ତା (୧୬)କୁ ବାପୁନ ଭକ୍ତାକୁ ବିବାହ କରିଥିଲେ । ବନିତା ଭକ୍ତା ରାତିରେ ଶାଶୁଘର ପରିବାର ଲୋକେ ଶୋଇପଡ଼ିଥିବା ସମୟରେ ସେ ନିଜ ଓଢ଼ଣୀକୁ ବେକରେ ବାନ୍ଧି ପଙ୍ଖାରେ ଝୁଲି ପଡ଼ିଥିଲେ ଓ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ । ପରିବାର ଲୋକେ ସକାଳେ ଜାଣିପାରି ସ୍ଥାନୀୟ ପୁଲିସ ଫାଣ୍ଡିକୁ ଖବର ଦେଇଥିଲେ । ପୁଲିସ ପହଂଚି ଶବକୁ ଜବଦ କରିବା ସହିତ ବ୍ୟବଚ୍ଛେଦ ପାଇଁ ଉଦଳା ଡ଼ାକ୍ତରଖାନାକୁ ପଠାଇଥିଲେ । ବ୍ୟବଚ୍ଛେଦ ପରେ ଉଦଳା ପୁଲିସ ସ୍ୱାମୀ ବାପୁନ ଭକ୍ତା ନାମରେ ଆଇପିସି/୧୬ ଦଫା ୩୭୬/୩୦୬ ରେ ମାମଲା ରୁଜୁ କରି ତାକୁ ପୋସ୍କୋ କୋର୍ଟକୁ ପଠାଇ ଦେଇଛନ୍ତି । କିନ୍ତୁ କନ୍ୟା ପିତା ଏ ସମ୍ପର୍କରେ ଉଦଳା ଥାନାରେ ଝିଅ ନିଜେ ଆତ୍ମହତ୍ୟା କରିଛି ବୋଲି ଲିଖିତ ଏତଲା ଦେଇଛନ୍ତି ।

- ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
- ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

- Managing & Executive Editor : Srustidhar Parida
- Editor: Sairindhree Sahoo